


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-60 ◆SUNDAY ◆24 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୬୦ ◆ରବିବାର ◆୨୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଚଢ଼ା ଶୁଳ୍କର ପ୍ରଭାବ

# ଆମେରିକାକୁ ଡାକ ସେବା ବନ୍ଦ

■ **ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ଜବାବୀ ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ଦେଖାଦେଇଛି। ଏପରି ସମୟରେ ଭାରତ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ନୂଆ ନିୟମ ଘୋଷଣା ହେବା ପରେ ଭାରତ ସରକାର ଆମେରିକାକୁ ଅସ୍ଥାୟୀ ଭାବେ ଡାକ ସେବା ବନ୍ଦ କରିଦେଇଛନ୍ତି। ୨୫ ତାରିଖରୁ ଡାକ ମାଧ୍ୟମରେ ଆମେରିକାକୁ ଯାଉଥିବା ସାମଗ୍ରୀ ବୁକିଂ ଉପରେ କଟକଣା ଲଗାଇ ଦିଆଯାଇଛି। ତେବେ ଶହେ ଡଲାର ପର୍ଯ୍ୟନ୍ତ ଉପହାର ଏବଂ ଚିଠିକୁ ପୂର୍ବଭଳି ସ୍ୱୀକାର କରାଯିବ। ଆମେରିକାର ଶୁଳ୍କ ଜବାବରେ ଭାରତ ଏହି ପଦକ୍ଷେପ ନେଇଥିବା କୁହାଯାଉଛି।

ଡାକ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ ଅନ୍ତର୍ଜାତୀୟ ଡାକ ନେଟୱର୍କ ଦ୍ୱାରା ମାଲ୍ ପହଞ୍ଚାଉ ଥିବା ଗାଡ଼ି କିମ୍ବା ଆମେରିକା ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ଦ୍ୱାରା ଅନୁମୋଦନ ହୋଇଥିବା ଅନ୍ୟ 'ଯୋଗ୍ୟ ପକ୍ଷ'ଙ୍କୁ ଡାକ ସିପ୍‌ମେଣ୍ଟ ଉପରେ ଶୁଳ୍କ ଆଦାୟ କରାଯିବ। ତେବେ ଏ ପର୍ଯ୍ୟନ୍ତ ଯୋଗ୍ୟ ପକ୍ଷ୍ କିଏ ହେବ ତାହାକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନାହିଁ। ଗତ ୩୦ ତାରିଖରେ ଆମେରିକା ମଧ୍ୟ ଏଭଳି ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଥିଲା। ଏଥିରେ ୮୦୦ ଡଲାର ପର୍ଯ୍ୟନ୍ତ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଶୁଳ୍କ ରିଆତିକୁ ବନ୍ଦ କରିଦିଆଯାଇଥିଲା। ୨୯ ତାରିଖରୁ ଆମେରିକା ଯାଉଥିବା ସବୁ ସାମଗ୍ରୀ ଉପରେ ସୀମା ଶୁଳ୍କ ଦେବାକୁ ପଡ଼ିବ। ଇଣ୍ଟରନ୍ୟାସନାଲ 'ଏମର୍ଜେନ୍ସି ଇକୋନମିକ ପାୱାର ଆକ୍ଟ' ଅଧିନରେ ଏହା ଧାର୍ଯ୍ୟ କରାଯିବ। ତେବେ ଶହେ ଡଲାର ପର୍ଯ୍ୟନ୍ତ ଉପହାର ପରେ ଶୁଳ୍କ ଲାଗିବ ନାହିଁ ବୋଲି କୁହାଯାଇଥିଲା।

ଭାରତୀୟ ଡାକ ବିଭାଗ ଏ ନେଇ ସବୁ ଅଂଶଧାରକଙ୍କ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି। ଯଥାଶୀଘ୍ର ସେବାକୁ ସ୍ୱାଭାବିକ କରିବା ପାଇଁ ପ୍ରୟାସ କରାଯାଉଥିବା କୁହାଯାଇଛି। ଯେଉଁ ଗ୍ରାହକ ପୂର୍ବରୁ ଏଭଳି ସାମଗ୍ରୀ ବୁକ୍ କରି ସାରିଛନ୍ତି କିମ୍ବା ଆମେରିକା ପଠାଇ ପାରିନାହାନ୍ତି, ସେମାନେ ଶୁଳ୍କ ଫେରାଇ ନେଇପାରିବେ ବୋଲି କୁହାଯାଇଛି। ସମସ୍ୟା ପାଇଁ ଗ୍ରାହକଙ୍କୁ ଭାରତୀୟ ଡାକ ବିଭାଗ କ୍ଷମା ମାଗିଛି।

ଏବେ ଶହେ ଡଲାର ଅର୍ଥାତ୍ ପ୍ରାୟ ୮,୭୦୦ ଟଙ୍କା ମୂଲ୍ୟ ଉପହାର ଉପରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଏହି ସୀମା ୮୦୦ ଡଲାର ଅର୍ଥାତ୍ ୭୦ ହଜାର ଟଙ୍କା ଥିଲା। ଆମେରିକାର ନିର୍ଦ୍ଦେଶ ପରେ ଅନେକ ଦେଶ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି। ଡାକ ବିଭାଗ ଏହା ଉପରେ ଅସ୍ଥାୟୀ କଟକଣା ଲଗାଇ ଥିଲେ ବି ଏହା କେତେ ଦିନ ପର୍ଯ୍ୟନ୍ତ ଜାରି ରହିବ ତାହା ସ୍ପଷ୍ଟ କରିନାହିଁ। ସିବିପି ଏବଂ ୟୁନାଇଟେଡ ଷ୍ଟେଟସ୍ ପୋର୍ଟାଲ ସର୍ଭିସେସ (ୟୁଏସପିଏସ) ସହ ମିଶି ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରାଯାଉଛି ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି।




# ନବୀନ ନିବାସରେ ମୋହନ

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୩।୮ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ସୁସ୍ଥତା କାମନା କରି 'ଆପଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି' ବୋଲି ପଚାରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଉତ୍ତରରେ 'ମୁଁ ସୁସ୍ଥ ଅନୁଭବ କରୁଛି' ବୋଲି କହିଥିଲେ। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ ଧରି ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ନବୀନ ନିରାମୟ ଜୀବନ କାମନା କରିବା ସହ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ସହଯୋଗ ଲୋଡ଼ିଥିଲେ। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ଅତ୍ୟଧିକ 'ଡିହାଇଡ୍ରେସନ' କାରଣରୁ ବିରୋଧୀ ଦଳ ନେତା ▶ପୃଷ୍ଠା-୭

**ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା**



## ଅନଲାଇନ୍ ବେଟିଂ | କର୍ଣ୍ଣାଟକ ବିଧାୟକ ଗିରଫ

■ **ବେଙ୍ଗାଲୁରୁ, ୨୩।୮ (ଏଜେନ୍ସି):** ଅନ୍‌ଲାଇନ୍ ବେଟିଂ ତଥା ଜୁଆକୁ ବ୍ୟାନ୍ କରାଯିବାର ଗୋଟିଏ ଦିନ ପରେ କର୍ଣ୍ଣାଟକର କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ସିକ୍କିମରୁ ଗିରଫ କରିଛି। ମନି ଲଣ୍ଡରିଂ ଆକ୍ଟ ମାମଲାରେ ତାଙ୍କୁ ଗିରଫ କରାଯାଇଛି। ଇଡି ଶୁକ୍ରବାର ବୀରେନ୍ଦ୍ରଙ୍କ ବିଭିନ୍ନ ଠିକଣା ଉପରେ ଚଢ଼ଉ କରିଥିଲା ଇଡି। ଚଢ଼ଉ ବେଳେ ନଗଦ ୧୨ କୋଟି ଟଙ୍କା, ୬ କୋଟି ଟଙ୍କାର ସୁନା ଗହଣା ଜବତ କରାଯାଇଛି। କେବଳ ସେତିକି ନୁହେଁ; ଏକ କୋଟି ଟଙ୍କାର ବିଦେଶୀ ମୁଦ୍ରା ଓ ୪ଟି ଗାଡି ମଧ୍ୟ ଇଡି ଜବତ କରିଛି।

ବୀରେନ୍ଦ୍ରଙ୍କ ଗ୍ୟାଙ୍ଗଟକ, ଚିତ୍ରଦୁର୍ଗ ଜିଲ୍ଲା, ବେଙ୍ଗାଲୁରୁ, ହୁବଲି, ଯୋଧପୁର, ମୁମ୍ବଇ ଓ ଗୋଆର ଠିକଣା ଉପରେ ଚଢଉ କରାଯାଇଛି। ତାଙ୍କର ୫ଟି କାସିନୋ ଉପରେ ମଧ୍ୟ ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ବୀରେନ୍ଦ୍ର କର୍ଣ୍ଣାଟକର ଚିତ୍ରଦୁର୍ଗ ବିଧାନସଭାର ବିଧାୟକ ରହିଛନ୍ତି। ଗୋଆରେ ତାଙ୍କର କ୍ୟାସିନୋ କାରବାର ମଧ୍ୟ ରହିଛି ବୋଲି କୁହାଯାଉଛି। ତାଙ୍କର ୧୭ଟି ବ୍ୟାଙ୍କ ଖାତା ଓ ଦୁଇଟି ବ୍ୟାଙ୍କ ଲକରକୁ ସିଜ୍ ▶ପୃଷ୍ଠା-୭



**୧୨ କୋଟି ନଗଦ ଟଙ୍କା, ୬ କୋଟିର ଗହଣା ଜବତ**

## ୩,୦୭୩ କୋଟିର ଋଣ ଠକେଇ

# ଅନିଲ ଅମ୍ବାନୀଙ୍କ ଘରେ ସିବିଆଇ ଚଢ଼ଉ

■ **ମୁମ୍ବଇ, ୨୩।୮ (ଏଜେନ୍ସି):** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ୩,୦୭୩ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ଶନିବାର ସକାଳେ ଅନିଲଙ୍କ ମୁମ୍ବଇର ସିଁୱିଣ୍ଡ ସ୍ଥିତ ବାସଭବନରେ ଚଢ଼ଉ କରିଛି। ସୂଚନା ଅନୁଯାୟୀ ସକାଳ ୭ଟାରେ ସିବିଆଇର ୭ରୁ ୮ ଅଧିକାରୀ ଶିଳ୍ପପତିଙ୍କ ଘରେ ପହଞ୍ଚି ଥିଲେ। ଅନିଲ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅଧିକାରୀ ଘରର ତଲାସୀ ନେଇଥିଲେ। ଏହି ମାମଲା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସମ୍ବନ୍ଧିତ। ଦିଲ୍ଲୀରେ ଏ ନେଇ ଏସ୍‌ବିଆଇ ପକ୍ଷରୁ ଏତଲା ଦିଆଯାଇଥିଲା। ଏ ନେଇ ସିବିଆଇ ଅନିଲ ଏବଂ ତାଙ୍କ କମ୍ପାନୀ ରିଲାଏସ କମ୍ୟୁନିକେସନ (ଆର କମ୍) ବିରୋଧରେ ନୂଆ ଏତଲା ରୁଜୁ କରିଥିଲା। କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ନିକଟରେ ଲୋକସଭାରେ ଏହି ▶ପୃଷ୍ଠା-୭

## ଲଘୁଚାପ ସକ୍ରିୟ | ବର୍ଷାରେ ଭିଜିବ ପହିଲି ପାର୍ବଣ

■ **ଭୁବନେଶ୍ୱର, ୨୩।୮ (ସମିସ):** ରାଜ୍ୟର ବିଭିନ୍ନ ଭାଗରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହା ପହିଲି ପାର୍ବଣକୁ ଫିକା କରିପାରେ। ଆଗାମୀ ୪ ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ପହିଲି ପାର୍ବଣ ଗଣେଶ ପୂଜା ଫିକା ପଡ଼ିବା ନେଇ ଆଶଙ୍କା ଦେଖାଦେଇଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିବା କାରଣରୁ ଆଗାମୀ ୨୭ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ବୁଲେଟିନ୍ ଜାରି କରି ସବିଶେଷ ସୂଚନା ପ୍ରଦାନ କରାଯାଇଛି।

**୨୭ ଯାଏଁ ରାଜ୍ୟବ୍ୟାପୀ ବର୍ଷା**

**ଆଜି ୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି**

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଏହି ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଉତ୍ତର ପଶ୍ଚିମ ଦିଗରେ ଗତି କରିବା ସହ ଝାଡଖଣ୍ଡ ଦେଇ ଗତି କରିବାର ସମ୍ଭାବନା ରହିଛି। ଫଳସ୍ୱରୂପ ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡାରେ ପ୍ରବଳ ବର୍ଷା ସମ୍ଭାବନା ▶ପୃଷ୍ଠା-୭

## ପୁଣି ୮ ଫାଟକ ଖୋଲିଲା ହୀରାକୁଦ

■ **ସମ୍ବଲପୁର, ୨୩।୮ (ସମିସ):** ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ଏବଂ ଲଘୁଚାପ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବନ୍ୟାଜଳ ପରିମାଣ ବୃଦ୍ଧି ପାଇଛି। ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଜଳ ପରିଚାଳନା ସକାଶେ ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ପୁଣିଥରେ ଜଳଭଣ୍ଡାରର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି। ଏହି ସମୟରେ ହୀରାକୁଦ ଜଳସ୍ତର ୬୨୦.୪୦ ଫୁଟ୍ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ▶ପୃଷ୍ଠା-୭

**ପ୍ରବେଶ କରୁଛି ୨,୧୩,୧୩୫ ଘନଫୁଟ ଜଳ**

# ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆଶଙ୍କା

■ **ବାଲେଶ୍ୱର, ୨୩।୮ (ସମିସ):** ଲଘୁଚାପ ଯୋଗୁଁ ସୁବର୍ଣ୍ଣରେଖାର ଉପରମୁଣ୍ଡ ତଥା ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରେ ପ୍ରବଳ ବର୍ଷା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଗାଲୁଡିହି ବ୍ୟାରେଜ୍‌ର ୧୩ଟି ଫାଟକ ଖୋଲି ଦିଆଯାଇଛି। ଫଳରେ ଉପରମୁଣ୍ଡରୁ ଘଣ୍ଟାପ୍ରତି ୫୪୨୮.୫୬ କ୍ୟୁସେକ୍ ପାଣି ମାଡ଼ି ଆସୁଛି। ଏହାଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ବିଶେଷକରି ସୁବର୍ଣ୍ଣରେଖାରେ ଜଳସ୍ତର ବଢ଼ି ଚଳିତବର୍ଷ ଷଷ୍ଠଥର ପାଇଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ, ବାଲେଶ୍ୱର ଜିଲ୍ଲାରେ ତିନିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଫଳରେ ଜିଲ୍ଲାରେ ଥିବା ତିନୋଟି ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ▶ପୃଷ୍ଠା-୭

**ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ ଖୋଲିଲା ୧୩ ଫାଟକ**

# ମାରିଜୁଆନା ପାଇଁ ଭୁବନେଶ୍ୱର ନିରାପଦ!

■ **ଭୁବନେଶ୍ୱର, ୨୩।୮ (ସମିସ):** ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୪କୋଟିର ମାରିଜୁଆନା। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଲା ବେଳେ ଧରିଲା କଷ୍ଟମ ବିଭାଗ। ମାରିଜୁଆନା ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି ପଞ୍ଜାବାର ପ୍ରେମୀ ଯୁଗଳ। ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହାପୂର୍ବରୁ ସେମାନେ ଏକାଧିକ ଥର ଏୟାରପୋର୍ଟ ଦେଇ ମାରିଜୁଆନା ଭୁବନେଶ୍ୱରକୁ ଆଣିଥିବା କହିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ କଡ଼ା ଯାଞ୍ଚ ▶ପୃଷ୍ଠା-୭

**ବିମାନବନ୍ଦରରୁ ଆଉ ୪ କୋଟିର ମାରିଜୁଆନା ଜବତ**

**ପ୍ରେମୀ ଯୁଗଳ ଗିରଫ, ବ୍ୟାଙ୍କକ୍‌ରୁ ଆସିଥିଲେ**

**ଧରାପଡିଲାଣି ୫୦ କୋଟିର ବିଦେଶୀ ଡ୍ରଗ୍ସ**








## ୭ ଲକ୍ଷର ଫସଲ ବୀମା | ୩୦ ହଜାର ପ୍ରିମିୟମ୍; ଚାଷୀ ପାଇଲେ ୧୨୭୪

■ **ଭୋପାଳ, ୨୩।୮ (ଏଜେନ୍ସି):** ଫସଲ କ୍ଷତିରୁ ଚାଷୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଣାଯାଇଥିବା ସରକାର ଦାବି କରୁଛନ୍ତି। ମାତ୍ର ଏହାର ପ୍ରକୃତ ଲାଭ ଚାଷୀଙ୍କୁ ମିଳିପାରୁନାହିଁ। କିନ୍ତୁ ଚାଷୀ ଯେଉଁ ଅର୍ଥ ଦେଇ ଫସଲ ବୀମା କରାଉଛନ୍ତି ସେଥିରେ ବୀମା କମ୍ପାନୀ ଲାଭାନ୍ୱିତ ହେଉଛନ୍ତି। ଧର୍ମକୁ ଆଖିଠାରୁ ଭଳି ଫସଲ କ୍ଷତିର କ୍ଷତିପୂରଣ ନାମରେ ଠକି ଦିଆଯାଇଛି ବୋଲି ଖୋଦ୍ ଚାଷୀ କହୁଛନ୍ତି।

ମଧ୍ୟପ୍ରଦେଶ ଖଣ୍ଡୱାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଗତ ବର୍ଷ ଚାଷୀ ରାଜେନ୍ଦ୍ର ପ୍ରଜାପତି ୨୧ ଏକରରେ ସୋୟାବିନ ଚାଷ କରିଥିଲେ। ମାତ୍ର ଏହି ଫସଲ ଖରାପ ହୋଇ ଯାଇଥିଲା। ମରୁଡି ଯୋଗୁଁ ଗୋଟିଏ ଦାନା ବି ତାଙ୍କୁ ମିଳିପାରି ନ ଥିଲା। ଫସଲ ବୀମା କରିବାକୁ ସେ ନିଜ ହାତରୁ ୬ ହଜାର ଟଙ୍କାର ପ୍ରିମିୟମ ଦେଇଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଂଶକୁ ମିଶାଇ ପ୍ରିମିୟମ ମୋଟ ୩୦ ହଜାର ଟଙ୍କା ହୋଇ ଯାଇଥିଲା। ୭ ଲକ୍ଷରୁ ଅଧିକ ଟଙ୍କାର ଫସଲ ବରବାଦ ହେବା ପରେ ବୀମା ପାଇଁ ଦାବି କରାଯାଇଥିଲା। ମାତ୍ର ଏବେ ସରକାର କ୍ଲେମ କରାଇବାରୁ ବୀମା କମ୍ପାନୀ କେବଳ ୧୨୭୪ ଟଙ୍କା ପ୍ରଦାନ କରିଛି। ବୀମା କମ୍ପାନୀ ଘା'ରେ ମଲମ ଲଗାଇବା ପରିବର୍ତ୍ତେ ଅଧିକ ଦୁଃଖ ଦେଇଛି। ତେଣୁ ବୀମାରାଶିକୁ ଡିଡି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପଠାଇବି ବୋଲି ଚାଷୀ କହିଛନ୍ତି।

ରାଜେନ୍ଦ୍ରଙ୍କ ସୂଚନା ଅନୁଯାୟୀ ସରକାର ଏବଂ ବୀମା କମ୍ପାନୀ କ୍ଲେମ ବାବଦ ଅର୍ଥ ଦେଇ ଖରିଫ ଋତୁରେ ଫସଲ କ୍ଷତି ହୋଇଛି ବୋଲି ସ୍ୱୀକାର କରିଛନ୍ତି। କ୍ଲେମ ବାବଦକୁ ୧୨୭୪ ଟଙ୍କା କେମିତି ହେଲା ତାହାର ଗଣିତ ବୁଝି ପଡୁନାହିଁ। ପ୍ରିମିୟମ ବାବଦକୁ ଏହାର ୫ ଗୁଣା ରାଶି ପ୍ରଦାନ କରିଛି। ଅଂଶଧନ ବାବଦକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଚାରି ଗୁଣା ଲେଖାଏଁ ରାଶି ପ୍ରଦାନ କରିଛନ୍ତି। ରାଜେନ୍ଦ୍ର କହିଛନ୍ତି ଯେ ସହରଠୁ ୧୫ କିମି ଦୂର ମୋରଦଡ଼ରେ ତାଙ୍କ ୨୫ ଏକର ପୈତୃକ ଜମି ରହିଛି। ସେ ଏଥିରୁ ୨୧ ଏକରରେ ସୋୟାବିନ ଲଗାଇ ଥିଲେ। କିନ୍ତୁ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଥିଲା। ବୀମା କମ୍ପାନୀର ସର୍ଭେୟର ମଧ୍ୟ ଖେତକୁ ବୁଲି ଦେଖିଥିଲେ। ଏକର ପିଛା ୭ କ୍ୱିଣ୍ଟାଲ ହିସାବରେ ମୋଟ ୧୪୦ କ୍ୱିଣ୍ଟାଲ ସୋୟାବିନ ହେବ ବୋଲି ଆକଳନ କରିଥିଲେ। ସେ ସମୟରେ ବଜାରରେ ଏହାର ମୂଲ୍ୟ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କା ଥିଲା। ଏହି ହିସାବରେ ଫସଲ ମୂଲ୍ୟ ୭ ▶ପୃଷ୍ଠା-୭



# ଭାରତରୁ ତେଲ କିଣିବାକୁ କାହାକୁ ବାଧ କରାଯାଉ ନାହିଁ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ୨୫ ପ୍ରତିଶତ ଶୁଳ୍କ ଲାଗୁ ହୋଇସାରିଥିବା ବେଳେ ବାକି ୨୫% ୨୭ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଶୁଳ୍କକୁ ଭାରତ ବିରୋଧ କରିଛି। ଏହାକୁ ମନମୁଖି ଏବଂ ବେଆଇନ କହିଛି। ଏହାକୁ ନେଇ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଲାଗି ରହିଛି। ଏପରି ସମୟରେ ଭାରତ ଏବଂ ଆମେରିକା ମଧ୍ୟରେ କୌଣସି ଝଗଡ଼ା ନାହିଁ ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଏବେ ବି ବାଣିଜ୍ୟ ଚୁକ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ତେବେ ଏହି ଚୁକ୍ତିରେ କିଛି ଲକ୍ଷ୍ମଣରେଖା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ 'ଇକନୋମିକ ଟାଇମ୍ସ ୱାର୍ଲ୍ଡ ଲିଡର୍ସ ଫୋରମ-୨୦୨୫'ରେ ସାମିଲ ହୋଇ ସେ ଶନିବାର ଏହି ଟିପ୍ପଣୀ ଦେଇଛନ୍ତି।

ଜୟଶଙ୍କର କହିଛନ୍ତି ଯେ ଭାରତର ଚାଷୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ନିଷ୍ପତ୍ତି ନିଆଯାଉଛି। ରୁଷଠାରୁ ତୈଳ କ୍ରୟକୁ ନେଇ ସମାଲୋଚକଙ୍କୁ ବିଦେଶମନ୍ତ୍ରୀ ଦୃଢ଼ ଜବାବ ଦେଇଛନ୍ତି। ସେ ଭାରତର ତୈଳ କ୍ରୟକୁ ଉଚିତ ବୋଲି କହିଛନ୍ତି। ଭାରତ ନିଜ ରାଷ୍ଟ୍ରୀୟ ସ୍ୱାର୍ଥକୁ ଦେଖି ନିଷ୍ପତ୍ତି ନେଉଛି। ଏହା ମୂଲ୍ୟକୁ ମଧ୍ୟ ସ୍ଥିର ରଖୁଛି। ଅଧିକ ଦାମ୍‌ରେ ରୁଷ୍ ତୈଳ ବିକିବା ଅଭିଯୋଗ ଉପରେ ଜୟଶଙ୍କର କହିଛନ୍ତି ଯେ ଆମେରିକା ସରକାରର ବ୍ୟବସାୟିକ ସ୍ୱାର୍ଥ ସପକ୍ଷରେ କାମ କରୁଥିବା ଲୋକ ଅନ୍ୟମାନଙ୍କ ଉପରେ ବ୍ୟବସାୟକୁ ନେଇ ଅଭିଯୋଗ ଲଗାଇବା ହାସ୍ୟାସ୍ପଦ। ଯଦି କୌଣସି ଦେଶ ଭାରତଠାରୁ ତେଲ କିଣିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନେ ନ କିଣନ୍ତୁ। ଭାରତ କୌଣସି ଦେଶକୁ ତେଲ କିଣିବାକୁ ବାଧ କରୁନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ରୁଷ ଠାରୁ ତେଲ କିଣି ଏହାର ବିଶୋଧନ ପରେ ଭାରତୀୟ



**ଯାହାର ସମସ୍ୟା ହେଉଛି ସେ ନ ନିଅନ୍ତୁ**

**ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି**

କଂପାନୀ ଅନ୍ୟ ଦେଶକୁ ବିକ୍ରି କରୁଛନ୍ତି।

ଶୁଳ୍କ ବିବାଦ ସଂପର୍କାରେ ଜୟଶଙ୍କର ତିନୋଟି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ବ୍ୟବସାୟ, ରୁଷ ତୈଳ କ୍ରୟ ଏବଂ ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା ସାମିଲ ରହିଛି। ଜୟଶଙ୍କର କହିଛନ୍ତି ଯେ ବ୍ୟବସାୟ ଏବଂ ଚାଷୀଙ୍କ ସ୍ୱାର୍ଥକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଛି। କୌଣସି ବି ପରିସ୍ଥିତିରେ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ। ଏଥିପାଇଁ ଯାହା କରିବାକୁ ପଡ଼ିବ ତାହା କରାଯିବ।

ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ଜୟଶଙ୍କର କହିଛନ୍ତି ଯେ ଏଥିରେ କାହାର ମଧ୍ୟସ୍ଥତାକୁ ଗ୍ରହଣ କରାଯିବ ନାହିଁ। ଏ ନେଇ ଭାରତର ଆଭିମୁଖ୍ୟ ବହୁତ ସ୍ପଷ୍ଟ ରହିଛି। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ଏହି ସଂଘର୍ଷ ବନ୍ଦ କରାଇଥିବା ଦାବି କରି ଆସୁଛନ୍ତି। ମାତ୍ର ଭାରତ ଏହାକୁ ଖାରଜ କରିଚାଲିଛି। ଜୟଶଙ୍କର କହିଛନ୍ତି ଯେ କୌଣସି ସଂଘର୍ଷ ହେଲେ ଦେଶମାନେ ପରସ୍ପର ସହ ଆଲୋଚନା କରିଥାନ୍ତି। ଆମେରିକା ଏବଂ ଅନ୍ୟ ଦେଶମାନେ ମଧ୍ୟ ଫୋନ୍ କରିଥିଲେ। ଏହାକୁ ନେଇ ଚୁକ୍ତି କରାଇଥିବା ଦାବି କରିବା ଭୁଲ୍। ପାକିସ୍ତାନ ସହ ନିଜର ପୁରୁଣା ସମ୍ପର୍କକୁ ଆମେରିକା ଭୁଲି ଯାଉଛି। ବିଶ୍ୱର ସବୁଠୁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲାଡେନ ପାକିସ୍ତାନରେ ହିଁ ଥିଲା। ଆମେରିକା ଏବଂ ପାକିସ୍ତାନ ନିଜ ନିଜ ଇତିହାସକୁ ବାରମ୍ବାର ଅଣଦେଖା କରିଚାଲିଛନ୍ତି। କିଛି ଦେଶ ସୁବିଧା ପାଇଁ ରାଜନୀତି କରୁଛନ୍ତି। ଏଥିରେ କିଛି ରଣନୈତିକ ଲାଭ ଥାଇପାରେ ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସଂପର୍କରେ ସେ କହିଛନ୍ତି ଯେ ଏହାପୂର୍ବରୁ ଆମେରିକା।ରେ ଏଭଳି ରାଷ୍ଟ୍ରପତି ନଥିଲେ। ଟ୍ରମ୍ପଙ୍କ ଭଳି କୌଣସି ରାଷ୍ଟ୍ରପତି ବିଦେଶ ନୀତିର ପରିଚାଳନା କରି ନାହାନ୍ତି। ଏହା ଦ୍ୱାରା ବଡ଼ ପରିବର୍ତ୍ତନ ଆସିଛି। କେବଳ ଭାରତ ନୁହେଁ, ଅନେକ ରାଷ୍ଟ୍ର ଉପରେ ଏହାର ପ୍ରଭାବ ପଡ଼ିଛି।

## ଫୋଗତ ହତ୍ୟା ମାମଲା

## ୩ ବର୍ଷରେ ୫୦ ତାରିଖ; ସିବିଆଇ ବାଟବଣା

ଫତେହାବାଦ୍, ୨୩।୮ (ଏଜେନ୍ସି): ହରିୟାଣାର ଜଣାଶୁଣା ଟିକ୍‌ଟକ୍ ତାରକା ତଥା ବିଜେପି ନେତ୍ରୀ ସୋନାଲି ଫୋଗତ ହତ୍ୟା ଘଟଣା ଆଜିକୁ ୩ ବର୍ଷ ପୁରିଛି। ୩ ବର୍ଷ ଧରି ସିବିଆଇ ଯାଞ୍ଚ କରିବା ପରେ ହତ୍ୟାର ଉଦ୍ଦେଶ ନେଇ କୌଣସି ସୂଚନା ପାଇନାହିଁ ଓ ବାଟବଣା ହୋଇଛି। ଗତ ୩ ବର୍ଷ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ତାରିଖ ଆସିଛି ବୋଲି ତାଙ୍କ ଭାଇ କହିଛନ୍ତି। ଅଭିଯୁକ୍ତ ଜାମିନ ପାଇ ବାହରକୁ ଆସି ଖୋଲା ଖୋଲି ଭାବେ ବୁଲୁଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ କୁହାଯାଇଛି। ନ୍ୟାୟ ପାଇବାକୁ ତାଙ୍କ ପରିବାର ଆଶାବାନ୍ଧି ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ଅଗଷ୍ଟ ୨୨ ଓ ୨୩ ତାରିଖ ରାତିରେ ଗୋଆର ଅଞ୍ଜୁନା ବିଚ୍‌ସ୍ଥିତ କର୍ଲିସ ରେସ୍ତୋରାଁ-କ୍ଲବ ସୋନାଲିଙ୍କୁ ସନ୍ଦେହଜନକ ଭାବେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅତ୍ୟଧିକ ଔଷଦ ସେବନ ବା ଡ୍ରଗ୍ ଓଭରଡୋଜ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି। ସୋନାଲିଙ୍କ ବ୍ୟକ୍ତିଗତ ସହଯୋଗୀ ସୁଧୀର ସାଙ୍ଗୱାନ ଓ ତାଙ୍କ ବନ୍ଧୁ ସୁଖବିନ୍ଦର ସିଂ ହତ୍ୟା କରିଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଛି। ତଦନ୍ତ ପରେ ସବିଆଇ ଏହି ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ତେବେ ୮ ମାସ ପରେ ଦୁହିଁଙ୍କୁ ଜାମିନ ମିଳିଥିଲା। ଜାମିନ ବାତିଲ କରିବାକୁ ପରିବାର ତରଫରୁ ଆବେଦନ କରାଯାଇଥିଲେ ମଧ ଏ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଆଗାମୀ ସେପ୍ଟେମ୍ବର ୩ରେ ଏହି ମାମଲାର ଆଗାମୀ ଶୁଣାଣି ଗୋଆ ଜିଲ୍ଲା କୋର୍ଟରେ ହେବ। ସୁଧୀର ଏବେ ମଧ ସୋନାଲିଙ୍କ କାର ଚଳାଉଛନ୍ତି ଓ ସେ ତାଙ୍କର ୨୫ ଲକ୍ଷ ଟଙ୍କା ଜିନିଷ ହଡପ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସୋନାଲିଙ୍କ ଝିଅ ଯଶୋଧାରା ସ୍କୁଲ ଶେଷ କରିବା ପରେ ଏବେ କଲେଜରେ ଆଡମିଶନ କରିବେ।

## ପଞ୍ଜାବରେ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣରେ ୫ ମୃତ

ହୋଶିଆରପୁର, ୨୩।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁରରେ ପରିବା ନେଇ ଯାଉଥିବା ପିକ୍‌ଅପ୍ ଭ୍ୟାନ ଏକ ଏଲ୍‌ପିଜି ଟ୍ୟାଙ୍କରକୁ ଧକ୍କା ଦେବା ଫଳରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। ସ୍ଥାନୀୟ ମଣ୍ଡିଆଲା ଗାଁରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଛି। ଏଥିରେ ଏପର୍ଯ୍ୟନ୍ତ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ବିସ୍ଫୋରଣ ପରେ ୨୦୦ମିଟର ପରିମିତ ଅଞ୍ଚଳରେ ୨୫ଟି ଦୋକାନ ଓ ୧୦ଟି ଦୋକାନ ଜଳିବା ସହ କ୍ଷତିଗ୍ରସ୍ତ ହୋଇଛି। କେତୋଟି ଘରର ଛାତ ଗଳି ପଡ଼ିଛି। ଏଥିରେ ୩୦ ଜଣ ଲୋକଙ୍କ ଦେହରେ ନିଆଁ ଲାଗିବା ଫଳରେ ସେମାନେ ଆହତ ହୋଇଛନ୍ତି। ପିକ୍‌ଅପ ଚଳାଉଥିବା ଡ୍ରାଇଭରଙ୍କର କୌଣସି ପତା ମିଳିନାହିଁ। ସେ ଘଟଣାସ୍ଥଳରୁ ପଳାଇଯାଇଥିବା ଅନୁମାନ କରାଯାଉଛି। କିନ୍ତୁ ଏଲ୍‌ପିଜି ଟ୍ୟାଙ୍କର ଡ୍ରାଇଭର ମୃତ୍ୟୁବରଣ କରିଛନ୍ତି। ଆହତଙ୍କୁ ହୋସିଆପୁର ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଭାବେ ଆହତଙ୍କୁ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପାକିସ୍ତାନ ମିସାଇଲ ଦ୍ୱାରା ଆକ୍ରମଣ କରିଛି ବୋଲି ଭାବି ନେଇଥିଲେ। ସୂଚନା ପାଇବା ପରେ ବାୟୁସେନାର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ଭଗବତ ମାନ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ୧୪ ଘଣ୍ଟା ଧରି ଧରି ରାସ୍ତା ଜାମ ରହିବା ପରେ ପୁଲିସ ଜଳନ୍ଧର- ହୋସିଆରପୁର ହାଇୱେକୁ ଖାଲି କରିଛି।

## ନ୍ୟୁୟର୍କରେ ପଲଟିଲା ପର୍ଯ୍ୟଟକ ବସ୍, ୫ ମୃତ

ନ୍ୟୁୟର୍କ, ୨୩।୮ (ଏଜେନ୍ସି): ନ୍ୟୁୟର୍କରେ ଶୁକ୍ରବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ପଲଟିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ନାଏଗ୍ରା ଜଳପ୍ରପାତରୁ ବସ୍‌ଟି ନ୍ୟୁୟର୍କ ସିଟି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ବସ ଡ୍ରାଇଭର ନିୟନ୍ତ୍ରଣ ହରାଇବା ପରେ ବସ୍ ପଲଟିଥିଲା ବୋଲି ନ୍ୟୁୟର୍କ ଷ୍ଟେଟ୍ ପୁଲିସ ତରଫରୁ କୁହାଯାଇଛି। ଏହି ଦୁର୍ଘଟଣା ସ୍ଥାନୀୟ ସମୟ ଅପରାହ୍ନ ୧୨.୩୦ରେ ହୋଇଥିଲା। ବସରେ ୫୪ ଜଣ ଯାତ୍ରୀ ଥିଲେ। ଅଧିକାଂଶ ଯାତ୍ରୀ ସିଟ୍ ବେଲ୍ଟ ଲଗାଇ ନଥିଲେ। ଫଳରେ କିଛି ଯାତ୍ରୀ ଝରକା କାଚ ଭାଙ୍ଗିବା ଫଳରେ ବାହରକୁ ବାହାରି ଯାଇଥିଲେ। ଏହି ବସରେ ଅଧିକାଂଶ ଭାରତ, ଚୀନ୍ ଓ ଫିଲିପାଇନ୍ସର ଯାତ୍ରୀ ବସିଥିଲେ। ବସରେ ଛୋଟପିଲା ମଧ୍ୟ ଥିଲେ। ଆହତଙ୍କୁ ହଲିକପ୍ଟର ଓ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ରାସ୍ତାକୁ ବନ୍ଦ କରାଯାଇଥିଲା। ଉଦ୍ଧାରକାର୍ଯ୍ୟ ଏବେବି ଜାରି ରହିଛି।

## କର୍ଣ୍ଣାଟକ ଧର୍ମସ୍ଥଳ ମାମଲାରେ ନୂଆ ମୋଡ଼

# ମିଛ କହି ଗିରଫ ହେଲା ଅଭିଯୋଗକାରୀ

ମାଙ୍ଗାଲୁରୁ, ୨୩।୮ (ଏଜେନ୍ସି): କର୍ଣ୍ଣାଟକର ଧର୍ମସ୍ଥଳରେ ଏକାଧିକ ମୃତଦେହକୁ କବର ଦେବା ମାମଲା ଏବେ ନୂଆ ମୋଡ଼ ନେଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହି ମାମଲାରେ ଅଭିଯୋଗକାରୀକୁ ହିଁ ଗିରଫ କରିଛି। ତାଙ୍କ ବିରୋଧରେ ମିଥ୍ୟା ସୂଚନା ଓ ପ୍ରମାଣ ଦେବା ଅଭିଯୋଗ ହୋଇଛି। ଗିରଫ୍ ହୋଇଥିବା ଏହି ବ୍ୟକ୍ତି ମନ୍ଦିରର ପୂର୍ବତନ ସଫାଇ କର୍ମଚାରୀ ଥିଲେ। ଏହି ବ୍ୟକ୍ତି ହିଁ ଦୁଇ ଦଶନ୍ଧି ହେବ ଧର୍ମସ୍ଥଳରେ ଏକାଧିକ ହତ୍ୟା, ଦୁଷ୍କର୍ମ ଓ ମୃତଦେହ ପୋତିବାର ଅଭିଯୋଗ ଆଣିଥିଲେ। ଏହି ରହସ୍ୟମୟ ବ୍ୟକ୍ତି ହେଉଛନ୍ତି ସିଏନ ଚିନ୍ନାୟା। ସେ ୭୦ରୁ ୮୦ଟି ମୃତହେହ ବିଭିନ୍ନ ସ୍ଥାନରେ ପୋତିବା



ନେଇ ଦାବି କରିଥିଲେ। ତାଙ୍କୁ ଗତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ପଚରା ଉଚରା କରାଯାଇଥିଲା। ସେ ଦେଇଥିବା ସୂଚନା ଓ କାଗଜପତ୍ରରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା ବୋଲି ଏସ୍‌ଆଇଟି ମୁଖ୍ୟ ପ୍ରଣବ ମହାନ୍ତି କହିଛନ୍ତି। ତାଙ୍କୁ ଶନିବାର ସକାଳେ ଗିରଫ କରାଯାଇଛି। ପାର୍ଷ୍ଟକ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ହାଜର କରାଯାଇଥିଲା। କୋଟ ତାକୁ ୧୦ ଦିନ ପାଇଁ ଏସଆଇଟି ହେପାଜତକୁ ପଠାଇ ଦେଇଛନ୍ତି। ଚିନ୍ନାୟା ଏହି ମନ୍ଦିରରେ ୨୦୧୪ ପର୍ଯ୍ୟନ୍ତ ଝାଡୁଦାର ରୂପେ କାର୍ଯ୍ୟ କରୁଥିଲେ।

ଏହି ମାମଲାରେ କୌଣସି ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇନାହିଁ। ଗତ ଜୁଲାଇ ୧୧ରେ ଚିନ୍ନାୟା ବେଲଥାଙ୍ଗାଡି ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ସେବାସହ ଏକ ଖପୁରୀ ଓ କେତୋଟି ହାଡ ଉପସ୍ଥାପନ କରିଥିଲେ। ଏହା ଜଣେ ମହିଳାଙ୍କର ଓ ତାଙ୍କର ଯୌନଶୋଷଣ ହୋଇଥିଲା ବୋଲି ସେ ଦାବି କରିଥିଲେ। କିନ୍ତୁ ଏହି ଅବଶେଷ ଜଣେ ପୁରୁଷଙ୍କର ବୋଲି ଫରେନସିକ ଯାଞ୍ଚରୁ ଜଣାପଡ଼ିଥିଲା। ତାଙ୍କ ଉପରେ ଚାପ ପ୍ରୟୋଗ କରି ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପିଲାଙ୍କ ମୃତଦେହ ପୋତିବାକୁ ବାଧ କରାଯାଇଥିଲା ବୋଲି ସେ କହିଥିଲେ। କିନ୍ତୁ ଏହାପରେ ଏସ୍‌ଆଇଟି ୧୭ଟି ସ୍ଥାନରେ ଖନନ କରିଥିଲେ ମଧ୍ୟ କେବଳ ମାତ୍ର ଦୁଇଟି ପୁରୁଷଙ୍କ କଙ୍କାଳ ଉଦ୍ଧାର କରିଛି। ତେଣୁ ଚିନ୍ନାୟାଙ୍କ ସୂଚନା ଓ ମନ୍ତବ୍ୟରେ ତାଳମେଳ ରହୁନାହିଁ ବୋଲି ଏସ୍‌ଆଇଟି ଜାଣିବାକୁ ପାଇଛି। ଉଲ୍ଲେଖଥାଉ କି, ଧର୍ମସ୍ଥଳ ହେଉଛି ଭଗବାନ ଶିବଙ୍କର ମଞ୍ଜୁନାଥ ମନ୍ଦିର। ଏହା ମେଙ୍ଗାଲୁରୁ ନିକଟରେ ନେତ୍ରାବତୀ ନଦୀ କୂଳରେ ଅବସ୍ଥିତ ଓ ଏହା ଏକ ପ୍ରସିଦ୍ଧ ମନ୍ଦିର ଭାବେ ଖ୍ୟାତି ଲାଭ କରିଆସିଛି। ଏହି ମନ୍ଦିରରେ ପୂଜାପାଠ ବ୍ରାହ୍ମଣ କରିଥାନ୍ତି। କିନ୍ତୁ ମନ୍ଦିରର ସଞ୍ଚାଳନ ଜୈନ ଧର୍ମର ଲୋକ କରିଥାନ୍ତି।

## ସର୍ଗିଓ ଗୋର ଭାରତରେ ଆମେରିକା ରାଷ୍ଟ୍ରଦୂତ ନିଯୁକ୍ତ



ୱାଶିଂଟନ, ୨୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସର୍ଗିଓ ଗୋରଙ୍କୁ ଶୁକ୍ରବାର ଭାରତରେ ଆମେରିକାର ରାଜଦୂତ ନିଯୁକ୍ତ କରିଛନ୍ତି। ତାଙ୍କୁ ଦକ୍ଷିଣ ଓ ମଧ୍ୟ ଏସୀୟ ସଂକ୍ରାନ୍ତରେ ସ୍ୱତନ୍ତ୍ର ଦୂତ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଟ୍ରମ୍ପ ଓ ଏଲନ ମସ୍କଙ୍କ ମଧ୍ୟରେ ସର୍ଗିଓ ବିବାଦ ଆରମ୍ଭ କରାଇଥିଲେ ବୋଲି କୁହାଯାଉଛି। ମସ୍କ ରାଗିଯାଇ ସର୍ଗିଓଙ୍କୁ ଏକଦା ବିଷଧର ସାପ ବୋଲି କହିବାକୁ ପଛାଇ ନଥିଲେ। ଟ୍ରମ୍ପ ପରିବାରର ଏକାନ୍ତ ବିଶ୍ୱସ୍ତ ବୋଲି ତାଙ୍କୁ କୁହାଯାଇଥାଏ। ପୂର୍ବରୁ ସେ ଟ୍ରମ୍ପଙ୍କ କାର୍ଯ୍ୟକ୍ରମର ଦେଖାଶୁଣା କରୁଥିଲେ। ଟ୍ରମ୍ପଙ୍କୁ କିଏ ସାକ୍ଷାତ କରିବ ଓ କିଏ ନକରିବ ସେ ନିଷ୍ପତ୍ତି ସର୍ଗିଓ ନେଉଥିଲେ। ଏଥିପାଇଁ ଆମେରିକା ଗଣମାଧ୍ୟମ ତାଙ୍କୁ ଟ୍ରମ୍ପଙ୍କ 'ଗେଟ୍‌କିପର' ବୋଲି ଉଲ୍ଲେଖ କରିଥାଏ। ଏହି ନୂଆ ଦାୟିତ୍ୱ ମିଳିବା ପରେ ସେ ସାମାଜିକ ଗଣମାଧ୍ୟମ ଜରିଆରେ ଟ୍ରମ୍ପଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ୭ ମାସ ପରେ ଟ୍ରମ୍ପ ଭାରତରେ ଆମେରିକାର ରାଜଦୂତ ନିଯୁକ୍ତି ଦେଇଛନ୍ତି। ୩୮ ବର୍ଷୀୟ ସର୍ଗିଓ ଏବେ ଏରିକ ଗାର୍ସେଟିଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଏରିକ୍ ୨୦୨୩ ମେରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ଭାରତରେ ଆମେରିକାର ରାଜଦୂତ ରହିଥିଲେ।

## ୧୦ ଜଣ ମିଶି ଜଣକୁ ମାରିଲେ

ଅହମଦାବାଦ, ୨୩।୮ (ଏଜେନ୍ସି): ସ୍ଥାନୀୟ କାଗଡ଼ାପୀଡ ଅଞ୍ଚଳରେ ଦିନ ଦ୍ୱିପହରରେ ନିତିନ ପଟନୀ ନାମକ ଜଣେ ଯୁବକଙ୍କୁ ସଙ୍ଘବଦ୍ଧ ଭାବେ ହତ୍ୟା କରାଯାଇଛି। ୧୦ ଜଣ ଲୋକ ଧାରୁଆ ଅସ୍ତ୍ରରେ ରାସ୍ତା ଉପରେ ଆକ୍ରମଣ କରି ଜଣକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଗୁରୁତର ଆହତ ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଛନ୍ତି। ଦୁଇଟି ଗ୍ୟାଙ୍ଗ ମଧ୍ୟରେ ଲଢ଼େଇ କାରଣରୁ ଏପରି ହୋଇଛି ବୋଲି କୁହାଯାଇଛି। ପୀଡିତଙ୍କ ଭାଇ ଅକ୍ଷୟ ୭ଜଣଙ୍କ ବିରୋଧରେ ଅପହରଣ ଓ ହତ୍ୟାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ବିଜୟ, ଶୈଳେଶ, ପୁନମ ପଟନୀଙ୍କୁ ଗିରଫ କରିଛି। ବାକି ଅଭିଯୁକ୍ତଙ୍କୁ ପୁଲିସ ଖୋଜା ଜାରି ରଖିଛି ଓ ୫ଟି ଟିମ୍ ଗଠନ କରିଛି। ଅଭିଯୁକ୍ତମାନେ ଖଣ୍ଡା, ପାଇପ୍, ବାଡିରେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ଓ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

# ନକଲି କଲ୍‌ସେଣ୍ଟର, ୧୩୦ କୋଟିର ଠକେଇ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ବଡ଼ କର୍ଯ୍ୟାନୁଷ୍ଠାନ ଗ୍ରହଣକରି ଗୁରୁଗ୍ରାମ ଓ ଦିଲ୍ଲୀରେ ୭ଟି ଠିକଣାରେ ଚଢ଼ାଉ କରିବା ସହିତ ନକଲି ତଥା ଠକ କଲ ସେଣ୍ଟରଗୁଡିକର ପର୍ଦ୍ଦାଫାସ କରିଛି। ଏହି ସେଣ୍ଟରଗୁଡ଼ିକ ୧୩୦ କୋଟି ଟଙ୍କାର ଠକେଇ କରିଥିବା ଜଣାପଡ଼ିଛି।

**ଦିଲ୍ଲୀରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ**


**୩୦ ବ୍ୟାଙ୍କ ଖାତା, ୮ ବିଳାସପୂର୍ଣ୍ଣ କାର୍ ଜବତ**

**ଟାର୍ଗେଟରେ ଥିଲେ ଆମେରିକା ନାଗରିକ**

ଅବୈଧ କଲସେଣ୍ଟର ଓ ଜାଲିଆତି ମାମଲାରେ ଇଡି ମନି ଲଣ୍ଡରିଂ (ପିଏମ୍‌ଏଏଲ୍‌ଏ), ୨୦୦୨ର ଆଇନ୍ ଅନୁସାରେ ୭ଟି ଭିନ୍ନ ଭିନ୍ନ୍ ଠିକଣା ଉପରେ ଚଢ଼ାଉ କରିଥିଲା। ସିବିଆଇର ଏକ ଏଫ୍‌ଆଇଆରକୁ ଆଧାରିତ କରି ଇଡି ଏହି ବଡ଼ ଧରଣର ଚଢ଼ାଉ କରିଥିଲା। ଦିଲ୍ଲୀ ଓ ଗୁରୁଗ୍ରାମର କେତେକ ଠକ ନକଲି କଲ୍ ସେଣ୍ଟର ପରିଚାଳନା କରୁଥିଲେ। ଏମାନେ ଖାସ୍ କରି ଆମେରିକୀୟ ନାଗରିକଙ୍କୁ ଲକ୍ଷ୍ୟ କରି ଠକାମି କରୁଥିଲେ। ଏହି ଧନ୍ଦା ୨୦୨୨ ନଭେମ୍ବରରୁ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ଚାଲିଥିଲା। ଏହି ମାମଲାର ଅଭିଯୁକ୍ତ ଅର୍ଜୁନ ଗୁଲାଟୀ, ଦିବ୍ୟାଂଶ ଗୋଏଲ ଓ ଅଭିନବ କଲରା ଗୁରୁଗ୍ରାମ ଓ ନୋଏଡାରେ କଲସେଣ୍ଟର ଚଳାଇ ଆମେରିକୀୟ ନାଗରିକଙ୍କୁ ଟେକନିକାଲ ସପୋର୍ଟ ନାମରେ ଠକି ବିପୁଳ ଅର୍ଥ ଆଦାୟ କରିଥିଲେ। ଅଭିଯୁକ୍ତମାନେ ପୀଡିତଙ୍କ ବ୍ୟାଙ୍କ ଖାତାର ସୂଚନା ପାଇ ସେଥିରେ ଅନଧିକୃତ ଭାବେ ସଞ୍ଚାଳନ କରିବା ସହିତ କୋଟି କୋଟି ଟଙ୍କା ବିଦେଶୀ ଖାତାକୁ ପଠାଉଥିଲେ। ଏହାପରେ ଜଟିଳ ବ୍ୟାଙ୍କିଙ୍ଗ ନେଟ୍‌ୱର୍କ ମାଧ୍ୟମରେ ଏହି ଅର୍ଥ ଭାରତକୁ ଆଣି ବିଳାଷମୟ ଜୀବନଯାପନ କରୁଥିଲେ। ମାତ୍ର ୨ ବର୍ଷ ମଧ୍ୟରେ ଏମାନେ ୧୫ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୩୦ କୋଟି ଟଙ୍କା ଠକି ନେଇଥିଲେ। ଏହିକ୍ରମରେ ଇଡି ୩୦ଟି ବ୍ୟାଙ୍କ ଖାତାକୁ ଅକାମୀ କରିଛି। ୮ଟି ବିଳାଷମୟ କାର, ଦାମୀ ଘଡି ସହ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ କରିଛି।

## ଚନ୍ଦ୍ରବାବୁ ସବୁଠୁ ଧନୀ; ମମତା, ଓମାର ଗରିବ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦେଶର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ। ତାଙ୍କ ପାଖରେ ୯୩୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ରହିଛି। ଦେଶରେ ଏବେ ମୋଟ୍ ୩୦ଜଣ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୬୩୨ କୋଟି ଟଙ୍କାର ସମ୍ପତ୍ତି ରହିଛି।





ଏହାର ଅଧାରୁ ଅଧିକ ଅର୍ଥାତ ୫୭ ପ୍ରତିଶତ କେବଳ ଚନ୍ଦ୍ରବାବୁ ନାଇଡୁଙ୍କ ପାଖରେ ରହିଛି। ତାଙ୍କ ପଛକୁ ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ପାଖରେ ୩୩୨ କୋଟି ଟଙ୍କାର ସଂପତ୍ତି ଥିବା ବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ୫୧ କୋଟି ଟଙ୍କା ସହିତ ତୃତୀୟ ସ୍ଥାନରେ ରହିଛନ୍ତି। କୋଟିପତି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ରହିଛନ୍ତି ଯୋଗୀ ଆଦିତ୍ୟନାଥ (୧କୋଟି ୫୪ ଲକ୍ଷ), ମୋହନ ମାଝୀ (୧କୋଟି ୯୭ ଲକ୍ଷ), ନୀତୀଶ କୁମାର (୧କୋଟି ୬୪ ଲକ୍ଷ), ବିଷ୍ଣୁଦେଓ ସାଏ (୩କୋଟି୮୦ଲକ୍ଷ)। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହେଉଛନ୍ତି ସବୁଠାରୁ ଗରିବ। ତାଙ୍କର ସବୁଠୁ କମ୍ ସମ୍ପତ୍ତି ରହିଛି। ସେ ହେଉଛନ୍ତି ମାତ୍ର ୧୫ ଲକ୍ଷ ୩୮ ହଜାର ଟଙ୍କାର ମାଲିକ। କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କର ୫୫ ଲକ୍ଷର ସଂପତ୍ତି ରହିଛି। ଆସୋସିଏଟ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ନାମକ ଏନ୍‌ଜିଓ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଛି।

## ଟ୍ରକ୍- ଅଟୋ ମୁହାଁମୁହିଁ ଧକ୍କା: ୯ ମୃତ

ପାଟନା, ୨୩।୮ (ଏଜେନ୍ସି): ବିହାର ରାଜଧାନୀ ପାଟନାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଶନିବାର ସକାଳେ ଶାହାଜାହାଁପୁରର ଦନିୟାବା- ହିଲସା ରାଜ୍ୟ ରାଜପଥ-୪ରେ ସିଗ୍ରିୟାବା ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରକ୍ ଓ ଏକ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୭ ଜଣ ଲୋକ ଘଟଣା ସ୍ଥଳରେ ହିଁ ଜୀବନ ହରାଇଥିଲେ। ସେହିପରି ଦୁଇଜଣ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୮ ମହିଳା ଓ ଅଟୋ ଡ୍ରାଇଭର ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମା ଓ ଝିଅ ମଧ୍ୟ ରହିଛନ୍ତି। ସବୁ ମୃତକ ନାଳନ୍ଦାର ହିଲସ୍‌ରେ ରୁହନ୍ତି। ଆହତ ହୋଇଥିବା ଲୋକଙ୍କ ସ୍ଥିତି ଗମ୍ଭୀର ରହିଛି। ଆହତ ହୋଇଥିବା ଯାତ୍ରୀଙ୍କୁ ନାଳନ୍ଦା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏନ୍‌ଏମ୍‌ସିଏଚ୍) ରେ ଭର୍ତ୍ତି କରାଯାଇଛି। ସକାଳ ୬ଟାରେ ହିଁ ଏହି ଦୁର୍ଘଟଣା ଘଟିଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଟ୍ରକ ଅଟୋକୁ ଜୋରଦାର ଧକ୍କା ଦେଇଥିଲା। ଅଟୋରେ ବସିଥିବା ଲୋକ ଗଙ୍ଗା ସ୍ନାନ କରିବାକୁ ତ୍ରିବେଣୀ ଘାଟ ଯାଉଥିଲେ। ସିମେଣ୍ଟ ଫ୍ୟାକ୍ଟ୍ରି ପାଖରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଟ୍ରକ ସିମେଣ୍ଟ ଫ୍ୟାକ୍ଟ୍ରିର ହିଁ ଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଟ୍ରକ୍ ଏହି ସମେଣ୍ଟ କମ୍ପାନୀ ଭିତରକୁ ଚାଲିଯାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଲୋକ ରାସ୍ତା ରୋକ କରିଥିଲେ। ଘଟଣାସ୍ଥଳକୁ କମ୍ପାନୀ ମ୍ୟାନେଜରଙ୍କୁ ଡାକିବାକୁ ଲୋକ ଦାବି କରିଥିଲେ। ଦୁର୍ଘଟଣା ପରେ ରାସ୍ତା ସାରା ରକ୍ତର ଛିଟ୍‌କା ପଡ଼ିଥିଲା।


# ଉତ୍ତରାଖଣ୍ଡରେ ପୁଣି ବାଦଲଫଟା ବର୍ଷା; ଭାସିଗଲା ଦୋକାନ ବଜାର

ଡେରାଡୁନ୍, ୨୩।୮ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଥରାଲୀରେ ଶୁକ୍ରବାର ରାତି ୧ରୁ ୨ଟା ମଧ୍ୟରେ ବାଦଲ ଫଟା ବର୍ଷା ହୋଇଛି। ଆଖପାଖରେ ଥିବା ଦୁଇଟି ଗାଁ ସାଗୱାରା ଓ ଚୋପଡୋନରେ ବହୁତ କ୍ଷୟକ୍ଷତି ହୋଇଛି। ଥରାଲି ତହସିଲର ମୁଖ୍ୟ କାର୍ଯ୍ୟାଳୟର ନିକଟବର୍ତ୍ତୀ ଏକ କିମି ଅଞ୍ଚଳରେ ଜବରଦସ୍ତ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ କେତୋଟି ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ କ୍ଷୟକ୍ଷତି ଆହୁରି ଅଧିକ ହୋଇଛି ବୋଲି ଚାମୋଲିର ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ଦୀପ ତିୱାରୀ କହିଛନ୍ତି। ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ଚୋପଡନ ଗାଁରେ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ସେହିପରି ସାଗୱାରା ଗାଁରେ ଏକ ଘର ଉପରେ ଆବର୍ଜନା ମାଡିଯିବାରୁ ଜଣେ ଝିଅ ତଳେ ଦବି ରହିଛି। କିଛି ଘଣ୍ଟା ପରେ ଏହି ଝିଅର ମୃତଦେହ ଉଦ୍ଧାର କରାଯାଇଛି। ଦୁଇଟି ଗାଁରେ ପାଖାପାଖି ୭୦-୮୦ ଘରେ ୨ ଫୁଟ୍‌ର ଆବର୍ଜନା ଭରି ରହିଛି। ଥରାଲୀକୁ ସଂଯୋଗ କରୁଥିବା କର୍ଣ୍ଣପ୍ରୟାଗ- ଗୁଆଲଦମ ଜାତୀୟ ରାଜପଥରେ ଆବର୍ଜନା ଥିବାରୁ ବନ୍ଦ ରହିଛି। ଗତ ୧୮ ଦିନ ମଧ୍ୟରେ ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଦ୍ୱିତୀୟଥର ପାଇଁ ଏପରି ଘଟଣା ଘଟିଛି। ଏହାପୂର୍ବରୁ ଅଗଷ୍ଟ ୫ରେ ଧରାଲୀରେ ବାଦଲ ଫଟା ବର୍ଷା ଯୋଗୁଁ ବହୁତ କ୍ଷୟକ୍ଷତି ହୋଇଥିଲା।

**୮୦ ଘରେ ଦୁଇ ଫୁଟର ଆବର୍ଜନା ଭରିଗଲା**

**ଝାଡଖଣ୍ଡରେ ପ୍ରବଳ ବର୍ଷା: ୫ ମୃତ**

ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ହୋଇଥିଲେ। ମୌସୁମୀ ଆସିବା ପରେ ଉତ୍ତରାଖଣ୍ଡ ଓ ହିମାଚଳ ଭଳି ରାଜ୍ୟରେ ବାଦଲ ଫଟା ବର୍ଷା କାରଣରୁ ପ୍ରତିବର୍ଷ ଏହି ଭଳି ଏକାଧିକ ଘଟଣା ଘଟିଥାଏ। ସେପଟେ ସାରା ଦେଶରେ ୧୯ଟି ରାଜ୍ୟରେ ପ୍ରବଳ ବର୍ଷା



ହେବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି। ହିମାଚଳରେ ପ୍ରଦେଶରେ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ଆଶଙ୍କା କରାଯାଉଛି। ବର୍ଷା ଓ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ-୩୦୫ ସମେତ ମୋଟ୍ ୩୪୭ଟି ସଡ଼କ ବନ୍ଦ ରହିଛି। ଜୁନ୍ ୨୦ରୁ ମୌସୁମୀ ଆସିବା ପରଠାରୁ ହିମାଚଳରେ ଏପର୍ଯ୍ୟନ୍ତ ୨୯୫ ଜଣଙ୍କ ମୃତ୍ୟୁବରଣ କରିଛନ୍ତି।

ଝାଡଖଣ୍ଡରେ ଶନିବାର ସକାଳେ ପ୍ରବଳ ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ହୋଇଛନ୍ତି। ସଢେଇକଳା ଓ ଖରସୁଆଁ ଜିଲ୍ଲାରେ ଘର କାନ୍ଥ ଭୁଶିଡିବା କାରଣରୁ ଜଣେ ମହିଳା ଓ ତାଙ୍କର ୭ ବର୍ଷର ପୁଅ ଜୀବନ ହରାଇଛନ୍ତି। ମା ଓ ପୁଅଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ଅବସରରେ ଦୁହେଁ ପ୍ରାଣ ହରାଇଛନ୍ତି। ସେହିପରି ରାଜନଗର ବ୍ଲକର ଦଣ୍ଡୁ ଗାଁରେ ୮ ଜଣ ଲୋକ ଆହତ ହୋଇଛନ୍ତି।

# ଜେଲ୍ ଗଲେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

## ଆୟଠାରୁ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତି

କଟକ,୨୩।୮ (ସମିସ): କଟକ ସିଟି ହସ୍ପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ଭିଜିଲାନ୍ସ ତାଙ୍କ ଘର, ଅଫିସ୍ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଆୟ ତୁଳନାରେ ଶ୍ରୀ ସାହାଣୀ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତିର ଅଧିକାରୀ ବୋଲି ଭିଜିଲାନ୍ସ କହିଛି। ସରକାରୀ ଅର୍ଥ ତୋଷରପାତ ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୁର୍ନୀତି ନିବାରଣ ସଂଶୋଧିତ ଆଇନ-୨୦୧୮ର ଧାରା ୧୩(୨)/୧୩(୧)ରେ ଭିଜିଲାନ୍ସ ଶ୍ରୀ ସାହାଣୀଙ୍କ ସମେତ ତାଙ୍କ ପତ୍ନୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଦିନ ତାଙ୍କର ଅଫିସ, ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଶ୍ରୀ ସାହାଣୀଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଶ୍ରୀ ସାହାଣୀ ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ୍ ପ୍ଲଟ୍ , ୩ ମହଲା ବିଶିଷ୍ଟ କୋଠା, ନଗଦ ୩ଲକ୍ଷ ୩୦ହଜାର ୮୦୦ଟଙ୍କା, ୧୩୫ ଗ୍ରାମ୍ ଓଜନର ସୁନା ଗହଣା ସହ ଗୋଟିଏ କାର୍ ଓ ୩ଟି ବାଇକ ମିଳିଥିଲା ।

# ସପ୍ଲିମେଣ୍ଟାରୀ ପରୀକ୍ଷା ଖାତା ପୁନଃ ଯାଞ୍ଚ ଆବେଦନ ୨୫ରୁ

କଟକ, ୨୩।୮ (ସମିସ): ୨୦୨୫ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଉଭୟ ଅବଜେକ୍ଟିଭ ଓ ସବଜେକ୍ଟିଭ ବିଷୟରେ ମାର୍କ ଯାଞ୍ଚ ଓ ପରୀକ୍ଷା ଖାତାର ସ୍କାନ କପି ପାଇବା ପାଇଁ ଅଫଲାଇନରେ ଆବେଦନ ଗ୍ରହଣ କରାଯିବ। ଆସନ୍ତା ୨୫ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଆବେଦନ କରିବାକୁ କୁହାଯାଇଛି। ଆବେଦନ କରିବା ପାଇଁ ଦରଖାସ୍ତ ଫର୍ମାଟ୍ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ଏହାର ସଫ୍ଟକପି ଡାଉନଲୋଡ୍ କରି ନିର୍ଦ୍ଧାରିତ ଦେୟ ସହ ଆବେଦନ କରିପାରିବେ। ବୋର୍ଡ କର୍ତ୍ତୃପକ୍ଷ ଯାଞ୍ଚ ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ ମାର୍କ ପ୍ରଦାନ କରିବେ ଏବଂ ଆବେଦନକାରୀମାନେ ବୋର୍ଡର ଉପରୋକ୍ତ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ। ଏ ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ। ସେହିଭଳି ଖାତାର ଅବିକଳ ନକଲ, ଆବେଦନକାରୀ ମାନଙ୍କୁ ଡାକ ମାଧ୍ୟମରେ ପ୍ରେରଣ କରାଯିବ। ଅନ୍ୟ କୌଣସି ପ୍ରକାରେ ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ କିମ୍ବା ପରେ ଗ୍ରହଣ କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୩ ଓ ପିଜି ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୩।୮ (ସମିସ): ଯୁକ୍ତ ୩ ଓ ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଶନିବାରଠାରୁ ଆରମ୍ଭ ହୋଇଛି। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟର କୌଣସି ରାଉଣ୍ଡରେ ଚୟନ ହୋଇନାହାନ୍ତି କିମ୍ବା ଆବେଦନ କରିନାହାନ୍ତି, ସେମାନେ ଏହି ପର୍ଯ୍ୟାୟରେ ଆବେଦନ କରିପାରିବେ। ଯୁକ୍ତ ୩ ନାମଲେଖା ପାଇଁ ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୩ତାରିଖ ରହିଛି। ଫର୍ମରେ କୌଣସି ତ୍ରୁଟି ଥିଲେ, ୪ତାରିଖ ସୁଦ୍ଧା ଏଡିଟ୍ କରିପାରିବେ। ୧୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମେଧା ତାଲିକା ସହ ୱେଟିଂଲିଷ୍ଟ ପ୍ରକାଶ ପାଇବ। ୧୧ରୁ ୧୩ତାରିଖ ଭିତରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର୍ ନେଇ ଆଡମିସନ କରିବା ସହ ଅନଲାଇନ ମାଧ୍ୟମରେ ଟଙ୍କା ପଇଠ କରିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୫ରୁ ୧୬ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୭ରେ ନୋଟିସ୍‌ବୋର୍ଡ, ୱେବ୍‌ସାଇଟ୍ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ସମସ୍ତ ଡକ୍ୟୁମେଣ୍ଟ ନେଇ ୧୮ ରୁ ୨୨ ତାରିଖ ସୁଦ୍ଧା ଯାଇ ନାମ ଲେଖାଇ ପାରିବେ।

ସେହିପରି, ପିଜି ପାଠ୍ୟକ୍ରମରେ ନାମଲେଖା ଆବେଦନ ଆଜିଠାରୁ ଆରମ୍ଭ ହୋଇଛି। ଆବେଦନ କରିବାର ଶେଷ ତାରିଖ ୩ ସେପ୍ଟେମ୍ବରକୁ ରଖାଯାଇଛି। ପ୍ରଥମ ରାଉଣ୍ଡର ମେଧା ତାଲିକା ୯ ତାରିଖରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର ନେଇ ୧୦ରୁ ୧୨ ତାରିଖ ଭିତରେ ଆଡମିସନ୍ କରିପାରିବେ। ୱେଟିଂଲିଷ୍ଟରେ ଥିବା ପିଲାମାନେ ୧୩ରୁ ୧୫ ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୬ରେ ନୋଟିସ୍‌ବୋର୍ଡ, ୱେବସାଇଟ୍ ଏବଂ ଫୋନ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୭ରୁ ୨୦ ତାରିଖ ସୁଦ୍ଧା ନାମ ଲେଖାଇ ପାରିବେ।

# ଶ୍ରୀମନ୍ଦିର ପରିସରରେ ହେବ ଶିଶୁ ସ୍ତନ୍ୟପାନ ଗୃହ

- ଗୃହରେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ରହିବେ
- ଗୃହରେ ଗୋପନୀୟତା, ପରିମଳ ଉପରେ ଦୃଷ୍ଟି ଦିଆଯିବ

ପୁରୀ,୨୩।୮ (ସମିସ): ଛୋଟ ଶିଶୁଙ୍କୁ ନେଇ ଶ୍ରୀମନ୍ଦିରକୁ ଆସୁଥିବା ମା'ମାନେ କେଉଁ ଜାଗାରେ ପିଲାକୁ ସ୍ତନ୍ୟପାନ କରାଇବେ ସେ ନେଇ ଚିନ୍ତାରେ ପଡୁଥିଲେ। ଲୋକଙ୍କ ଗହଳି ଭିତରେ ସେମାନେ ଅସହଜ ମନେକରୁଥିଲେ। ଏଣିକି ମା'ମାନଙ୍କର ଏହି ଚିନ୍ତା ଦୂର ହେବ। ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ଶିଶୁ ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା କରିଛି ମନ୍ଦିର ପ୍ରଶାସନ, ଯାହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

ଶ୍ରୀମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଆସୁଥିବାବେଳେ ଅନେକ ମା' ନିଜ ଛୋଟ ଶିଶୁଙ୍କୁ ନେଇ ଆସିଥା'ନ୍ତି। ବିଶେଷକରି ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁ ଏବଂ ମା'ମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ସ୍ତନ୍ୟପାନ ଗୃହ ନିର୍ମାଣ କରିବା ଲାଗି ନିଷ୍ପତ୍ତି ନେଇଛି। ଇତିମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ବିଦାୟୀ ଆରକ୍ଷୀ ଅଧୀକ୍ଷକ ପୀନାକ୍ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ବରିଷ୍ଠ ସୁପରଭାଇଜର୍ ବଙ୍କି ପ୍ରତିହାରୀ, ସହକାରୀ ପ୍ରଶାସିକା ଶୁଭଶ୍ରୀ ସୁଚିସ୍ମିତା ଏବଂ ଅନ୍ୟ ଅଧିକାରୀ ଏ ସମ୍ବନ୍ଧରେ ଆଲୋଚନା କରି ଏହି ସ୍ୱତନ୍ତ୍ର ଗୃହ ସ୍ଥାପନା ପାଇଁ ସ୍ଥାନ ନିରୂପଣ କରିଛନ୍ତି। ଶ୍ରୀମନ୍ଦିର ପରିସରରେ ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସ୍ୱାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ। ଏହି ଗୃହ ସକାଶେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ। ଦୀର୍ଘଦିନ ଧରି ଏ ନେଇ ଦାବି ହୋଇ ଆସୁଥିବାବେଳେ ଭକ୍ତ ଶ୍ରଦ୍ଧାଳୁ ତଥା ବିଶେଷକରି ମହିଳାଙ୍କ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଅନ୍ୟପକ୍ଷରେ ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

## ୧୩ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

# ସମାଧାନ ପରିବର୍ତ୍ତେ ବିଜେଡି ଉପରେ ଦୋଷ ଲଦିଲେ ରାଜସ୍ୱ ମନ୍ତ୍ରୀ

- ଅମଲାଙ୍କୁ ଢାଲ କରି ବିଜେଡିର କିଛି ନେତା ସରକାରଙ୍କୁ ଅପଦସ୍ତ କରିବାକୁ ଚେଷ୍ଟା କରୁଛନ୍ତି: ମନ୍ତ୍ରୀ
- ସୋମବାର କାର୍ଯ୍ୟରେ ଯୋଗ ନ ଦେଲେ ବଡ଼ ଅସ୍ତ୍ର ପ୍ରୟୋଗ ଚେତାବନୀ
- ବିଜେଡିର ପ୍ରତିକ୍ରିୟା; ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ଅଚଳାବସ୍ଥା
- ଆମେ କୌଣସି ଦଳର ନୋହୁଁ; ସରକାରଙ୍କ ଚେତାବନୀରେ ଡରିଯିବୁ ନାହିଁ : ସଂଘ

ଭୁବନେଶ୍ୱର,୨୩।୮ (ସମିସ): ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଶନିବାର ୧୩ ଦିନରେ ପହଞ୍ଚିଥିବା ବେଳେ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଲୋକମାନେ ରାଜସ୍ୱ କାର୍ଯ୍ୟ ପାଇଁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ସେମାନଙ୍କ ସହ ଆଲୋଚନା କରୁନଥିବା ନେଇ ଅଭିଯୋଗ କରୁଛନ୍ତି ସଂଘର କର୍ମକର୍ତ୍ତା। ସଂଘର କର୍ମକର୍ତ୍ତାଙ୍କୁ ଡାକି ଆନ୍ଦୋଳନ ଏବଂ ଅସନ୍ତୋଷକୁ ପ୍ରଶମିତ କରିବା ପରିବର୍ତ୍ତେ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆନ୍ଦୋଳନ ପାଇଁ ବିଜେଡିକୁ ଦାୟୀ କରିଛନ୍ତି। ଖାଲି ବିଜେଡିକୁ ଦାୟୀ କରିନାହାନ୍ତି; ସୋମବାର ସୁଦ୍ଧା ଆନ୍ଦୋଳନରୁ ନ ଓହରିଲେ ସରକାରଙ୍କ ପାଖରେ ଥିବା ବହୁ ବଡ଼ବଡ଼ ଅସ୍ତ୍ର ସେମାନେ ଦେଖିବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ବୟାନକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ମନ୍ତ୍ରୀଙ୍କ ଏପରି ବୟାନକୁ ବିଜେଡି ଦୁର୍ଭାଗ୍ୟଜନକ ବୋଲି କହିଛି। ସେହିପରି ରାଜସ୍ୱ ମନ୍ତ୍ରୀଙ୍କ ବୟାନକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖିଛି ରାଜସ୍ୱ ଅମଲା ସଂଘ। ଆମେ ସରକାରୀ କର୍ମଚାରୀ। କୌଣସି ରାଜନୈତିକ ଦଳର ନୋହୁଁ। ସରକାରଙ୍କ ଚେତାବନୀରେ ସଂଘ ଡରିଯିବ ନାହିଁ। ସରକାର ଆମକୁ ଡାକି ଆଲୋଚନା କରନ୍ତୁ ବୋଲି ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ସମୂହ ଛୁଟିରେ ଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ୧୦ ଦଫା ଦାବିରେ ଏହି ଆନ୍ଦୋଳନ ଜାରି ରହିଥିବାରୁ ରାଜ୍ୟର ତୃଣମୂଳସ୍ତରଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ପ୍ରଶାସନିକ ବ୍ୟବସ୍ଥା ଏକପ୍ରକାର ଠପ୍ ହୋଇ ପଡ଼ିଛି। ସାଧାରଣ ଜନତା କୌଣସି କାର୍ଯ୍ୟରେ କାର୍ଯ୍ୟାଳୟ ଆସିଲେ ଅମଲାଙ୍କ ଚଉକି ଫାଙ୍କା ପଡ଼ିଥିବାରୁ ସେମାନେ ନିରାଶ ହୋଇ ଘରକୁ ଫେରିଯାଉଛନ୍ତି। ସମସ୍ୟାର ସମାଧାନ ନେଇ ଉଦ୍ୟମ ପରିବର୍ତ୍ତେ ରାଜସ୍ୱ ମନ୍ତ୍ରୀ ଆନ୍ଦୋଳନ ପାଇଁ ଦୋଷ ବିଜେଡି ଉପରେ ଲଦିଛନ୍ତି।

ସେ କହିଛନ୍ତି ଯେ କିଛି ଲୋକ ଅଛନ୍ତି, ସେମାନେ ବର୍ତ୍ତମାନ ମଧ୍ୟ ରାଜ୍ୟରେ ବିଜେଡି ସରକାର ଚାଲୁଥିବା ନେଇ ଭାବୁଛନ୍ତି। ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ମୋ ପାଖରେ ଅଛି। ଏଯାବତ୍ କ୍ଷମତାରୁ ବାହାରି ଯାଇଥିବା ନେଇ ସେମାନଙ୍କର ହଜମ ହେଉନାହିଁ। ମୁଁ ପୂରା ବିଜେଡିକୁ କାଠଗଡ଼ାରେ ଠିଆ କରିବାକୁ ଚାହୁଁନାହିଁ। ମାତ୍ର ଯେଉଁମାନେ ବିଜେଡି ସରକାର ସମୟରେ ସମ୍ପୂର୍ଣ୍ଣ କ୍ଷମତା ଉପଭୋଗ କରୁଥିଲେ, ସେମାନଙ୍କୁ ହଜମ ହେଉନାହିଁ। କେମିତି ସରକାର ପଳେଇବ, ତାଙ୍କ ସରକାର ପୁଣି ଆସିବ ଏବଂ ସେମାନେ ପୁନଃ କ୍ଷମତା ଉପଭୋଗ କରିବେ, ତାହା ସେମାନଙ୍କର ଲକ୍ଷ୍ୟ। ୮ ହଜାର ଅମଲାଙ୍କୁ ଆନ୍ଦୋଳନ କରାଇ କ'ଣ ସରକାରଙ୍କୁ ଅପଦସ୍ତ କରାଇଦେବ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ମୋର ମନେ ହେଉଥିଲା ଯେଉଁମାନେ ଅମଲା ସଂଘର ଦାୟିତ୍ୱରେ ଅଛନ୍ତି, ସେମାନେ ସଂଘର ବିକାଶ ଏବଂ ସମସ୍ୟାର ସମାଧାନ ଚାହୁଁଛନ୍ତି। ମାତ୍ର ପରେ ହୃଦବୋଧ ହେଲା ଯେ ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ସେମାନେ କେବଳ ଦାୟିତ୍ୱରେ ଅଛନ୍ତି। ସମସ୍ୟାର ସମାଧାନ କରିବା ସେମାନଙ୍କର ଆଦୌ ଉଦ୍ଦେଶ୍ୟ ନୁହେଁ। ମୋ ପାଖରେ ଏନେଇ ବିଭିନ୍ନ ମହଲରୁ ତଥ୍ୟ ହସ୍ତଗତ ହୋଇଛି। ଅମଲାମାନଙ୍କୁ ଢାଲ କରି ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ସେମାନଙ୍କର ଲକ୍ଷ୍ୟ ବୋଲି ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ଆହୁରି କହିଛନ୍ତି ଯେ ଅମଲା ସଂଘର ସମସ୍ତ ସଦସ୍ୟ, ସଦସ୍ୟା ରାଜସ୍ୱ ପରିବାରର। ପରିବାରର ମୁରବୀ ଭାବରେ ସେମାନଙ୍କ ଯୁକ୍ତି, ଦାବି ଶୁଣିବା ମୋ ଦାୟିତ୍ୱ। ସେମାନେ ଆମ ପରିବାରର ଲୋକ ବୋଲି ଆମେ ଅସ୍ତ୍ର ବ୍ୟବହାର କରୁନାହୁଁ। ଯଦି ଆମେ ଭାବିବୁ ଯେ ଏମାନେ ସୁଧୁରିବେ ନାହିଁ, ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ମଙ୍ଗଳ ଚାହିଁବେ ନାହିଁ, ଅନ୍ୟ ଦଳ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କୁ ଅପଦସ୍ତ କରିବାକୁ ଚାହିଁବେ, ତାହେଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି। ସେହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ। ତେଣୁ ସମସ୍ତେ କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀ ଅପିଲ୍ କରିଛନ୍ତି।

ଅପରପକ୍ଷେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏ ନେଇ ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ସମସ୍ୟାର ସମାଧାନ ହୋଇପାରୁନାହିଁ। ମାତ୍ର ନିଜ ଦୋଷକୁ ଲୁଚାଇବାକୁ ଯାଇ ସେ ବିଜେଡି ଆଡ଼କୁ ଇଙ୍ଗିତ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ସେ ମତପ୍ରକାଶ କରିଛନ୍ତି।

# ବୋଟ୍‌ରୁ ମାଛ କାଢୁଥିବାବେଳେ ଦୁଇ ମତ୍ସ୍ୟଜୀବୀ ମୃତ

ବାଲେଶ୍ୱର, ୨୩।୮ (ସମିସ): ବୋଟ ମଧ୍ୟରେ ବରଫରେ ଥିବା ମାଛକୁ କାଢୁଥିବା ବେଳେ ଦୁଇଜଣଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏଭଳି ଅଘଟଣ ଘଟିଛି ବାଲେଶ୍ୱର ଜିଲ୍ଲା ବଳରାମଗଡି ମେରାଇନ ଥାନା ଅର୍ନ୍ତଗତ ବଳରାମଗଡିରେ। ମୃତକ ଦୁଇ ଜଣ ହେଲେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ମଧୁସୂଦନ ମଲିକ ଏବଂ ସନ୍ତୋଷ ମଲିକ।

ଗତ ୮ରୁ ୧୦ଦିନ ତଳେ ବଳରାମଗଡିରୁ ନାଗେଶ୍ୱରୀ ବୋଟ ସମୁଦ୍ରକୁ ମାଛ ମାରିବା ପାଇଁ ଯାଇଥିଲା। ଶନିବାର ଉକ୍ତ ବୋଟଟି କୂଳକୁ ଫେରିଥିଲା। ସମୁଦ୍ରରୁ ଯାହା ମାଛ ମରାଯାଇଥିଲା ତାହା ବୋଟ ମଧ୍ୟରେ ବରଫ ଦେଇ ରଖାଯାଇଥିଲା। କୂଳକୁ ଫେରିବା ପରେ ମଧୁସୂଦନ ଏବଂ ସନ୍ତୋଷ ବରଫ ମଧ୍ୟରୁ ମାଛ କାଢୁଥିଲେ। ଏହି ସମୟରେ ଉଭୟ ଶ୍ୱାସରୁଦ୍ଧ ହୋଇ ଅଚେତ ହୋଇପଡ଼ିଥିଲେ। ତୁରନ୍ତ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବଳରାମଗଡି ଥାନା ଅଧିକାରୀ ନରେନ୍ଦ୍ର ପାଳ କହିଛନ୍ତି ଯେ, ମାଛ ଗ୍ୟାସରେ ସେମାନଙ୍କ ମୃତ୍ୟୁ ହୋଇଥିବାର ଅନୁମାନ କରାଯାଉଛି। ତେବେ ଘଟଣାର ତଦନ୍ତ ଜାରି ରହିଛି।

# ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବୈଠକ

ଭୁବନେଶ୍ୱର,୨୩।୮ (ସମିସ): ଆସନ୍ତା ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବସିବ ବଡ଼ ବୈଠକ। ସାଂଗଠନିକ ସ୍ଥିତି ମଜଭୁତ ସହ ରାଜ୍ୟରେ ଆଗାମୀ ରଣନୀତି କ'ଣ ରହିବ, ସେନେଇ କରାଯିବ ମାନସମନ୍ଥନ। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡଗେଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସାଂଗଠନିକ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିବେ। ଏଥିପାଇଁ ଜିଲ୍ଲା ସଭାପତି ଚୟନ ପାଇଁ ନିଯୁକ୍ତ ହୋଇଥିବା ସମସ୍ତ ୩୫ ପର୍ଯ୍ୟବେକ୍ଷକ, ପିସିସି ପ୍ରଭାରୀ ଓ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ଦିଲ୍ଲୀ ଡକରା ହୋଇଛି। ଆଗାମୀ ଦିନରେ କଂଗ୍ରେସ ଜିଲ୍ଲା ସଭାପତି ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛି। ଗୁଜରାଟ ଢାଞ୍ଚାରେ ଏଠାରେ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କିପରି ଦକ୍ଷ ଲୋକଙ୍କ ହାତରେ ଜିଲ୍ଲା ସଂଗଠନ ଦାୟିତ୍ୱ ଦିଆଯିବ, ସେଥିପାଇଁ ଏଆଇସିସି ଲକ୍ଷ୍ୟ ରଖିଛି।

ଏଆଇସିସିର ଏପରି ଅଭିଯାନକୁ ନେଇ ଓଡ଼ିଶା କଂଗ୍ରେସ ଶିବିର ମଧ୍ୟ ଉତ୍ସାହିତ ରହିଛି। ୩୫ଟି ସାଂଗଠନିକ ଜିଲ୍ଲା ସଭାପତି ଚୟନ କରିବା ନେଇ ଏଆଇସିସିର ନୂଆ ଫର୍ମୁଲାକୁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଭିନ୍ନ ଆକଳନ କରିଛନ୍ତି। ରାହୁଲ ଗାନ୍ଧୀ ଓଡ଼ିଶାରେ ସମ୍ଭାବନା ଦେଖିଥିବାରୁ ଏବେଠାରୁ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା କଂଗ୍ରେସକୁ ପ୍ରସ୍ତୁତ କରୁଛନ୍ତି। ପ୍ରଥମଥର ଲାଗି ଦଳୀୟ ନିଷ୍ପତ୍ତିରେ ଜିଲ୍ଲା ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସଂଗଠନଠାରୁ ବିଧାୟକ ଓ ସାଂସଦ ଟିକେଟ୍ ବଣ୍ଟନରେ ଜିଲ୍ଲା ସଭାପତିମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ, ୨୫ ବର୍ଷ ଧରି କ୍ଷମତା ବାହାରେ ଥିବା ଓଡ଼ିଶା କଂଗ୍ରେସକୁ ସଜାଡ଼ିବା ପାଇଁ ଏଆଇସିସି ଗୁରୁତ୍ୱ ଦେଇଛି। ଓଡ଼ିଶାରୁ ଦିଲ୍ଲୀ ଯାଏ ସାଂଗଠନିକ ସ୍ଥିତିକୁ ମଜଭୁତ କରିବାକୁ ରଣନୀତି କରାଯାଉଛି। ଆଗକୁ ରାହୁଲ ଗାନ୍ଧୀ ଘନଘନ ଓଡ଼ିଶା ଗସ୍ତରେ ଆସି ତୃଣମୂଳ କର୍ମୀଙ୍କ ମନରେ ଉତ୍ସାହ ଭରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

## ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧିକାରୀମାନଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

# ଯୋଜନା କାର୍ଯ୍ୟକାରୀ ବେଳେ ସହାନୁଭୂତିଶୀଳ ହୁଅ



ଭୁବନେଶ୍ୱର, ୨୩।୮ (ସମିସ): ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ବେଳେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ। ଶନିବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ପମପାଟି ଅଧିକାରୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟପାଳ କହିଥିଲେ, ଜନଜାତିମାନଙ୍କର କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉପରୋକ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇପାରିଲେ ଯୋଜନାର ସୁଫଳ ମିଳିବ ଏବଂ ସେମାନେ ଉପକୃତ ହୋଇପାରିବେ। ତେଣୁ ସମ୍ପୃକ୍ତ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା, ଫରେଷ୍ଟ ରାଇଟ୍ ଆକ୍ଟ-୨୦୦୬ର କାର୍ଯ୍ୟକାରିତା, ଜଙ୍ଗଲଜାତ ଦ୍ରବ୍ୟର ବିପଣନ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ, ଧାରା-୨୭୫(୧), ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଇତ୍ୟାଦି ଯୋଜନାର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ।

ଏହାସହ ଜଙ୍ଗଲ ଅଧିକାର ଆଇନ ଅଧୀନରେ ବିଭିନ୍ନ ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ବିଚାରାଧୀନ ଆବେଦନଗୁଡ଼ିକୁ ଆଗାମୀ ୯୦ ଦିନ ମଧ୍ୟରେ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଗ୍ରାମରେ ମୋବାଇଲ ନେଟୱାର୍କ ଉପଲବ୍ଧ କରାଇବା, ସୌରଶକ୍ତିର ବ୍ୟବହାର, ସିଏସଆର କାର୍ଯ୍ୟକ୍ରମ ସହଯୋଗରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଡିଏଫ୍‌ଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପର ଅଧିକାରୀମାନେ ଯୋଗ ଦେଇଥିଲେ।

# ୮ ଗେଟ୍ ଖୋଲିଲା ଆନନ୍ଦପୁର ବ୍ୟାରେଜ୍

ଆନନ୍ଦପୁର, ୨୩।୮ (ସମିସ): ଗତ ୩ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇଛି। ଆଜି ରାତି ୮ଟା ସୁଦ୍ଧା ଆନନ୍ଦପୁରଠାରେ ବୈତରଣୀ ସତର୍କ ସଂକେତ ଅତିକ୍ରମ କରି ୩୭.୬୬୦ ମିଟରରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରିଛନ୍ତି। ହେଲେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଥିବା ବୋଟ ଅଚଳ ହୋଇ ପଡ଼ିରହିଛି। ବୋଟ୍ ଚାଳକ ବି ନାହାନ୍ତି। ଆନନ୍ଦପୁର ବ୍ୟାରେଜରେ ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ୮ଗେଟ୍ ଖୋଲାଯିବା ପରେ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଇଛି। ଆଗକୁ ବର୍ଷା ଜାରି ରହିଲେ ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

# ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ

- ଆକ୍ରମଣରେ ମହିଳା ବନରକ୍ଷୀ ଗୁରୁତର
- ଭାଙ୍ଗିଦେଲେ ବନ ବିଭାଗ ଗାଡ଼ି
- ତାଲିମ ନେବା ପରେ ମିଳିନାହିଁ ବନ୍ଧୁକ
- ଠେଙ୍ଗାରେ ଚାଲିଛି ଶିମିଳିପାଳ ସୁରକ୍ଷା

ବାରିପଦା,୨୩।୮ (ସମିସ): ବନବିଭାଗ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଧୀନ ଦୁମାସାହି ଜଲଡିହା ଗ୍ରାମରେ ଏହି ଘଟଣା ଘଟିଛି। ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ୍ ହୋଇ ବନ ବିଭାଗର ବଲେରୋକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଜଣେ ଅଭିଯୁକ୍ତକୁ ଖସାଇ ନେଇଛନ୍ତି। ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମହିଳା ବନରକ୍ଷୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମହିଳାଜଣଙ୍କ ହେଲେ, ଶ୍ୟାମସୁନ୍ଦର ବିଟ୍ ହାଉସର ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ। ତାଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ୧୫ ତାରିଖ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲେ ହେଁ ଆଜି ପଦାକୁ ଆସିଛି। ଏନେଇ ପୁଲିସ୍ ନମ୍ବର ୨୩୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କିନ୍ତୁ ଏଯାଏ ଫେରାର୍ ଶିକାରୀକୁ ଗିରଫ କରିପାରିନାହିଁ।

ସୂଚନାନୁଯାୟୀ, ଗତବର୍ଷ ନଭେମ୍ବର ୧୧ରେ ଏକ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ଦୁମାସାହି ଗ୍ରାମର ଶିକାରୀମାନେ ଜଡ଼ିତ ଥିଲେ। ଏନେଇ ବନବିଭାଗ ପକ୍ଷରୁ ସେତେବେଳେ ମାମଲା ରୁଜୁ ହୋଇଥିଲା। ବାରିପଦା ବନଖଣ୍ଡର ଅତିରିକ୍ତ ବନସଂରକ୍ଷକ ମେହେରବାନ ଅଲ୍ଲୀ ତଦନ୍ତ ଦାୟିତ୍ୱ ନେଇଥିଲେ। ଘଟଣାରେ ଜଡ଼ିତ ଥିବା ଶିକାରୀ ସହ ୬ ଅଭିଯୁକ୍ତଙ୍କୁ ଧରିବା ପାଇଁ ଶ୍ରୀ ଅଲ୍ଲୀଙ୍କ ନେତୃତ୍ୱରେ ଗଠିତ ୨୦ଜଣିଆ ଟିମ୍ ଗତ ୧୫ ତାରିଖ ବିଳମ୍ବିତ ରାତିରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ଭାଗୀରଥି ମାରାଣ୍ଡି ଓ ଟୋପା ସୋରେନଙ୍କୁ ସେମାନେ ଧରି ଆଣୁଥିବା ବେଳେ ଗ୍ରାମର ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ ହୋଇ ବିରୋଧ କରିଥିଲେ। ଅଭିଯୁକ୍ତମାନଙ୍କୁ ଛାଡ଼ିଦେବା ପାଇଁ ଗାଁ ଲୋକେ କହିବାରୁ ବନ କର୍ମଚାରୀଙ୍କ ସହ ସେମାନଙ୍କର କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ବନକର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ଟୋପା ସୋରେନକୁ ଖସାଇ ନେଇଥିଲେ। ଏହାସହ ବନ ବିଭାଗର ବଲେରୋ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏହି ଆକ୍ରମଣରେ ଶ୍ୟାମସୁନ୍ଦର ବିଟ୍ ହାଉସର ମହିଳା ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ ଗୁରୁତର ଆହତ ହୋଇଥିଲେ। କୌଶଳକ୍ରମେ ଜଣେ ଅଭିଯୁକ୍ତକୁ ଧରି ପ୍ରାଣ ବିକଳରେ ଖସି ଆସି ବନରକ୍ଷୀ ମୀନାକ୍ଷୀଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଚିକିତ୍ସା କରିଥିଲେ। ଘଟଣାର ପର ଦିନ ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ ମହେଶ୍ୱର ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଦ୍ୟାବଧି କୌଣସି ଅଭିଯୁକ୍ତକୁ ପୁଲିସ ଧରିବାରେ ସକ୍ଷମ ହୋଇପାରିନାହିଁ।

ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ଥାନାଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି, ଅଦ୍ୟାବଧି ସେହି ଗ୍ରାମରେ ଉତ୍ତେଜନା ଲାଗି ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅପରାଧୀମାନଙ୍କୁ ଚିହ୍ନଟ କରିବା ପରେ ଯୋଜନା ମୁତାବକ ଫୋର୍ସ ଉପସ୍ଥିତିରେ ସେମାନଙ୍କୁ ଗିରଫ କରାଯିବ।

ସୂଚନାଥାଉକି, ଅତୀତରେ ଶିମିଳିପାଳରେ ଶିକାରୀ ଗୁଳିରେ ସହିଦ ହୋଇଥିବା ବନରକ୍ଷୀ ବିମଳ ଜେନା ଓ ଡେପୁଟି ରେଞ୍ଜର ମାଥିହାଁସଦା ଘଟଣାରେ ମଧ୍ୟ ପୁଲିସ ସମସ୍ତ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇନାହିଁ। ରକ୍ତମୁଖା ଶିକାରୀ ଏବେ ବନ୍ୟଜନ୍ତୁଙ୍କ ଶିକାର ପାଇଁ ବନ କର୍ମଚାରୀଙ୍କ ଉପରେ ଗୁଳିମାଡ଼ କରିବାକୁ ପଛାଉନାହାନ୍ତି। ଏପରି ଘଟଣାକୁ ନେଇ ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷା ଦାୟିତ୍ୱରେ ପୁଲିସ ଓ ବନବିଭାଗ ମିଳିତ ଭାବେ କାର୍ଯ୍ୟ କରୁଥିବା ବେଳେ ଚଢ଼ଉ ସମୟରେ ପୁଲିସର ସହଯୋଗ ନ ନେବା ଅତ୍ୟନ୍ତ ବିପଜ୍ଜନକ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

ସେହିପରି ଶିମିଳିପାଳ ଓ ବନକର୍ମଚାରୀଙ୍କ ସୁରକ୍ଷା ପାଇଁ ଆର୍ମ୍ସ ଚାଳନା ତାଲିମ ପ୍ରଦାନ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ବନ୍ଧୁକ ପ୍ରଦାନ କରାଯାଇନାହିଁ। ଫଳରେ ଖାଲି ହାତ ବା ଠେଙ୍ଗାରେ ଶିକାରୀ ଓ ଅଭିଯୁକ୍ତକୁ ଧରିବା ସମୟରେ କର୍ମଚାରୀମାନେ ବିପଦର ସମ୍ମୁଖୀନ ହେବା ସହ ପ୍ରାଣ ହରାଉଛନ୍ତି। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଛନ୍ତି, ଆକ୍ରମଣ ଘଟଣାରେ କୌଣସି ଅଭିଯୁକ୍ତକୁ ଧରାଯାଇନଥିବା ବେଳେ କର୍ମଚାରୀଙ୍କୁ ବନ୍ଧୁକ ପ୍ରଦାନ କରାଯାଇନାହିଁ। ତେବେ କର୍ମଚାରୀଙ୍କ ସୁରକ୍ଷା ପାଇଁ ଉପରିସ୍ଥ ବିଭାଗକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

## ଦୁର୍ଘଟଣାର ହଟ୍‌ସ୍ପଟ୍ ପାଣିକୋଇଲି

# ୧୦ ବର୍ଷରେ ୩୦୦ରୁ ଊର୍ଦ୍ଧ୍ୱ ମୃତ

ଯାଜପୁର,୨୩।୮ (ସମିସ)

ଯାଜପୁର ଜିଲ୍ଲାର ପ୍ରମୁଖ ସ୍ଥାନ ହେଉଛି ପାଣିକୋଇଲି। କେବଳ ଜିଲ୍ଲାର ନୁହେଁ, ରାଜ୍ୟର ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ। କାରଣ ଏହି ସ୍ଥାନଟି ବଙ୍ଗ (ପଶ୍ଚିମବଙ୍ଗ), ବିହାର ଓ ଓଡିଶାର ଏକ ସଙ୍ଗମସ୍ଥଳୀ। ପ୍ରତିମୁହୂର୍ତ୍ତରେ ଶହ ଶହ ସଂଖ୍ୟାରେ ଗାଡ଼ି ଚଳାଚଳ କରେ। ଏହି ଛକ ଦେଇ ଉଭୟ ୧୬ ଏବଂ ୨୦ ନଂ. ଜାତୀୟ ରାଜପଥ ଯାଇଛି।

### ଟ୍ରାଫିକ୍ ପୋଷ୍ଟ ପାଇଁ ଦାବି

ପାଣିକୋଇଲି ଛକ ଠାରୁ ମାତ୍ର ୧୦ କିଲୋମିଟର ଦୂରତାରେ ରେଳପଥ ସଂଯୋଗ କରେ। ଏତେ ବ୍ୟସ୍ତବହୁଳ ସ୍ଥାନ ସତ୍ତ୍ୱେ ଏଠାରେ କୌଣସି ଟ୍ରାଫିକ୍ ପୋଷ୍ଟଟିଏ ନାହିଁ। ଫଳରେ ପ୍ରାୟ ପ୍ରତିଦିନ ଏଠାରେ ଛୋଟ ବଡ଼ ସଡ଼କ ଦୁର୍ଘଟଣା ଘଟୁଛି। ଏହି ଦୁର୍ଘଟଣାରେ ଅନେକଙ୍କ ଜୀବନ ଚାଲିଯାଉଛି। ଆଉ ଅନେକ ଆହତ ହୋଇ ଜୀବନ ସହ ସଂଘର୍ଷ କରୁଛନ୍ତି। ରାସ୍ତା କଡ଼ରେ ବେଆଇନ ଭାବେ ଗାଡ଼ି ରଖିବା ଫଳରେ ଅନେକ ଦୁର୍ଘଟଣା ଘଟି ପ୍ରତି ବର୍ଷ ଶତାଧିକ ଲୋକ ମୃତ୍ୟୁବରଣ କରୁଥିବା ବେଳେ ଅନେକ ଲୋକ ବିକଳାଙ୍ଗ ହୋଇ ଘରେ ପଡି ରହିଛନ୍ତି।



ଏହି ଛକ ଦେଇ ପଡ଼ୋଶୀ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଟକ ଓ ଭୁବନେଶ୍ୱର ଭଳି ସହରକୁ ଯାଇହୋଇଥାଏ। ପ୍ରତିଦିନ ରାତି ହେଉ କି ଦିନ ଏହି ଛକକୁ ଆସିଥାଏ ହଜାର ହଜାର ଯାନବାହନ। ଏହି ସ୍ଥାନରୁ ମାତ୍ର ଦୁଇ କିଲୋମିଟର ଭିତରେ ପୁଲିସ ଜିଲ୍ଲା ମୁଖ୍ୟାଳୟ ଓ ପାଣିକୋଇଲି ଥାନା ରହିଛି। ମାତ୍ର ସୁରକ୍ଷା ପ୍ରତି ଏତେ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହେଉଛି। ସେପଟେ ଏହି ସ୍ଥାନରେ ଗୋଟିଏ ଟ୍ରାଫିକ ପୋଷ୍ଟ କିମ୍ବା ଟ୍ରାଫିକ ପୁଲିସର ବ୍ୟବସ୍ଥା ନଥିବା ଅନେକ ସମୟରେ ଗାଡି ଧକ୍କା ହେଇ ଅନେକ ଲୋକ ମୃତ୍ୟୁବରଣ କରୁଥିବା ସୂଚନା ମିଳିଛି। ତଥ୍ୟ ମୁତାବକ ଗତ ୧୦ ବର୍ଷ ମଧ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଚିନ୍ତାଜନକ ରହିଛି। ଏହା ବ୍ୟତୀତ ଅନେକ ଲୋକ ଗୁରୁତର ଭାବେ ଆହତ ହେଇ ଘରେ ପଡି ରହିଛନ୍ତି। ବେସରକାରୀ ଭାବେ ଗତ ୧୦ ବର୍ଷରେ ଦୁର୍ଘଟଣାରେ ୩୭୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସରକାରୀ ଭାବେ ୧୯୬ ଜଣଙ୍କ ମୃତ୍ୟୁ ହୋଇଛି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ତୁରନ୍ତ ଏକ ଟ୍ରାଫିକ ପୋଷ୍ଟ ନିର୍ମାଣ କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଗୟାଧର ମଲ୍ଲିକ କହିଛନ୍ତି। ସେହିପରି ଏହି ଅଞ୍ଚଳରେ ଘଟୁଥିବା ମାତ୍ରାଧିକ ଦୁର୍ଘଟଣା ପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ଟ୍ରମା କେୟାର ପ୍ରତିଷ୍ଠା କରିଥିଲେ ନବୀନ ସରକାର। କିନ୍ତୁ ତାହା ନିର୍ମାଣ ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଦୁର୍ଘଟଣାରେ ଗୁରୁତର ଆହତ ମାନଙ୍କୁ ତ୍ୱରିତ ସ୍ୱାସ୍ଥ୍ୟସେବା ନ ମିଳିବା କାରଣରୁ ସେମାନଙ୍କର ମୃତ୍ୟୁ ହେଉଛି ବୋଲି ସମାଜସେବୀ ଅଶୋକ ଦାସ କହିଛନ୍ତି। ତେବେ ଏତେ ମାତ୍ରାରେ ଦୁର୍ଘଟଣାର କାରଣକୁ ନେଇ ଆଜି ପର୍ଯ୍ୟନ୍ତ ସମୀକ୍ଷା କରାଯାଇନାହିଁ। ପାଣିକୋଇଲିର ଆଖପାଖ ଅଞ୍ଚଳରେ ହେଉଥିବା ବେଆଇନ ପାର୍କିଂ, ତ୍ରୁଟିପୂର୍ଣ୍ଣ ଓଭରବ୍ରିଜ ଡିଜାଇନିଂ ଏବଂ ଟ୍ରାଫିକ ପୋଷ୍ଟର ଅଭାବ ଯୋଗୁଁ ଏଭଳି ଦୁର୍ଘଟଣା ବାରମ୍ବାର ହେଉଛି। ତେଣୁ ଏହାର ପ୍ରତିକାର ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଆଗାମୀ ଦିନରେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ଯୁବ ନେତା ରାକେଶ ସାହୁ। ସେପଟେ ଏହି ସମସ୍ୟା ସମ୍ପର୍କରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କୁ ପଚାରିବାରେ ଜିଲ୍ଲାର ପାଣିକୋଇଲି, ଚଣ୍ଡିଖୋଲ ଓ ବ୍ୟାସନଗର ଅଞ୍ଚଳରେ ଟ୍ରାଫିକ ପୋଷ୍ଟ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ଜଣାଯାଇଛି। ଖୁବଶୀଘ୍ର ଏହି ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି।

## ଶ୍ରୀବିରଜା ସେବା ସମିତିର ରଥଯାତ୍ରା ବୈଠକ



**ଯାଜପୁର,୨୩।୮ (ସମିସ):** ବିରଜା ସେବା ସମିତିର ଅଗଷ୍ଟ ମାସର ବୈଠକ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ମା'ବିରଜାଙ୍କ ମନ୍ଦିର ପରସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଦ୍ୱିବେଦୀ ଚଳିତ ରଥଯାତ୍ରା ସମୟରେ ସେବା ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମା'ବିରଜାଙ୍କର ମହାସପ୍ତମୀ, ମହାଷ୍ଟମୀ, ମହାନବମୀ ଯଥାକ୍ରମେ ସେପ୍ଟେମ୍ବର ୨୮ରୁ ୩୦ ତାରିଖ ପଡୁଥିବାର ସମସ୍ତ ସଭ୍ୟଙ୍କର ସହଯୋଗ କାମନା କରିଥିଲେ। ପୂର୍ବବର୍ଷ ପରି ବ୍ରହ୍ମାକୁଣ୍ଡ ନିକଟରେ ମଞ୍ଚ ନିର୍ମାଣ କରାଯାଇ ଧାରାବିବରଣୀ ପ୍ରଦାନ କରାଯିବ ଓ ଭଜନ କାର୍ଯ୍ୟକ୍ରମ ହେବ। ଉମାକାନ୍ତ ପାଢ଼ୀ ଓ ବୃନ୍ଦାବନ ମିଶ୍ର ଭଜନ କାର୍ଯ୍ୟକ୍ରମ ଦାୟିତ୍ୱ ନେଇଥିଲେ। ପୂର୍ବ ବର୍ଷପରି ମହାଷ୍ଟମୀରେ ମା'ଙ୍କର କାନିକା ପ୍ରସାଦ ମନ୍ଦିର ପରିସରରେ ବଣ୍ଟନ ହେବ। ସଭ୍ୟମାନଙ୍କର ଦେୟ ସମ୍ପର୍କରେ ଆଲୋଚନା ହୋଇଥିଲା। ରଥଯାତ୍ରା ଧାରାବିବରଣୀରେ ପ୍ରବଚକମାନଙ୍କ ନିମନ୍ତ୍ରଣ କରିବା, ପୁଲିସ୍ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଅନୁମତି ଆଣିବା, ଆଦି ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏଥିରେ ସଭ୍ୟ ଭରତ କୁମାର ସାହୁ, ବିରେନ୍ଦ୍ର କୁମାର ମହାନ୍ତି, ବିଷ୍ଣୁଚରଣ ଲେଙ୍କା, ଧିରେନ୍ଦ୍ର କୁମାର ପରିଡ଼ା, ନାରାୟଣ ସେଠୀ, କୋଷାଧ୍ୟକ୍ଷ ହରିହର ବେହେରା, ଶ୍ରୀନାଥ ମହାନ୍ତି, ପ୍ରବୋଧ କୁମାର ନାୟକ, ଉମାକାନ୍ତ ପାଢ଼ୀ, କହ୍ନାଇ ଚରଣ ମହାନ୍ତି, ମିହିର ରଞ୍ଜନ ନାୟକ, କିଶୋର କୁମାର ଦାସ, ଅବସର ପ୍ରାପ୍ତ ପୁଲିସ୍ ଅଧିକାରୀ ଗଦାଧର ରାଉତ, ହରିଶ୍ ଚନ୍ଦ୍ର ପଣ୍ଡା, ବ୍ରହ୍ମାନନ୍ଦ ସ୍ୱାଇଁ, ବିରଜା ପ୍ରସାଦ କର, ଲକ୍ଷ୍ମୀନାରାୟଣ ପତି, ସଞ୍ଜୟ କୁମାର ସାହୁ, ନୃସିଂହ ଚରଣ ଜେନା ଓ ଅଧିକାରୀ ନବକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଭ୍ୟ ବନବିହାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସହକାରୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



**ମଇଁଦା,୨୩।୮ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପ୍ରୀତିପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ପାଣ୍ଡବଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ପତି, ମୁଖ୍ୟବକ୍ତା ଭାବେ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦୁଃଶାସନ ପଣ୍ଡା, ଶିକ୍ଷକ ସଂଘର ଉପଦେଷ୍ଟା ଆଶାଦୁଲା ଖାଁ, ଟିଚର କ୍ଲବର ସଭାପତି ଯୁଗଳ କିଶୋର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ମାଧବାନନ୍ଦ ଦାସ, ପ୍ରଧାନ ଶିକ୍ଷକ ରବିନାରାୟଣ ପତି, ସଦାନନ୍ଦ ନାୟକ ଆଦି ଯୋଗଦେଇଥିଲେ। ଦିବ୍ୟଲୋଚନ ବେହେରା, ମନୋରମା ସାହୁ, ଜ୍ୟୋତ୍ସ୍ନାରାଣୀ ଦାଶ, ବିନୋଦିନୀ ତ୍ରିପାଠୀ, ରଶ୍ମିତା ଭୂୟାଁ, ଶକୁନ୍ତଳା ସେଠୀ, ଅକ୍ଷୟକୁମାର ଧଳ, ବିଚିତ୍ରାନନ୍ଦ ମଲିକ, ସେକ ଅଲିମୁଦ୍ଦିନ, ଆରତୀ ସାହୁ ଆଦି ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

## ଅବସରପ୍ରାପ୍ତ କିରାଣିଙ୍କ ବିୟୋଗ

**ବ୍ରହ୍ମବରଦା,୨୩।୮ (ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ୯ନଂ. ୱାର୍ଡ ବ୍ରାହ୍ମଣସାହିର ଅବସରପ୍ରାପ୍ତ କିରାଣି ଅଶୋକ କୁମାର ପାଢୀ (୭୨)ଙ୍କ ବିୟୋଗ ଘଟିଛି। ସେ କିଛିଦିନ ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଶ୍ରୀ ପାଢୀଙ୍କ ପରଲୋକ ଖବର ପ୍ରସାରିତ ହେବା ଫଳରେ ନିଜ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ଦର୍ଶନ ନିମିତ୍ତ ବ୍ରହ୍ମବରଦା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱସନା ଦେବା ସହ ଅମର ଆରାର ସଦଗତି କାମନା କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ରତିକାନ୍ତ ମୁଖାଗ୍ନି ଦେଇଥିଲେ।

### ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ଦାବି

## ଚିଠି ଲେଖିଲେ ମଙ୍ଗଳପୁର ଅଞ୍ଚଳବାସୀ

ଦଶରଥପୁର,୨୩।୮ (ସମିସ): ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ମଙ୍ଗଳପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ଦାବି ହୋଇଛି। ଏଥି ନେଇ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି। କୁଆଖିଆ-କଁୟାଗୋଲା ୨୦ନଂ ଜାତୀୟ ରାଜପଥ ପାଶ୍ୱର୍ରେ ବିସ୍ତାରିତ ମଙ୍ଗଳପୁର ଅଞ୍ଚଳ ଯାଜପୁର ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ। ଦୀର୍ଘ ୮ ଦଶନ୍ଧି ପୂର୍ବରୁ ଏଠାରେ ଗଢ଼ି ଉଠିଥିବା ବ୍ୟବସାୟିକ ବଜାର ଏବେ ବଉଳାଙ୍ଗ ଠାରୁ ଲାଲବାଗ ଭାୟା ମାନସିଂପାଟଣା, ଥାଲୁକୁଡି, ସାଟିବାଟି ଓ ହୀରାପୁର ପର୍ଯ୍ୟନ୍ତ ପ୍ରାୟ ୨କିଲୋମିଟରୁ ଅଧିକ ପରିବ୍ୟାପ୍ତ ଅଞ୍ଚଳ ମଧ୍ୟରେ ପ୍ରାୟ ଦେଢ଼ ହଜାର ଛୋଟ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ସମେତ ଏହାର ଚତୁପାଶ୍ୱର୍ରେ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ବଜାରରେ ବ୍ୟବସାୟ ବୃଦ୍ଧି ଯୋଗୁ ଆଖପାଖ ଅଞ୍ଚଳରେ ବିଭିନ୍ନ ଅର୍ଥକାରୀ ଫସଲ, ପନିପରିବା ଚାଷ, ମାଛ, ମାଂସ ଏବଂ ଦୁଗ୍ଧ ଜାତୀୟ ଦ୍ରବ୍ୟ ଉତ୍ପାଦନରେ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ଥାନା, ସରକାରୀ ବସଷ୍ଟାଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜମିଜମା ସମ୍ବନ୍ଧୀୟ ନିବନ୍ଧକ କାର୍ଯ୍ୟାଳୟ, ଡାକ କାର୍ଯ୍ୟାଳୟ, ଜାତୀୟ କରଣ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କ ଶାଖା, ସମବାୟ ବ୍ୟାଙ୍କ, ମାଇକ୍ରୋ ଅର୍ଥ ପରିଚାଳନା ସଂସ୍ଥା, ବଡ଼ ବଡ଼ କମ୍ପାନୀର ସ୍ୱୀକୃତିପ୍ରାପ୍ତ ବାଇକ୍ ସୋ-ରୁମ, ପେଟ୍ରୋଲ ଟାଙ୍କି, ଅଧିକୃତ ଗ୍ୟାସ ଏଜେନ୍ସି, ମହାବିଦ୍ୟାଳୟ ସମେତ ଏକାଧିକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଶିଳ୍ପ ତାଲିମ କେନ୍ଦ୍ର ଅଞ୍ଚଳର ପ୍ରତିଷ୍ଠାକୁ ଦ୍ୱିଗୁଣିତ କରିଛି। ସେହିପରି ଏଠାରୁ ଦୈନିକ କଟକ, ଭୁବନେଶ୍ୱର, କୋଲକାତା, ବାଲେଶ୍ୱର, ରାଉରକେଲା, କେନ୍ଦୁଝର, ଯାଜପୁର ଟାଉନ, ଯାଜପୁର ରୋଡ଼, ଭଦ୍ରକ ଅଞ୍ଚଳକୁ ନିୟମିତ ବସ୍ ଚଳାଚଳ ସୁବିଧା ରହିଛି। ପ୍ରତିଷ୍ଠିତ ମଙ୍ଗଳପୁର ବଜାର ଉପରେ ନିକଟସ୍ଥ ୨୦ଟି ପଞ୍ଚାୟତର ଜନସାଧାରଣଙ୍କ ସମେତ ପଡୋଶୀ ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲା ସୀମାନ୍ତ ଅଞ୍ଚଳର ଜନସାଧାରଣ ବିବିଧ କାର୍ଯ୍ୟ ଓ ବ୍ୟବସାୟ ପାଇଁ ନିର୍ଭରଶୀଳ ହୋଇଥାନ୍ତି। ୨୦ନଂ ଜାତୀୟ ରାଜପଥ ପାଶ୍ୱର୍ରେ ପରିବ୍ୟାପ୍ତ ଏହି ବଜାରର ପରିସୀମା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ପ୍ରତିଦିନ ଏହି ଅଞ୍ଚଳକୁ ୫ରୁ ୮ ହାଜର ଜନସାଧାରଣଙ୍କ ଆତଯାତ ଲାଗିରହିଥାଏ। ମାତ୍ର ବଜାରରେ ଆବଶ୍ୟକ ଥିବା ଜଳ ନିଷ୍କାସନ ଓ ସ୍ୱେରଜ ବ୍ୟବସ୍ଥା ଅଭାବ ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଏଠାରେ ବସବାସ କରୁଥିବା ଅଞ୍ଚଳବାସୀ ଦହଗଞ୍ଜ ହେଉଛନ୍ତି। ରାସ୍ତା ଆଲୋକୀକରଣରେ ଅବନତି, ଯାତ୍ରୀ ପ୍ରତୀକ୍ଷାଳୟ, ସୁଲଭ ଶୌଚାଳୟ ଅଭାବ ପାଇଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ମଙ୍ଗଳପୁର ଅଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଅର୍ଥନୈତିକ ଅଭିବୃଦ୍ଧି ସହିତ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଙ୍ଗଳପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ରୂପେ ଗଠନ କରାଗଲେ ଅଞ୍ଚଳବାସୀଙ୍କ ବିକାଶ ଏବଂ ଜୀବନ ଜୀବିକା ମାନଦଣ୍ଡ ବୃଦ୍ଧିରେ ସହାୟକ ହେବ ବୋଲି ଦର୍ଶାଯାଇ ମଙ୍ଗଳପୁରକୁ ତୁରନ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଭାବେ ଘୋଷଣା କରିବାକୁ ନବକିଶୋର ବେହେରା, ଦୁର୍ଯ୍ୟୋଧନ ବାରିକ, କ୍ଷୀରୋଦ ଶତପଥୀ, ରଞ୍ଜନ କୁମାର ରାୟ, ଶ୍ରୀଧର ସେଠୀ, ଦୁଷ୍ମନ୍ତ କୁମାର ଦାସ, ବଂଶୀଧର ଦାସ, ଜ୍ୟୋତି ପ୍ରକାଶ ଶତପଥୀ, ପରମେଶ୍ୱର ମଲ୍ଲିକ, ଦେବେନ୍ଦ୍ର ନାୟକ, ନରେଶ ଚନ୍ଦ୍ର ରାୟ, ଚକ୍ରଧର ମହାରଣା, କାମଦେବ ସାହୁ, ମାନସ ରଞ୍ଜନ ବିଶ୍ୱାଳ, ଶତ୍ରୁଘନ ମଲ୍ଲିକ, ପ୍ରଭାକର ପାତ୍ରଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଲିଖିତ ଚିଠି ମାଧ୍ୟମରେ ଦାବି କରିଛନ୍ତି।

# ଅଧାରେ ଅଟକିଛି ରଣାଗୁଣ୍ଡି ରାଜସ୍ୱ କାର୍ଯ୍ୟାଳୟ



**ଦାନଗଦି,୨୩।୮ (ସମିସ):** ରାଜସ୍ୱ ସେବାକୁ ତ୍ୱରିତ କରିବା ଲକ୍ଷ୍ୟ ନେଇ ସରକାର ରାଜସ୍ୱ ଗ୍ରାମ ଗୁଡିକୁ ନେଇ ଗୋଟିଏ ଲେଖାଁଏ ଆର୍‌ଆଇ ଅଫିସ ଖୋଲିବା ପାଇଁ ନିଷ୍ପତି ନେଇ ସେଥିପାଇଁ ଆବଶ୍ୟକ ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି। ହେଲେ କିଛି ଅସାଧୁ କର୍ମଚାରୀ ଓ ଠିକାଦାର ମିଶି ଏହି କାର୍ଯ୍ୟକୁ ଅତି ନିମ୍ନମାନର କରି ବିଲ ହାତେଇ ନେଇଥିବା ବେଳେ ଅଧାରୁ କାମ ବନ୍ଦ କରିଦେଇଛନ୍ତି। ଯାହାକୁ ନେଇ ଜନସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାମ ଆରମ୍ଭ ହେବାକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟ ସରୁନଥିବାରୁ ସ୍ଥାନୀୟ ଚାଷୀ ଓ ଜନସାଧାରଣ ମାନେ ଆପତ୍ତି କରିଛନ୍ତି।

ଏହି ରାଜସ୍ୱ ସର୍କଲ ୩ଟି ପଞ୍ଚାୟତ ଯଥା ନଡ଼ିଆଭଙ୍ଗା, ରଣାଗୁଣ୍ଡି ଓ ଶାଳିଜଙ୍ଗା ପଞ୍ଚାୟତକୁ ନେଇ ଗଠିତ। ଦାନଗଦି ବ୍ଲକର ରଣାଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ସୁଳିଆ ଗ୍ରାମରେ ପ୍ରାୟ ୧ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ଏହି ଘର କାମ କେବେ ସରିବ ତାହା କେହି ସଠିକ ଭାବେ କହି ପାରୁନାହାନ୍ତି। ଉକ୍ତ କାର୍ଯ୍ୟ କୁ ଠିକାଦାର ପ୍ରେମ ସାଇ ସଂସ୍ଥା କାର୍ଯ୍ୟାଦେଶ ପାଇଥିଲା। ଏହି କାର୍ଯ୍ୟକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଛି। ୩୦-୬-୨୦୨୩ ରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ୨୯-୫-୨୦୨୪ରେ ଶେଷ କରିବାର ଅବଧି ଥିଲା। କିନ୍ତୁ ଏଠାରେ ଘର ଏକ ତୃତୀୟାଂଶ କାର୍ଯ୍ୟ ସରିନାହିଁ। ଏହି ଗୃହରେ ବହୁ ଦିନ ହେବ କାର୍ଯ୍ୟ ବନ୍ଦ ହେଉଛି କିନ୍ତୁ ଯେଉଁ ଷ୍ଟିଲ କାର୍ଯ୍ୟରେ ଲାଗୁଛି ତାହା କଳଙ୍କି ଖାଇ ଗଲାଣି। ଯାହା ଫଳରେ ବର୍ଷା ପାଣି ଖାଇ ଗୃହ ଦୁର୍ବଳ ହେଉଛି। ଉକ୍ତ କାର୍ଯ୍ୟ ଟେଣ୍ଡର ପାଇଁ ଠିକାଦାର ଆରମ୍ଭରୁ ନିମ୍ନମାନର ସିମେଣ୍ଟ, ରଡ୍ ଓ କାର୍ଯ୍ୟ ହୋଇଥିବା ଲୋକେ ବାରମ୍ବାର ଅଭିଯୋଗ କରିଛନ୍ତି। ଏଠାକୁ ବିଭାଗ ଯନ୍ତ୍ରୀ ଆସୁନଥିବାରୁ ଜଣାପଡୁଛି କାରଣ ଯଦି ଏଠାକୁ ଆସୁଥାନ୍ତେ ତେବେ ଏଭଳି କାର୍ଯ୍ୟଟି ଅଧ ପନ୍ତରିଆ ପଡି ନଥାନ୍ତା। ଚାଷୀ ଓ ଜନସାଧାରଣ ରାଜସ୍ୱ କାର୍ଯ୍ୟ ନିମନ୍ତେ ୧୫ କିମି ଦାନଗଦିକୁ ଯିବାକୁ ପଡୁଛି। ସେଥିରେ ରାଜସ୍ୱ ନିରୀକ୍ଷକ ନଥିଲେ ପୁଣି ଫେରିବାକୁ ପଡେ, ପୁଣି ଆଉ ଗୋଟିଏ ଦିନ ଆସିବାକୁ ପଡେ। ତୁରନ୍ତ ଇଭାଗୀୟ ଅଧିକାରୀ ଉକ୍ତ ତଦନ୍ତ କରି କାର୍ଯ୍ୟାଦେଶ ପାଇଥିବା ଠିକାଦାରର ଟେଣ୍ଡରକୁ ବାତିଲ କରିବା ସହ ଅନ୍ୟ ଠିକାଦାରକୁ ନିଯୁକ୍ତି ଦେଇ କାମ ଆରମ୍ଭ କରିବାକୁ ଲୋକେ ଦାବି କରିଛନ୍ତି।

## ପାର୍ଟ୍ସ ଦୋକାନରୁ ବ୍ୟାଟେରି ଓ ଏଲ୍‌ଇଡି ଲାଇଟ୍ ଚୋରି ; ୨ ଗିରଫ

**ଧର୍ମଶାଳା,୨୩।୮ (ସମିସ):** ଧର୍ମଶାଳା ଥାନା ଜାରକା ବଜାରସ୍ଥିତ ଏକ ବାଇକ ସ୍ପେୟାର ପାର୍ଟ୍ସ ଦୋକାନରୁ ୧୨ ତାରିଖ ରାତିରେ ବ୍ୟାଟେରି ଓ ଏଲିଡ ଲାଇଟ ଚୋରୀ ଅଭିଯୋଗରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ଜାରକା ବଜାରସ୍ଥିତ ଏକ ବାଇକ ସ୍ପେୟାର ପାର୍ଟ୍ସ ଦୋକାନରେ ଗତ ୧୨ ତାରିଖ ରାତିରେ କେହି ଦୁର୍ବୃତ୍ତ ପଶି ଦୋକାନରେ ଥିବା ୬ ଗୋଟି ବ୍ୟାଟେରି ଓ ୬ ଗୋଟି ଏଲଇଡି ଲାଇଟ ସମେତ ଅନ୍ୟ ଦାମିକା ସାମଗ୍ରୀ ଚୋରି କରିନେଇଥିଲେ। ଏନେଇ କୁଆଖିଆ ଥାନା ଗୋପାଳପୁର ଗ୍ରାମର ଦୋକାନ ମାଲିକ ଉମେଶ ଚନ୍ଦ୍ର ସେଠୀ ୧୩ ତାରିଖ ସକାଳେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ୫୧୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଏହି ଥାନା ନାଉପାଳ ଗ୍ରାମର ବିଭିଷଣ ରାଉତଙ୍କ ପୁଅ ଅନିଲ କୁମାର ରାଉତ ଆଲିୟାସ କୁନୁ ଓ ଦୁବଗାଡିଆ ଗ୍ରାମର ଦାମୋଦର ସାହୁଙ୍କ ପୁଅ ଚନ୍ଦନ କୁମାର ସାହୁଙ୍କୁ ଗିରଫ କରି ପଚରା ଉଚରା ପରେ ସେମାନେ ଚୋରୀ କରିଥିବା ମାନିଥିଲେ। ଏମାନେ ଗତ ଜାନୁଆରୀ ମାସରେ ଏହି ଥାନା ଦୁବଗାଡିଆସ୍ଥିତ ଏକ ଦୋକାନରୁ ଗ୍ୟାସ ସିଲିଣ୍ଡର ସହ ଦୋକାନରେ ବିକ୍ରି ହେଉଥିବା ଦାମି ଜିନିଷ ଚୋରି କରି ନେଇଥିଲେ। ସେ ସମୟର ଦୋକାନୀ ଜଣକ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ୩୬/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ସେ ସମୟରେ ଏହି ଦୁଇ ଅଭିଯୁକ୍ତ ଦୋକନରୁ ଚୋରି କରିଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଧର୍ମଶାଳା ପୁଲିସ ଆଜି ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

### ଯାଜପୁର ରୋଡ୍-ଧାମରା ରେଳ ପ୍ରକଳ୍ପ

# ପ୍ରକଳ୍ପ ମଞ୍ଜୁରୀ ନ ହେବା ଦୁର୍ଭାଗ୍ୟଜନକ

ଯାଜପୁର,୨୩।୮ (ସମିସ)

ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆଜି ଯାଜପୁର ଟାଉନ ସ୍ଥିତ ମିଶନଶକ୍ତି ସଭାଗୃହରେ ଏକ ସର୍ବଦଳୀୟ ଓ ସାମୂହିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ପଦ୍ମାକର ଗୁରୁଙ୍କ ସଞ୍ଚାଳନ କ୍ରମେ ଅନୁଷ୍ଠିତ ସମ୍ମିଳନୀରେ ପରିଷଦର ଆବାହକ ସନ୍ତୋଷ ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।



ଯାଜପୁର ରୋଡ୍-ଧାମରା ଭାୟା ଯାଜପୁର ଟାଉନ୍, ମଙ୍ଗଳପୁର, ଆରଡ଼ି, ଚାନ୍ଦବାଲି, ଭିତରକନିକା ଦେଇ ଧାମରା ପର୍ଯ୍ୟନ୍ତ ଏହି ନୂତନ ରେଳପଥଟି ବର୍ଷ ବର୍ଷ ଧରି କେନ୍ଦ୍ର ସରକାରଙ୍କ ଉଦାସୀନତା ଓ ଅବହେଳା ଯୋଗୁଁ ଯାଜପୁର, ଭଦ୍ରକ ଓ କେନ୍ଦ୍ରପଡା ଜିଲ୍ଲାର ଅନ୍ୟୂନ ଦଶ ଲକ୍ଷ ଲୋକଙ୍କ ମନରେ ଗଭୀର ଆଲୋଡ଼ନ ଓ କ୍ଷୋଭ ସୃଷ୍ଟି କରିଛି। ପରିଷଦ ପକ୍ଷରୁ ନିରନ୍ତର ଓ ନିୟମିତ ଭାବେ କେନ୍ଦ୍ର ରେଳମନ୍ତ୍ରୀ, ରେଳବୋର୍ଡ ଅଧ୍ୟକ୍ଷ ଓ ପୂର୍ବତଟ ରେଳବାଇର ଜିଏମ୍‌ଙ୍କୁ ସାକ୍ଷାତ୍ କରିବା ଓ ଏହି ପ୍ରକଳ୍ପ ଏକ ଲାଭଜନକ ପ୍ରକଳ୍ପ ହୋଇଥିଲେ ବି ଏହି ପ୍ରକଳ୍ପ ପ୍ରତି ବଜେଟ୍‌ରେ ଅର୍ଥ ବ୍ୟୟ ବରାଦ ନକରିବା ଅତ୍ୟନ୍ତ ଚିନ୍ତା ଓ ପରିତାପର ବିଷୟ ବୋଲି ପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ଖୁଣ୍ଟିଆ ପ୍ରକାଶ କରିଥିଲେ। ଅତିଥିଭାବେ ଯାଜପୁରର ବିଧାୟିକା ସୁଜାତା ସାହୁ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ୍‌ର ସରକାର୍ ଥିଲେ ବି ଏହି ୧୫ ମାସ ଭିତରେ ଉଭୟ ସରକାର ଏହି ପ୍ରକଳ୍ପ ଲାଗି କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମତବ୍ୟକ୍ତ କରିଥିଲେ। ରେଳପଥ ଦେଇ ଯାଉଥିବା ଅଞ୍ଚଳରେ ବ୍ୟାପକ ସଚେତନତା ସହ ଜନ ଜାଗରଣ ସୃଷ୍ଟି କରିବାକୁ ଆସନ୍ତା ସେପ୍ଟେମ୍ବର୍ ୧ ତାରିଖରୁ ୪ ତାରିଖ ଭିତରେ ପ୍ରମୁଖ ବଜାରରେ ଦସ୍ତଖତ ଅଭିଯାନ କରିବା, ଅକ୍ଟୋବର୍ ୩ ତାରିଖରୁ ୧୧ ତାରିଖ ଭିତରେ ପ୍ରତ୍ୟେକ ବ୍ଲକ୍ ସମ୍ମୁଖରେ ଧାରଣା ସହ ସାଧାରଣ ସଭା କାର୍ଯ୍ୟକ୍ରମ, ଅକ୍ଟୋବର୍ ୧୫ ତାରିଖରୁ ୨୦ ତାରିଖ ଭିତରେ ଯାଜପୁର, ଭଦ୍ରକ ଓ କେନ୍ଦ୍ରପଡା ଜିଲ୍ଲାପାଳଙ୍କ ଜରିଆରେ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ ଓ ରେଳବୋର୍ଡ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି ବୋଲି ସଂଯୋଜକ ଶ୍ରୀ ଗୁରୁ ଟିପ୍ପଣି ରଖିଥିଲେ। ଅକ୍ଟୋବର୍ ୨୩ ତାରିଖରୁ ନଭେମ୍ବର୍ ୭ ତାରିଖ ଭିତରେ ଯାଜପୁର ରୋଡ୍, ଯାଜପୁର ଟାଉନ୍, ଭିତରକନିକା, ଆରଡ଼ି, ମଙ୍ଗଳପୁର ଓ ଧାମରାରେ ଆୟୋଜନ କରିବା ଓ ନଭେମ୍ବର୍ ମାସରେ ସଂସଦର ଆଗାମୀ ଶୀତକାଳୀନ ଅଧିବେଶନରେ ଶହ ଶହ ସଂଖ୍ୟାରେ ସଂସଦ ଭବନ ଆଗରେ ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମ ଲାଗି ଦିଲ୍ଲୀ ଚଲୋ ଅଭିଯାନ ସ୍ଥିର କରାଯାଇଛି। ନଭେମ୍ବର୍ ଶେଷ ସପ୍ତାହରେ ତିନି ଜିଲ୍ଲାର ବନ୍ଦ ଡାକରା ଦେବାକୁ ପରିଷଦ ନିଷ୍ପତ୍ତି ନେଇଛି ବୋଲି ଆବାହକ ସନ୍ତୋଷ କୁମାର ନନ୍ଦ ମତପ୍ରକାଶ କରିଛନ୍ତି। ଏହି ସର୍ବଦଳୀୟ ବୈଠକରେ ଭବ ପ୍ରକାଶ ଦାସ, ନାରାୟଣ ସାମନ୍ତ, ଆଲୋକ ବେହେରା, ତପନ ମହାରଣ୍ୟ ଶର୍ମା, ପ୍ରତିମା କର, ସମୀର ନାୟକ, ସରୋଜ କୁମାର ନାୟକ, ଚନ୍ଦ୍ରଶେଖର ସାହୁ, ଭରତ ପରିଡ଼ା, ଭାସ୍କର ମହାନ୍ତି, ଗଦାଧର ଦାସ, ହୃଷୀକେଶ ଜେନା, ନକୁଳ ସାହୁ, ବୃନ୍ଦାବନ ମିଶ୍ର, ବିଶ୍ୱଜିତ୍ ସାହୁ, ଅନ୍ୟମାନେ ନିଜ ନିଜର ମତ ଦେବା ସହ ଉପସ୍ଥିତ ଥିଲେ।

## କିଏ ହେବ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ

**ଧର୍ମଶାଳା,୨୩।୮ (ସମିସ):** ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ନିଜ ପଦବୀରୁ ଇସ୍ତଫା ପ୍ରଦାନ କରିବା ପରେ ଏବେ କିଏ ହେବ ବ୍ଲକ ଅଧ୍ୟକ୍ଷ ତାକୁ ନେଇ ସାଧାରଣରେ ଆଲୋଚନା ଚାଲିଛି। ଧର୍ମଶାଳା ବିଧାୟକଙ୍କ ସମର୍ଥନରେ ୭୫ ଜଣ ସରପଞ୍ଚ ଓ ସମିତିସଭ୍ୟ ରହିଥିବା ବେଳେ ଧର୍ମଶାଳା ବିଧାୟକ କାହାକୁ ଅଧ୍ୟକ୍ଷ ପଦରେ ବସାଇବେ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏସବୁ ସତ୍ତ୍ୱେ ନିୟମ ଅନୁଯାୟୀ ବ୍ଲକର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପରେ ଖାଲି ପଡିଥିବା ଏହି ପଦବୀ ପାଇଁ ୬ ମାସ ମଧ୍ୟରେ ନିର୍ବାଚନ ହେବ ଏବଂ ଏହି ସମୟ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଅଧ୍ୟକ୍ଷ ଦାୟିତ୍ୱରେ ରହିବେ। ଏସବୁ ସତ୍ତ୍ୱେ କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିବ ଏବଂ କିଏ ବ୍ଲକ ଅଧ୍ୟକ୍ଷ ହେବେ ତାହା ଆଗକୁ ସ୍ପଷ୍ଟ ହେବ।

## ଆସୁଛନ୍ତି ଗଜାନନ

# ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର



**ବିଞ୍ଝାରପୁର, ୨୩।୮ (ସମିସ)**

ପାଖେଇ ଆସୁଛି ପ୍ରଭୁ ଗଜାନନଙ୍କ ପୂଜା। ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜାକୁ ନେଇ ଚଳଚଞ୍ଚଳ ହେଲାଣି ଗାଁଠୁ ସହର। ଗଣେଶ ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ହୋଇପଡ଼ିଛନ୍ତି ମୂର୍ତ୍ତି କାରିଗର। ଏ ବର୍ଷ ଲୋକଙ୍କ ଚାହିଦା ବିଭିନ୍ନ ପ୍ରକାରର କାର୍ଟୁନ ଗଣେଶ ମୂର୍ତ୍ତି। ତେଣୁ ଉଚିତ ମୂଲ୍ୟରେ ଗଣେଶ ମୂର୍ତ୍ତିକୁ ବିକ୍ରିକରି ଭଲ ଦୁଇ ପଇସା ରୋଜଗାର କରିବା ଆଶା ନେଇ ମୂର୍ତ୍ତି କାରିଗରମାନେ ପ୍ରଭୁ ଗଣେଶଙ୍କୁ ଶେଷ ସ୍ପର୍ଶ ଦେବାରେ ଲାଗିଛନ୍ତି। ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କ ପୂଜାକୁ ନେଇ ବିଞ୍ଝାରପୁର ଅଞ୍ଚଳ ବେଶ ଚଳଚଞ୍ଚଳ ହୋଇପଡ଼ିଛି। ମୂର୍ତ୍ତି କାରିଗରମାନେ ମଧ୍ୟ ମୂର୍ତ୍ତି ତିଆରି କାମରେ ଲାଗି ପଡ଼ିଛନ୍ତି। ଚଳିତ ବର୍ଷ ଗଣେଶ ମୂର୍ତ୍ତିର ଦାମ ୧୫୦ ଟଙ୍କାରୁ ଆରମ୍ଭ କରି ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ବିଶେଷକରି କାର୍ଟୁନ ଗଣେଶ ମୂର୍ତ୍ତି ପ୍ରତି ଲୋକଙ୍କ ଚାହିଦା ରହିଛି। ଚଳିତ ବର୍ଷ ସିଦ୍ଧି ବିନାୟକ ଡିଜାଇନ, ସପ୍ତଫେଣି ସାପ ଉପରେ ଗଣେଶ, ଶିବ ତାଣ୍ଡବ ଉପରେ ବସିଛନ୍ତି ତ ଆଉ କେଉଁଠି ଶଙ୍ଖ ଏବଂ ବାସୁଆ ଉପରେ ବସିଛନ୍ତି ଗଣେଶ। ଗଣେଶ ପୂଜାର ୨ ମାସ ପୂର୍ବରୁ ମୂର୍ତ୍ତି କାରିଗରମାନେ ମାଟି ଆଣି ମୂର୍ତ୍ତି କାମ ଆରମ୍ଭ କରଛନ୍ତି। ଚଳିତବର୍ଷ ବିଞ୍ଝାରପୁର ଅଞ୍ଚଳର ସିଂହପୁର, ଅରେଇ ଜଇମଁରା, ରଣପୁର, ମାଁସଡ଼ା, ଓଲେଇ ଚନ୍ଦନପୁର, ବିଞ୍ଝାରପୁର ବଜାର ଆଦି ସ୍ଥାନ ମାନଙ୍କରେ ଗଣେଶ ପୂଜା ବେଶ ଜମିବ ବୋଲି ଆଶା ବାନ୍ଧିଛନ୍ତି ସମସ୍ତେ। ଏହାକୁ ଦୃଷ୍ଟିରେ ରଖି ମୂର୍ତ୍ତି କାରିଗରମାନେ ବେଶ ଉତ୍ସାହିତ ଥିବାବେଳେ ଭଲ ଦୁଇପଇସା ରୋଜଗାର କରିବା ନେଇ ଆଶା ରଖିଛନ୍ତି। ବିଞ୍ଝାରପୁର ବରୁଣେଶ୍ୱର, ସୟିଦପୁର, ଉଉଙ୍ଗରା, ସିଂହପୁର, କଲ୍ୟାଣପୁର ଗାଁର ମୂର୍ତ୍ତି କାରିଗରମାନଙ୍କ ହାତ ତିଆରି ମୂର୍ତ୍ତି ଗୁଡିକର ବେଶ ଚାହିଦା ରହିଛି। ଏବର୍ଷ ସିଂହପୁରରେ ମୂର୍ତ୍ତି କାରିଗରଙ୍କ ଦ୍ୱାରା ତିଆରି ଗଣେଶ ବେଶ ଆକର୍ଷଣୀୟ ହୋଇଥିବା ବେଳେ ଏହା ଲୋକଙ୍କ ପ୍ରଥମ ପସନ୍ଦ ହୋଇଛି। ମାଟିରେ ଗଣେଶ ମୂର୍ତ୍ତି ତିଆରି କରିବା କଷ୍ଟକର, ହେଲେ ବି କାରିଗରମାନେ ବେଶ୍ ଆଗ୍ରହର ସହ ତିଆରି କରିଥାନ୍ତି ମୂର୍ତ୍ତି। ଗଣେଶ ପୂଜା ଯେତେ ପାଖେଇ ଆସୁଛି ମୂର୍ତ୍ତି କାରିଗରଙ୍କ କାମ ମଧ୍ୟ ସେତିକି ବଢ଼ିବାରେ ଲାଗିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ବିଭିନ୍ନ ସଂଗଠନ ଓ ଆୟୋଜକଙ୍କୁ ଅଗ୍ରୀମ ମୁତାବକ ସେମାନଙ୍କୁ ମୂର୍ତ୍ତି ହସ୍ତାନ୍ତର କରାଯିବା ନେଇ ଲକ୍ଷ୍ୟ ରହିଛି। ସେଥିପାଇଁ ତୂଳୀରେ ଶେଷ ସ୍ପର୍ଶ ଦେବା ପାଇଁ କାରିଗରମାନେ ଦିନରାତି ପରିଶ୍ରମ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି।

## ବୈତରଣୀ ନଦୀର ଜଳସ୍ତର ବୃଦ୍ଧି

# ଆଖୁଆପଦାରେ ବିପଦ ସଂକେତ ଉପରେ ପ୍ରବାହିତ



**ଯାଜପୁର/କୟାଁଗୋଲା, ୨୩।୮ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ପୁନର୍ବାର ବନ୍ୟା ଜଳ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଆନନ୍ଦପୁର ଠାରେ ବୈତରଣୀ ନଦୀର ଜଳସ୍ତର ସାମାନ୍ୟ ହ୍ରାସ ପାଉଥିବା ବେଳେ ଆଖୁଆପଦା ଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ଦଶରଥପୁର ବ୍ଲକ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି। ବୈତରଣୀ ନଦୀ ଓ ତାର ଶାଖା ନଦୀ ବୁଢ଼ାରେ ମଧ୍ୟ ବନ୍ୟା ଜଳ ପ୍ରବାହିତ ହେଉଛି। ଗତ ବୈତରଣୀ ନଦୀ ବନ୍ୟାରେ ଯାଜପୁର ବ୍ଲକର ୬ଟି ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରବାହିତ ହୋଇଥିଲା। ଏପରିକି ବହୁ ଚାଷ ଜମି ଓ ପରିବା ଚାଷ ପ୍ରଭାବିତ ହେବା ସହ ସିମିଳିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ଏବେ ପୁନର୍ବାର ବୈତରଣୀ ନଦୀରେ ବନ୍ୟାଜଳ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଲୋକେ ଆତଙ୍କିତ ନ ହେବା ପାଇଁ ଜଳ ସମ୍ପଦ ବିଭାଗ ସୂଚନା ଦେଇଛି। ଦଶରଥପୁର ନିକଟରେ ବନ୍ୟା ଜଳ ୯.୪୦ମିଟର ଉଚ୍ଚତାରେ ପ୍ରବାହିତ ହେଉଛି। ଦଶରଥପୁର ନିକଟରେ ବିପଦ ସଂକେତ ୯.୫୪ ମିଟର ଅଟେ। ପୂର୍ବ ବନ୍ୟାରେ ବୈତରଣୀ ନଦୀର ନୂଆପାଟଣା ଓ ଗୁଣ୍ଡୁଣିପଡ଼ା ନିକଟରେ ନଦୀବନ୍ଧରେ ଅତଡ଼ା ଖସିବା ଯୋଗୁଁ ଅସ୍ଥାୟୀ ମରାମତି କାର୍ଯ୍ୟ ହୋଇଥିଲା। ସେହିପରି କାଣୀ ନଦୀର ପଞ୍ଚପଡ଼ା ଠାରେ ମଧ୍ୟ ଗୋଟିଏ ଘାଇ ସୃଷ୍ଟି ହୋଇଥିଲା। ଆଜି ଆସୁଥିବା ବନ୍ୟା ଜଳ ଯୋଗୁଁ ଏହି ସ୍ଥାନ ଗୁଡିକୁ ଅଧିକ ବିପଦ ଆଶଙ୍କା ରହିଛି। ଜଳସେଚନ ବିଭାଗ ର ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ନଦୀ ବନ୍ଧର ବିପଦପୂର୍ଣ୍ଣ ସ୍ଥାନ ଗୁଡିକୁ ପରିଦର୍ଶନ କରି ସମସ୍ତ ପ୍ରକାର ବିପଦର ମୁକାବିଲା ପାଇଁ ବିଭାଗ ପ୍ରସ୍ତୁତ ରହିଛି ବୋଲି କହିଛନ୍ତି।

# ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ



**କୟାଁଗୋଲା, ୨୩।୮ (ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରେ ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ତାଲିମ ସହିତ ଶିବିର ମାନ ଅନୁଷ୍ଠିତ ହେବ। ତେଣୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ମିନାକ୍ଷୀ ମିଶ୍ରଙ୍କ ଆହ୍ୱାନ କ୍ରମେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅଧ୍ୟାପିକା ପ୍ରମିଳା ବାଇ ଏକ ସ୍ୱତନ୍ତ୍ର କମିଟି ଗଠନ କରିବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟର ଆଲୋଚନା କରାଯାଇଥିଲା। ଗଠିତ ଏହି କମିଟିରେ ଅଧ୍ୟାପିକା ସୁଷମା ସାହ, ତପସ୍ୱିନୀ ଭଞ୍ଜ, ଶୁଭଶ୍ରୀ ଘଡ଼ାଇ, କମିଟିର ସଦସ୍ୟ ଡ. ଅମ୍ରିତା ପ୍ରୀତମ ମଲ୍ଲ, ସମାଜସେବୀ ଜଗଦୀଶ ସଙ୍କର ସାହୁ, ସାମ୍ବାଦିକ ସୀତାଂଶୁ ଶେଖର ଜେନା ପ୍ରମୁଖ ରହିଛନ୍ତିଛ ତେବେ ମିଳିତ ସହଯୋଗରେ ଆଗାମୀ ଦିନରେ ମୁଖ୍ୟତଃ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ପ୍ରାଥମିକ ଚିକିତ୍ସା ତାଲିମ, ରକ୍ତଦାନ, ନାରୀ ସୁରକ୍ଷା, ଜରାୟୁ ମୁଖ କର୍କଟ, ସାଇବର ସିକୁରିଟି, ମନସ୍ତତ୍ୱ ଭିତିକ ଆଲୋଚନା, ନାରୀରୋଗ ଭଳି ଅନେକ ସଚେତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ।

# ହୋଟେଲ ମ୍ୟାନେଜମେଣ୍ଟ ସ୍କୁଲର ସ୍ୱାଗତ ଉତ୍ସବ



**ଯାଜପୁର, ୨୩।୮ (ସମିସ):** ଯାଜପୁର ସହରସ୍ଥିତ ଇନ୍ଦିରା ଗାନ୍ଧୀ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନ ଠାରେ ଆୟୋଜିତ ଉତ୍ସବରେ ଓବ୍‌ରାୟ ହୋଟେଲର ମାନବ ସମ୍ବଳ ମୁଖ୍ୟ ଯଶୋବନ୍ତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଇଫିକଲର ବରିଷ୍ଠ ପରିଚାଳକ ଦୀପକ ସିଂ ଯୋଗ ଦେଇ ଏହି ହୋଟେଲ ଶିଳ୍ପର କଳେବର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ବ୍ୟାପକ ସୁଯୋଗ ରହିଛି ବୋଲି ମତପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଇନଫୋସିସର ଫାସିଲିଟି ମ୍ୟାନେଜର ବିଭୁ ପ୍ରସାଦ ଦାସ ଯୋଗ ଦେଇ ହୋଟେଲ ମ୍ୟାନେଜମେଣ୍ଟର ଛାତ୍ର ଛାତ୍ରୀଙ୍କ ପାଇ ପୂରାବିଶ୍ୱରେ ନିଯୁକ୍ତି ସୁଯୋଗ ରହିଥିବା ସହ ସମସ୍ତେ ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସୁବାସ ପାଣି, ଅନୁଷ୍ଠାନର ଡାଇରେକ୍ଟର ସୂର୍ଯ୍ୟକାନ୍ତ ସେଠୀ ଓ ଚେୟାରମ୍ୟାନ ଜ୍ୟୋତ୍ସ୍ନା ଜେନା, ପ୍ରଫେସର ସୁନିଲ ରାଉତ ଯୋଗ ଦେଇ ବିଗତ ଦିନ ମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ପ୍ରିନ୍ସିପାଲ ସୌମ୍ୟରଞ୍ଜନ ପତିଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅଭିଭାବକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

# ଘର କାନ୍ଥ ଭୁଶୁଡ଼ି ଜଣେ ଆହତ



**ସୁକିନ୍ଦା, ୨୩।୮ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ସୁକିନ୍ଦା ଥାନା ଅନ୍ତର୍ଗତ ଦାମୋଦରପୁର୍ ଗ୍ରାମର ନଣ୍ଡା ଖୁଣ୍ଟିଆଙ୍କ ପୁଅ ସୁଦାମ ଖୁଣ୍ଟିଆ ଓ ଉତ୍ତମ ଖୁଣ୍ଟିଆଙ୍କ ରହିବା ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶନିବାର ସକାଳୁ ଉଭୟ ପରିବାର ଘରେ ଶୋଇଥିବା ସମୟରେ କାନ୍ଥ ଧସି ପଡ଼ିଥିଲା। ସୌଭାଗ୍ୟ ବଶତଃ କୌଣସି ପରିବାର ଲୋକଙ୍କ କ୍ଷତି ଘଟିନାହିଁ। ଉଭୟ ପରିବାର ଏବେ ବାସହରା ହୋଇପଡ଼ିଛନ୍ତି। ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାସହ ସରକାରୀ ଆବାସ ଯୋଗାଇ ଦେବାକୁ ଦାବି ହେଉଛି। ସୂଚନା ପାଇ ସୁକିନ୍ଦା ଅତିରିକ୍ତ ତହସିଲଦାର ନିର୍ମଳ କୁମାର ଦାସ ଓ ଆର ଆଇ ବାସହରା ପରିବାର ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ଅବହେଳା ଅଭିଯୋଗ

# ତୁରନ୍ତ କାର୍ଯ୍ୟ କରିବାକୁ ଓଏମ୍‌ସିକୁ ଚେତାବନୀ

**ବ୍ୟାସନଗର, ୨୩।୮ (ସମିସ):** ବ୍ୟାସନଗର ସହରରେ ଦୀର୍ଘ ବର୍ଷ ହେବ କାରଖାନା କରିଛି ଇଫିକଲ। କାରଖାନାରେ ନିଯୁକ୍ତି ତ ଏବେ ସାତସପନ ହୋଇଥିବା ବେଳେ କାରଖାନା ଯୋଗୁଁ ସହର ବାସୀଙ୍କ ଦୁର୍ଦ୍ଦଶା ନ କହିବା ଭଲ। ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ କାରଖାନା ଚଳାଇବା ନିମନ୍ତେ ରହିଥିବା ପ୍ରାଥମିକ ନିୟମ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ମଧ୍ୟ ଇଫିକଲ ଏବଂ ବର୍ତ୍ତମାନ ସତ୍ତ୍ୱାଧିକାର ଓଏମସି ଜମା ବି ଧ୍ୟାନ ଦେଉନି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ପୁଞ୍ଜିଭୂତ ହୋଇ ଜନ ଅକ୍ରୋଶ ଆଡ଼କୁ ଗତି କଲାଣି। ଏପରି ସ୍ଥିତିରେ ଶନିବାର ବ୍ୟାସନଗର ମ୍ୟୁନିସିପାଲିଟିର ପାରିଷଦମାନେ ଏକତ୍ରିତ ହୋଇ ଓଏମସି କାର୍ଯ୍ୟାଳୟରେ ପହଞ୍ଚି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପ୍ରାଥମିକ ଭାବେ ସେଠାରେ କାର୍ଯ୍ୟରତ ଜନୈକ ଅଧିକାରୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ ମଧ୍ୟ ପରେ ଏହାକୁ ଫେରାଇ ଦେଇଥିଲେ। ତେବେ ପାରିଷଦମାନେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏନେଇ ପ୍ରତିକ୍ରିୟାଶୀଳ ହେବାରୁ ଅନ୍ୟ ଅଧିକାରୀମାନେ ପହଞ୍ଚି ଭୁଲ ମାଗିବା ସହିତ ମାମଲାକୁ ଦଫା ଦଫା କରିଥିଲେ। ଶନିବାର ପାରିଷଦ ମାନେ ଧବଳଗିରିଠାରୁ ପ୍ଲାଣ୍ଟ ପଛ ପଟ ଗେଟ୍, ଜାଭିୟର ସ୍କୁଲ ରାସ୍ତା ଏବଂ ପନାସିଆ ମୁଖ୍ୟ ରାସ୍ତା ଦୀର୍ଘ ବର୍ଷ ହେବ ଖଣ୍ଡିଆ ଖାବରା ହୋଇ ପଡ଼ିଥିବାରୁ ଏହାକୁ କାରଖାନା କର୍ତ୍ତୃପକ୍ଷ ତୁରନ୍ତ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ମରାମତି କରିବାକୁ ଦାବି କରିଥିଲେ। ତେବେ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଧମକ ଦେବା ସହିତ ଆଗାମୀ ଦିନରେ କାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଦାବି ପତ୍ର ଦିଆଯିବ ବୋଲି ପାରିଷଦମାନେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୧ ନଂ ପାରିଷଦ ବିଜୟ ଜେନା, ୨ ନଂ କୁନି ହାଁସଦା, ୩ ନଂ.ଙ୍କ ପ୍ରତିନିଧି ଅନୁପ କୁମାର ନାୟକ, ୪ ନଂ.ଙ୍କ ପ୍ରତିନିଧି ପ୍ରଶାନ୍ତ ଖୁଣ୍ଟିଆ, ୫ ନଂ. ପାରିଷଦ ମୋନାଲିସା ସାହୁ ଉପସ୍ଥିତ ରହି ତୁରନ୍ତ ଦାବି ପୂରଣ କରି ସହରବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଦାବି କରିଥିଲେ।

**ଦାବିପତ୍ର ଗ୍ରହଣ କଲେନି ଅଧିକାରୀ**



# ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ



**ଧର୍ମଶାଳା, ୨୩।୮ (ସମିସ):** ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ଡ. ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଓ କବି ଡ. ତୁହିନାଂସୁ ରଥ ଯୋଗଦେଇ ଲକ୍ଷ୍ୟ, ସଂକଳ୍ପ, ସାଧନା ଓ ସିଦ୍ଧି ସହିତ କାର୍ଯ୍ୟସ୍ଥଳୀର ସକାର୍ରାକ ଦୃଷ୍ଟି ଭଙ୍ଗୀ ବିଷୟରେ ନିଜ ନିଜର ଦୃଷ୍ଟିକୋଣକୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସାମଗ୍ରୀକ ଭାବେ ରାଷ୍ଟ୍ର ଗଠନରେ ସୁସ୍ଥ କର୍ମ ସମ୍ପାଦନା ନିର୍ଭରଶୀଳ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଡ.ସୁନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରଯାଇଥିଲା। ସର୍ବଶେଷରେ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେନାପୁର-ରାମଚନ୍ଦ୍ରପୁର ରାସ୍ତା

# ତାରିଣୀ ଛକ ଅବସ୍ଥା ଶୋଚନୀୟ

**କବାଟବନ୍ଧ, ୨୩।୮ (ସମିସ)**



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର- ରାମଚନ୍ଦ୍ରପୁର ତାରିଣୀ ଛକ ଭାୟା ବରମୁଣ୍ଡୁଳି କୃଷ୍ଣଚନ୍ଦ୍ରପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଦୀର୍ଘ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ଲମ୍ବା ରାସ୍ତାର ଜେନାପୁର ଠାରୁ ଲେବୁଲ କ୍ରସିଂ ପର୍ଯ୍ୟନ୍ତ ଅତି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି। ଯାହା ଫଳରେ ହଜାର ହଜାର ଜନ ସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରିବା ସହିତ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଏହି ରାସ୍ତାଟି ଦୀର୍ଘ ଦିନ ଧରି ମରାମତି ହୋଇନଥିବାରୁ ଏବେ ଶୋଚନୀୟ ହୋଇ ପଡ଼ିଛି। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଛି। ଯାହା ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି। ଏହା ଛଡ଼ା ଏହି ରାସ୍ତା ଦେଇ ଭାରୀଯାନ ଚଳାଚଳ ରାସ୍ତା ଖରାପର ମୁଖ୍ୟ କାରଣ ସାଜିଛି।

ଜେନାପୁର ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ସ୍ଥାନ ଅଟେ। ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଜେନାପୁର ରେଳ ଷ୍ଟେସନ, ଜେନାପୁର ଥାନା, ପୋଷ୍ଟ ଅଫିସ, ଜେନାପୁର ମେଡ଼ିକାଲ, ଜେନାପୁର ହାଇସ୍କୁଲ ସମେତ ବିଭିନ୍ନ ବ୍ୟାଙ୍କ ଏବଂ ପ୍ରାୟ ପାଞ୍ଚ ଗୋଟି ଘରୋଇ ସ୍କୁଲ ରହିଛି। ତେବେ ଏମିତି ଏକ ପ୍ରମୁଖ ସ୍ଥାନକୁ ଯିବା ଆସିବାରେ ଅସୁବିଧା ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଚେତନ ହେଉ ନାହାଁନ୍ତି। ଜେନାପୁର ରେଳ ଷ୍ଟେସନ ଲେବୁଲ କ୍ରସିଂ ନିକଟରେ ଏହି ରାସ୍ତାରେ ଏକ ବିରାଟ ଗାଡ଼ ସୃଷ୍ଟି ହୋଇଛି। ଯାହାକି ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଅଟୋ ଏବଂ ଅନ୍ୟାନ୍ୟ ଯାନ ଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ସ୍ଥାନୀୟ ସାହାଣୀଡ଼ିହ ପଞ୍ଚାୟତର ରାମଚନ୍ଦ୍ରପୁର, କୃଷ୍ଣଚନ୍ଦ୍ର ପୁର, ଭେଜିଗୋଠ, ଗୋଡ଼ି ପଟିଆ, ଦଣ୍ଡାଘାଟି, ପୁରୁଣା ବଉଳମାଳ ପଞ୍ଚାୟତର ବରମୁଣ୍ଡୁଳି, ସାତମାଣ, ଖଜୁରୀବାଟି, ଇଚ୍ଛାପୁର, ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର, ତରାସ, ଡିହକଷ୍ଟି, ଅଞ୍ଜିରା ପଞ୍ଚାୟତର ବାଲିସାହି, ଶ୍ୟାମସୁନ୍ଦରପୁର, ମୁରାଲୀପୁର, ଅଞ୍ଜିରା, କୋଟସାହି, ଢଙ୍କୁଣିଆ, ଚକ୍ରଧରପୁର ପଞ୍ଚାୟତର ମୁକୁନ୍ଦପୁର, ମଧୁସୂଦନ ଆଦି ଅଞ୍ଚଳର ହଜାର ହଜାର ଜନସାଧାରଣ ଗମନାଗମନ ଅସୁବିଧାରେ ପ୍ରତ୍ୟେକ ଦିନ ସାମନା କରୁଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ମରାମତି ଅଭାବରୁ ଏହା ଯାତାୟାତ ଅନୁପଯୋଗୀ ହୋଇଥିଲେ ମଧ୍ୟ ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ବାଧ୍ୟ ହୋଇ ଲୋକମାନେ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ଜେନାପୁର ଲେବୁଲ କ୍ରସିଂ ନିକଟରେ ରାସ୍ତାରେ ଖାଲ ହୋଇଥିବା ଗଭୀରତାକୁ ଜାଣି ନ ପାରି ଦୈନିକ ଛୋଟ ବଡ଼ ଅନେକ ଦୁର୍ଘଟଣା ଘଟୁଛି। ବିଶେଷ କରି ରାତି ସମୟରେ ଦୁର୍ଘଟଣା ଆଶଙ୍କା ଅଧିକ ରହିଛି। ସାଧାରଣ ଲୋକ ମାନେ ବିଭିନ୍ନ କାମକୁ ଦିନରେ ସାରି ଫେରି ଆସୁଥିବା ବେଳେ ଟ୍ରେନ ଯୋଗେ ବିଭିନ୍ନ ସ୍ଥାନରୁ ରାତିରେ ଫେରିବା ଲୋକ ମାନେ ବେଶୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜେନାପୁର ଷ୍ଟେସନ ନିକଟରୁ ଜେନାପୁର ମେଡ଼ିକାଲ ଯିବା ରାସ୍ତା ଅବସ୍ଥା ନ କହିବା ଭଲ। ଯଦି ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବସ୍ଥା ଏମିତି ତେବେ ବିଭାଗୀୟ ଅଧିକାରୀ ମାନେ କି ପ୍ରକାର ତଦାରଖ କରୁଛନ୍ତି ତାହା ସ୍ପଷ୍ଟ ପ୍ରମାଣିତ ହେଉଛି। ଜାରକା-ଜେନାପୁର ନଦୀ ବନ୍ଧ ରାସ୍ତାର ଜେନାପୁର ଠାରୁ ସାହାଣୀଡ଼ିହ ଏବଂ କୃଷ୍ଣଚନ୍ଦ୍ରପୁର ଦେଇ ୫୩ ନାମ୍ବର ଜାତୀୟ ରାଜପଥକୁ ତାରିଣୀ ଛକ ନିକଟରେ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। ବିଭାଗୀୟ ଅଧିକାରୀ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହିତ ଗମନାଗମନ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚିହ୍ନା ଅଚିହ୍ନା

ରମାକାନ୍ତ ସାମନ୍ତରାୟ





ଏବେ ଏତେ ଗହଳିରେ ମୁଁ ତାକୁ ଚିହ୍ନିବି ବା କେମିତି? ପୂରା ଶହେ ଚାଳିଶ କିଲୋମିଟର ମୁଁ ନବେ ସ୍ପିଡରେ ବାଇକ ଚଳେଇ ଆସିଛି । ଏବେ ପୁଣି ଠିକ୍ ସେତିକି ବାଟ ଫେରିବାକୁ ହେବ ।

ତା' ସହରକୁ ମୁଁ ଆଗରୁ ଆଦୌ ଆସିନଥିଲି । ତାକୁ ନଜଣେଇ ପ୍ରଥମକରି ଆସିଥିଲି ଯେ, ଏବେ ଜାଣ ଦେଖାନପାଇ ଫେରିଯିବାକୁ ହେବ ।

ତା'ର ମୋର ଆଗରୁ ଦେଖା ହୋଇନଥିଲା କି ତା' ଫଟୋ କେବେବି ମୁଁ ଦେଖିନଥିଲି । ତାଆରି କଥାରୁ ଯେତିକି ଯାହା ତାକୁ ଜାଣିଥିଲି । ଫେସବୁକରୁ ଆମର ଚିହ୍ନା । ସେ ତା' ଫେସ୍‌ବୁକ୍‌ର ପ୍ରୋଫାଇଲ୍‌ରେ କେବଳ ଫୁଲଙ୍କ ଫଟୋ ଦେଉଥିଲା ଓ ମୁଁ ମୋ ପିଲାଦିନର ଫଟୋ ଗୋଟେ ଦେଇ ବଦଳାଇବାକୁ ଭୁଲି ଯାଇଥିଲି । ସେ ତା' ୱାଲ୍‌ରେ କେବଳ କୋଟେସନ୍ ସେୟାର୍ କରୁଥିଲା ଓ ମୁଁ କେବେବି କିଛି ପୋଷ୍ଟ କରୁନଥିଲି ।

ସେ ହିଁ ମୋତେ ପ୍ରଥମ କରି ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠେଇଥିଲା ଓ ଦିନେ ପୁଣି ମେସେଞ୍ଜରରେ ପ୍ରଥମ କରି ପିଙ୍ଗ୍ କରିଥିଲା । ଆମର ସତର ଜଣ ମ୍ୟୁଚୁଆଲ୍ ଫ୍ରେଣ୍ଡ ଥିଲେ । ମୋର କିନ୍ତୁ ପ୍ରଥମରୁ ସନ୍ଦେହ ଥିଲା ପ୍ରକୃତରେ ବବିତା ରାୟ ନାମରେ ଝିଅଟେ ସତରେ ଅଛି ନା ଏଇଟା ଗୋଟେ ଫେକ୍ ଆଇ.ଡି ।

ଧୀରେ ଧୀରେ ଆମ ଗପର ସମୟ ବଢ଼ିଥିଲା ଓ ଡେରୀ ରାତିରେ ତା' ସହ କଥା ହେବାକୁ ମୋତେ ଭଲ ଲାଗୁଥିଲା । ତାଆରି ସର୍ତ୍ତ ଥିଲା ଆମେ କେହି କାହାକୁ କେବେବି ଭେଟିବାନି କି କେହି କାହାକୁ କେବେବି କଲ୍ କରି କଥା ବି ହେବାନି । କେବଳ ମେସେଞ୍ଜର ଓ ହ୍ୱାଟସ୍ ଆପ୍‌ରେ ଚାଟିଂ କରିପାରିବା । ଆହାଃ ଏମିତି ଗୋଟେ ଅଜବ ପ୍ରେମ କାହାଣୀ ମୋଆରି ଭାଗ୍ୟରେ ଥିଲା ବୋଲି ମୁଁ କେବେବି ଭାବିନଥିଲି ।

ଆମେ ସକାଳ-ସଞ୍ଜ, ଦିନ-ରାତି ପ୍ରବଳ ଗପୁଥିଲୁ । ଆବୁରୁ ଜାବୁରୁ, ଇଆଡୁ ସିଆଡୁ । ସେ ବହୁ ସ୍ପିଡ୍‌ରେ ଲମ୍ବା ଲମ୍ବା ମେସେଜ୍ ଲେଖିପାରୁଥିଲା । ମୁଁ ପାରୁ ନଥିଲି । କେବେ କେବେ ସେ ଚାରିଦିନ ଗାୟବ ରହୁଥିଲା ତ କେବେ ପୁଣି ରାତି ସାଢ଼େ ତିନି ପର୍ଯ୍ୟନ୍ତ ଚାଟିଂ କରୁଥିଲା । ତଥାପି ମୁଁ ତା' ବିଷୟରେ ବେଶି କିଛି ଜାଣି ନଥିଲି । ତା' ସହର କଥା ମୁଁ ଜାଣିଥିଲି କିନ୍ତୁ ତା' ପରିବାର କଥା କିଛି ଜାଣିନଥିଲି । ତା'ର ପସନ୍ଦ ଅପସନ୍ଦ ଜାଣିଥିଲି କିନ୍ତୁ ତା' ରୂପ ଦେଖିନଥିଲି କି ତା' ସ୍ୱର ଶୁଣିନଥିଲି । ସେ ମୋର ବ୍ୟକ୍ତିଗତ କଥା କେବେବି ପଚାରୁନଥିଲା ବୋଲି ମୁଁ ବି ପଚାରିପାରୁନଥିଲି । ଧୀରେ ଧୀରେ ମୁଁ ଜାଣି ସାରିଥିଲି ତା' ସହ କୋଉ ବିଷୟରେ କଥା ହେବି ଓ କୋଉ ବିଷୟରେ ହେବିନି । ମୁଁ ତାକୁ ଗେହ୍ଲାରେ ବିଲେଇ ଡାକୁଥିଲି ତ ସେ ଗେହ୍ଲାରେ ମୋତେ ମେଘ ଡାକୁଥିଲା । ମୁଁ କେବେ କେବେ ତା'ର ସବୁ କଥାକୁ ମିଛ ଭାବୁଥିଲି ତ କେବେ ଶହେରୁ ଶହେ ସତ ଭାବୁଥିଲି । ତା' ବିଷୟରେ ମୋର କୌଣସି ସାଙ୍ଗସାଥି କିଛି ବି ଜାଣିନଥିଲେ । ସେ ମୋର ଏକାନ୍ତ ବ୍ୟକ୍ତିଗତ ବ୍ୟାପାର ଥିଲା । କିନ୍ତୁ ତା'ର ଗୋଟେ ପୁଅ ସାଙ୍ଗ ମୋ ବିଷୟରେ ଜାଣିଛି ବୋଲି ସେ କହୁଥିଲା ।

ମଝିରେ ମଝିରେ କେବଳ ଥରୁଟେ ହେଉ ପଛେ ଦେଖା କରିବାକୁ ମୁଁ ଢେର ଜିଦି କରୁଥିଲି । ସେ କିନ୍ତୁ ଏଡ଼େଇ ଯାଉଥିଲା । ମୁଁ ରାଗି ରୁଷି କେଇଦିନ ତାକୁ ବ୍ଲକ୍ କରୁଥିଲି ଅବା ତା' ମେସେଜ୍‌ର ଉତ୍ତର ଦେଉନଥିଲି । ସେ ବି ବେଶୀ କିଛି ବୁଝଉନଥିଲା ମୋତେ ।

ଜାଣିଥିଲି ତାଙ୍କ ସହରର ଟାଉନ୍ ହଲ୍ ପାଖରେ ଗୋଟେ ପାର୍କ ଅଛି ଓ ଜାଣିଥିଲି ସବୁ ରବିବାର ସନ୍ଧ୍ୟାରେ ସେ ସେଇଠିକି ଯାଏ । ଦିନେ ଶନିବାର ରାତିରେ ମୁଁ ଲେଖିଲି କାଲି ତ ଛୁଟି... ଯିବି କି? ସେ ହଁ କି ନା କିଛି କହିଲାନି । ସବୁଥର ପରି କେବଳ ସ୍ମାଇଲି ଇମୋଜି ଗୋଟେ ପଠେଇ ମୋ କଥାକୁ ଏଡ଼େଇ ଗଲା ।

ମୁଁ ଚିଡ଼ିକି ରାଗିଗଲି ଓ ଭାବିଲି ଏଥର ନିଶ୍ଚୟ ଯିବି । ରବିବାର ସନ୍ଧ୍ୟାରେ ତାକୁ ତା' ସହରରେ ଯାଇଁ ଭେଟିବି ।

ମୁଁ ତା' ସହରର ଟାଉନହଲ୍ ପାଖ ପାର୍କରେ ପହଞ୍ଚି ଦେଖିଲି ସେଠି ରବିବାରିଆ ପ୍ରବଳ ଗହଳି । ଅନେକ ଝିଅ-ପୁଅ, ବୁଢ଼ା-ବୁଢ଼ୀ ଓ ସାନ ସାନ ପିଲା ଓ ସେମାନଙ୍କ ବାପା ମା । କୋଉଠି ହଳି ହଳି ହୋଇ ପ୍ରେମୀ ଯୁଗଳ ବସିଛନ୍ତି ତ କୋଉଠି ପଲେ ପଲେ ପୁଅ ଝିଅ ଅଲଗା ଖଟି କରୁଛନ୍ତି । ଏତେ ଗହଳିରେ ବବିତା ରାୟକୁ ଏବେ ମୁଁ ଚିହ୍ନିବି କେମିତି? ହ୍ୱାଟସ୍ ଆପ୍ ଖୋଲିଲି । ତା' ଲାଷ୍ଟ ସିନ୍ ସକାଳ ଦଶଟା ପନ୍ଦର ଦେଖଉଛି । ମୋର ଛଅଟା ମେସେଜ ଅନ୍‌ସିନ୍ ହେଇ ପଡ଼ିଛି । ତଥାପି ମୁଁ ଲେଖିଲି 'ବିଲେଇ ମୁଁ ଏବେ ତୋ ସହରରେ ।' ତାପରେ ପୂରା ପାର୍କ ଆଖି ପକେଇଲି ତନୁପାତଳୀ ସାବନୀ ଝିଅଟେ କୋଉଠି ବସିଛି କି? ମୁଁ ତାକୁ ମୋ' ମନରେ ଯେମିତିକା ଭାବିଥିଲି ସେମିତିକା ଅନେକ ଝିଅ ପାର୍କରେ ଥିଲେ । ମନା ଥିଲେ ବି ତା' ନମ୍ବରରେ କଲ୍ କଲି । ଫୋନ୍ ତା'ର ସୁଇଜ୍ ଅଫ୍ ।

ଚାରି ଆଡ଼କୁ ଚାହିଁଲି କେହି ଜଣେ ବି ମୋ ଆଡ଼କୁ ଆଡ଼ ଆଖିରେ ଚାହୁଁ ନାହାଁନ୍ତି । ସମସ୍ତେ ଯେଝା ବାଟରେ ବ୍ୟସ୍ତ । ଛଅ ଥର ପାର୍କର ଏମୁଣ୍ଡ ସେମୁଣ୍ଡ ଦରାଣ୍ଡିଲା ପରେ ମୁଁ ଅସହାୟ ହୋଇ ଶେଷରେ ବାହାରକୁ ବାହାରି ଆସିଲି । ବାଇକ୍ ଉପରେ ବସି ସିଗାରେଟ୍ ଲଗେଇଲି ଓ ଗୋଟେ ଲମ୍ବା ମେସେଜ୍ ଟାଇପ୍ କଲି । ପାର୍କ ବାହାରେ ଚାର୍ଟ ଓ ଗୁପଚୁପ୍ ବାଲାଙ୍କ ଠେଲା । ପାର୍କରୁ ବାହାରି ଚାର୍ଟ ଓ ଗୁପଚୁପ୍ ଖାଉଥିବା ପୁଅ ଝିଅଙ୍କୁ ଦେଖିଲି ଓ ବାଇକ୍ ଷ୍ଟାର୍ଟ କଲି । ସଞ୍ଜ ଗଡ଼ି ରାତି ହେଇସାରିଥିଲା । ଏବେ ମୋତେ ଶହେ ଚାଳିଶ କିଲୋମିଟର ଏକା ଏକା ଫେରିବାକୁ ହେବ ।

ଘରେ ପହଞ୍ଚିଲା ବେଳକୁ ରାତି ଗୋଟେ ପନ୍ଦର । ପେଟରେ ଆଉ ଭୋକ ନଥିଲା । କେମିତି ଗୋଟେ ବିରକ୍ତିକର ଫାଙ୍କା ଫାଙ୍କା ଉଦାସ ଉଦାସ ଲାଗୁଥିଲା ମନ । ଧୁଆଧୋଇ ନହୋଇ ବିଛଣାରେ ଗଡ଼ିଗଲି । ଫୋନ୍ ଖୋଲି ଦେଖିଲି ହ୍ୱାଟସ୍ ଆପ୍‌ରେ ତା' ଲାଷ୍ଟ ସିନ୍ ଏବେବି ସେଇ ସକାଳ ଦଶଟା ପନ୍ଦର । ମୋର କୌଣସି ମେସେଜ୍ ବ୍ଲୁ ଟିକ୍ ହୋଇନାହାନ୍ତି । ସବୁଗୁଡ଼ା ଅନସିନ୍ ମେସଜ୍‌କୁ ଡିଲିଟ୍ ଫର୍ ଅଲ୍ ମାରିଦେଲି । ମେସଞ୍ଜରକୁ ଯାଇଁ ଦେଖିଲି ସେ ଅନ୍ ଲାଇନ୍ । ପ୍ରବଳ ରାଗ ଲାଗିଲା । କିଛି କହିବିନି ଭାବିଲି । ଭାବିଲି ଆଜି ହିଁ ତାକୁ ବ୍ଲକ୍ କରିବି ଓ ତା' ନମ୍ବର ସବୁଦିନ ପାଇଁ ଡିଲିଟ୍ କରିଦେବି ।

'ଶୋଇନ କି?' ମୁଁ ପଚାରିଲି । ପଚାରି ସାରି ନିଜ ଉପରେ ରାଗିଲି ଓ କାହିଁକି ପଚାରିଲି ଭାବୁଛି ତ, ମୋ ପ୍ରଶ୍ନର ଉତ୍ତର ନଦେଇ ସେ ଓଲଟି ପଚାରିଲା 'କୋଉଠି?'

-'ଘରେ...ଏତେ ରାତିରେ ଆଉ କୋଉଠି ଥାଆନ୍ତି?'


ସେ ହସ ଇମୋଜି ଗୋଟେ ପଠେଇଲା । ନାଲିପାନ ଥିବା ଆଖି ଓ ଗାଲରେ ନାଲିପାନ ଲଗା ଇମୋଜି ସାଙ୍ଗରେ ଲେଖିଲା 'ଆଛା ଭଲରେ ଭଲରେ ଘରେ ପହଞ୍ଚିଗଲ ତେବେ...'

ତା'ପରେ ମୁଁ କିଛି ଲେଖିଲା ଆଗରୁ ଧଡ୍ କରି ଅଫ୍ ଲାଇନ୍ ହେଇଗଲା... । ■

ଫ୍ଲାଟ ନଂ-୨୦୨, ଏମ୍.ଆଇ.ଜି.-୨
ଦେବାଶ୍ରମ, ଏସ୍.ବି.ଆଇ. କଲୋନି, କେଶୁରା
ଭୁବନେଶ୍ୱର-୭୫୧୦୦୨
ମୋ: ୯୮୬୧୧୨୪୧୭୩

# ସାକ୍ଷୀ

ଡକ୍ଟର ଚିତ୍ତରଞ୍ଜନ ମିଶ୍ର



ସବୁରି ଭାଗ୍ୟରେ ଅଗ୍ନି ପରୀକ୍ଷା ନିଶ୍ଚିତ
ଦୌଡ଼ିବାକୁ ଥିବା ରାସ୍ତା ସରିଗଲା ପରେ
ଦୌଡ଼ିବା, ଚାଲିବା କିମ୍ବା ବୁହା ହୋଇ ଯିବା
ସବୁ ମିଛ ହୋଇଥାଏ
ପରୀକ୍ଷାର ଘଣ୍ଟା ବାଜିଗଲେ ।
ସେଦିନ ତୁମରି ଦେହ ଫୁଲ ଢାଙ୍କି ହୋଇ
ଶୋଇଥିଲା ଚିତ୍ ହୋଇ ସମାଧିସ୍ଥ ସ୍ୱପ୍ନଙ୍କ ସାଥିରେ ।
ମୁଁ ଦେଖିଲି ନୀରବରେ
କ୍ଷତ ଚିହ୍ନ ତୁମରି ପାଦରେ
ତୀର କାଢ଼ି ଦେଲାପରେ ରକ୍ତସ୍ରାବୀ ଯନ୍ତ୍ରଣାର
ଅନ୍ତ ହେଲାପରେ ।
ତୁମେ କିନ୍ତୁ ଏତେ ସ୍ଥିର କେମିତିକା ରହି ପାରିଥିଲ?
ଆତ୍ମ ବିଦାୟର ଦୃଶ୍ୟ ଆପେ ଦେଖୁଥିଲ ।
ଶୁଣାଇଲ ଶେଷ ଯାଏଁ ବଂଶୀ ସୁରେ
ବିରହର ବ୍ୟଥା ଯେତେ ଥିଲା
ସେ ସୁରରେ ପ୍ରୀତିଝରା ମେଘ ଯେତେ
ବରଷିଲା, ସ୍ୱର୍ଗଦ୍ୱାର ସମୁଦ୍ର ଭିଜିଲା ।

ଥର ଥର କମ୍ପୁଥିଲା ସତ୍ତା ମୋର ଧନୁ ପରି ବାଙ୍କି
ନୀଳ ନିଆଁ ଶୀତଳ ଶେଯରେ
ତୁମେ ଥିଲ ଆଖି ବୁଜି

ପଥର ପ୍ରତିମା ପରି
ସାକ୍ଷୀ ଥିଲୁ ଆମେ ସେଠି
ଅଧା ଅଧା ଜଳି । ■

(କବି ରମାକାନ୍ତ ରଥଙ୍କୁ ସମର୍ପିତ)

ମଞ୍ଜୁଳା ରେସିଡେନ୍ସି
ୱାଟର ୱର୍କ୍ସ ରୋଡ୍, ପୁରୀ - ୭୫୨୦୦୨



# ସନ୍ଧାନ

ଡକ୍ଟର ଅଭୟ ନାରାୟଣ ନାୟକ



ଆ'
ନିକଟରୁ ନିକଟତର
ବିତିଯାଏ ପ୍ରହର ପରେ ପ୍ରହର
ଶେଷ ବତୀଖୁଣ୍ଟର ଆଲୁଅ ଲିଭିବା ଯାଏ
ମୁଁ ଲୋଡୁଥିବି କ୍ଳାନ୍ତ ବିଭାବରୀର କୋଳ
ମୋର ଅନ୍ଧାରର ଲୋଡ଼ାପଣ ନୁହେଁ ଅନ୍ଧତ୍ୱ
ଆଖିଖୋସି ଦେଉଥିବା ଆଲୋକର ରୋଷଣିରେ ବି
ତମେ ଆଲୁଅର ଶତ୍ରୁ
ମିତ୍ରତା କରୁଛ କିଟିକିଟି ଅନ୍ଧାର ସହ
ପିଇ ଚାଲିଛ ତୁମ ଚୟନର ପିୟୁଷ
ଆଖିବୁଜି ଦେଇ ନିର୍ବିକାର
ଅଥଚ, କହୁଛ ମୋର ଦୃଷ୍ଟି ତ
ଏକାଥରେ ଦର୍ଶନ ଅନ୍ଧତ୍ୱର

ଲୋଡ଼ା ନାହିଁ ଏଠି ପରୀକ୍ଷା ଦେବା
ପବିତ୍ରତାର
ଜାଣିଛି ଗଣିକା ଲୋଡ଼େ ନାହିଁ ସତୀତ୍ୱ
ହଜାଇ ସାରିଥିବା ଜ୍ଞାନର ଦୀପ୍ତି
ସହଭାଗୀ ଲୋଡ଼େ ଅନ୍ଧତ୍ୱ
ଯାହା ଆଲୁଅ, କାଲିବି ଥିଲା,
ଆଜି ବି ଅଛି, ରହିବ ଆସନ୍ତା କାଲିଯାଏ

ତୁମେ ହୁଏତ କହିପାର
ଅନ୍ଧାରର ବିପଣୀରେ
ତୁମେ ନିଜେହିଁ ମାଲିକାରର ତଦାରଖ
ରଖୁଥିବା ଆଲୋକର
ନବ୍ୟ ଈଶ୍ୱର
ଅଥଚ, ଘୃଣାକର ଆଲୋକର
ସନ୍ଧାନରେ ଥିବା ସତ୍ତାକୁ
କହିପାର ଯେଣୁ ଆଲୋକର ଅନ୍ୱେଷା ହିଁ ଅନ୍ଧତ୍ୱ । ■

ଉପନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ୍- ୯ , ଜନପଥ, ଭୁବନେଶ୍ୱର-୨୨
ମୋ: ୯୪୩୭୮ ୯୨୫୪୦

# ଆଧୁନିକ କ୍ଷୁଦ୍ରଗଳ୍ପରେ କୋଟିଜୀବନର ସ୍ୱର

ଡକ୍ଟର ଦିଗମ୍ବର ଗିରି



ଆଜି ମଣିଷର ଅନୁଭୂତି ଭିତରୁ ଉଙ୍କି ମାରୁଛି ବଞ୍ଚିବାର ଆବଶ୍ୟକତା ସଂପର୍କରେ ନାନା ଜଟିଳ ପ୍ରଶ୍ନ । ଯେଉଁ ପ୍ରଶ୍ନବାଚୀ ଏକ ନୀରବ ଆତ୍ମସ୍ୱର ହୋଇ ଓଡ଼ିଆ କ୍ଷୁଦ୍ରଗଳ୍ପକୁ କରି ଚାଲିଛି ଚରିତାର୍ଥ । ମଣିଷର ମନସ୍ତାତ୍ତ୍ୱିକ ପ୍ରବାହ ଓ ଅନ୍ତର୍ଗତ ଚେତନାକୁ ଅଧିକ ପ୍ରାସଙ୍ଗିକ କରି ପ୍ରକାଶ କରିବାକୁ ଗଳ୍ପଶୈଳୀ ହୋଇଛି ଘଟଣାପୂର୍ଣ୍ଣ । ଅନେକ ଆଶା, ଆକାଂକ୍ଷା, କ୍ଷୁଦ୍ରଗଳ୍ପର ବ୍ୟାପ୍ତି ଓ ବୈଚିତ୍ର୍ୟକୁ ନୂଆ ନୂଆ ରୂପରେ ନୂଆ ଅନୁଭବରେ ଆଣି ଦେଇଛି ସାର୍ଥକତା । ଜୀବନର ସ୍ମରଣୀୟ ମୁହୂର୍ତ୍ତଟିଏ ମଣିଷର ମର୍ମସନ୍ଧିକୁ ଭେଦ କରୁଛି । ନିଜ ନିଜର ସ୍ଥିତି ଓ ପରିପାର୍ଶ୍ୱ ଭିତରେ ବଞ୍ଚିବାର ଜିଜ୍ଞାସା , ଜୀବନର ଗତିଶୀଳତା ଓ ପ୍ରତିଶ୍ରୁତିର ପଥ ଓ ପୃଥିବୀ ତାକୁ ଉଦ୍‌ବୁଦ୍ଧ କରିଛି । ଅନୁଭବିଛି ଜୀବନର ବାସ୍ତବତା ଓ ଜୀବନର ଚରମ ସତ୍ୟକୁ । ଏକ ବିଶେଷ ଭାବବୋଧ, ଆବେଗ ଆଡ଼କୁ ଟାଣି ହୋଇଯାଉଛି ଏବଂ ତା' ଭିତରେ ସୃଷ୍ଟି ହେଉଛି ଜୀବନ ପ୍ରତି ଏକ ଗଭୀର ପ୍ରତ୍ୟାଶା ।

ଜୀବନର ଅସ୍ଥିରତା ଓ ଅସହାୟତା ଭିତରେ ବି ସେ ବିମୁଖ ହୋଇ ନାହିଁ, ବରଂ ଜୀବନପ୍ରତି ଆତ୍ମୀୟତାର କଥା କହୁଛି ସାମ୍ପ୍ରତିକ କ୍ଷୁଦ୍ରଗଳ୍ପ । ଜୀବନ ସହିତ ଯୋଡ଼ି ହୋଇଯାଉଛି ନୂଆ ବିଶ୍ୱାସ, ନୂଆ ସମ୍ଭାବନା । ନୂଆ ସୂର୍ଯ୍ୟୋଦୟ ଭିତରେ ନୂଆ ଜୀବନକୁ ପୁଣିଥରେ, ଦେଖିବାକୁ ମନେ ହୁଏ ଆଜିର ଗାଳ୍ପିକମାନେ ଅଧିକ ବଶମ୍ବଦ । ଜୀବନର ନାନା ସ୍ମୃତି, ବିସ୍ମୃତି ପରି ଗଳ୍ପର ଭାବ ମଣ୍ଡଳରେ ପାଠକ ନିଜକୁ ଖୋଜି ପାଉଛି । ନିଜେ ନିଜର ନିବିଡ଼ତାକୁ ଦେଖି ଜୀବନନିଷ୍ଠ ହୋଇ ପଡୁଛି । ସୃଷ୍ଟି ହେଉଛି ଜୀବନ ପ୍ରତି ପ୍ରବଣତା, ଯାହାକୁ ପାଥେୟ କରି ସେ ପୁଣି ଥରେ ବାହାରି ପଡୁଛି ଅତିକ୍ରମ କରିବାକୁ ଅବଶିଷ୍ଟ ପଥ ।

ବିବର୍ତ୍ତିତ ସମୟର ପ୍ରବାହରେ ନୂତନ ଅଭିଜ୍ଞତା ଓ ଭାବକଳ୍ପନା ନେଇ କ୍ଷୁଦ୍ରଗଳ୍ପର କାୟା ଓ କଳେବର ବୃଦ୍ଧି ପାଇଛି । ବଦଳିଛି ଗଳ୍ପଧାରା । ବଦଳିଛି ପ୍ରକାଶ ଭଙ୍ଗୀ । ରଚନା ଶୈଳୀ ହୋଇଛି ଆଜିର କ୍ଷୁଦ୍ରଗଳ୍ପର ଗତିଶୀଳ ରୂପ । ପ୍ରଭାବଶାଳୀ ଭାବସ୍ପନ୍ଦନ, ନାଟକୀୟତା, ଜୀବନ ପ୍ରତି ଇଙ୍ଗିତ ଭିତରେ ଜୀବନ ସତ୍ୟ ଓ ପୂର୍ଣ୍ଣତା । ଗୁଢ଼ତର ପରିଣତିରେ ବକ୍ତବ୍ୟ ବେଶ୍ ଗମ୍ଭୀର ଓ ଭାବପୂର୍ଣ୍ଣ । ଗଳ୍ପ ଚରିତ୍ରମାନଙ୍କ ମୁଖର କଥା ଭିତରେ ଆଜିର ମଣିଷ ଶୁଣୁଛି ନିଜେ ନିଜର ସ୍ୱର । ଚରିତ୍ରମାନେ ପ୍ରତିନିଧି ସାଜି ଆସୁଛନ୍ତି ଗଳ୍ପ ପରିସରକୁ ଯୋଡ଼ି ଦେଉଛନ୍ତି ବ୍ୟକ୍ତିବିଶ୍ୱ ସହିତ ବିଶ୍ୱ ମଣିଷର ସମ୍ପର୍କ । ସେମାନଙ୍କ ମନୋଭଙ୍ଗୀ ଓ ଭାବନା ହୋଇଯାଉଛି କୋଟି ଜୀବନର ସ୍ୱର ଓ ପାଠକଟିଏ ହୋଇ ଯାଉଛି ଚେତନାଶ୍ରୟୀ ।

ବଞ୍ଚିବାର ଜୀବନଶୈଳୀରୁ ଓଡ଼ିଆ କ୍ଷୁଦ୍ର ଗଳ୍ପର ଶିଳ୍ପ ପ୍ରତ୍ୟୟ ନିରୂପଣ କରିବା ବା କ୍ଷୁଦ୍ରଗଳ୍ପର ସଂଜ୍ଞା କାଢ଼ିବା, ନିର୍ଦ୍ଦିଷ୍ଟତାକୁ ନିରୂପଣ କରିବା ଆଉ ଏଠି ପ୍ରଭାବିତ କରିପାରୁ ନାହିଁ । ଆଜିର କ୍ଷୁଦ୍ରଗଳ୍ପ ହୋଇଯାଇଛି ସ୍ୱୟଂ ରୂପକଟିଏ । ସଂକ୍ଷେପରେ କହିବାକୁ ଗଲେ, ଜୀବନ୍ତ ପରମ୍ପରା ନବୀକରଣ ବିରୋଧୀ ନୁହେଁ ।

ଆଜି ଆମକୁ ନିଜ ନିଜ ଭିତରକୁ ଅନେଇବାକୁ ପଡ଼ିବ । ବର୍ତ୍ତମାନର ବ୍ୟକ୍ତି ଜୀବନ, ସାମାଜିକ କ୍ରିୟା- ପ୍ରତିକ୍ରିୟା, ରାଜନୀତିକ ଜୀବନ , ସାହିତ୍ୟ ଓ ସଂସ୍କୃତି ଗଭୀର ଆତ୍ମ ନିରୀକ୍ଷଣର ସମୟ ଆସିଛି । ମଣିଷ ଭିତରେ ଏ ନୂଆ ଚେତନାର ଅନୁଭବ ସାର୍ବଜନୀନ । ପ୍ରତିଟି ମଣିଷର ଜୀବନ ଜିଜ୍ଞାସା ପରି ସର୍ବତ୍ର ସମଭାବରେ ଏହା ଘଟୁଛି । ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଜଗତୀକରଣ, ଉପଭୋକ୍ତାବାଦ ତଥା ବାହାରର ଚାକଚକ୍ୟ, ଶିକ୍ଷିତ ଗୋଷ୍ଠୀକୁ ନୀତି ଆଦର୍ଶ ପଥରୁ କ୍ରମଶଃ ଦୂରେଇ ଦେଉଛି । ଦ୍ରୁତ ଶିଳ୍ପାୟନ, ନଗର ଜୀବନର ବାସ୍ତବତା ମଧ୍ୟରେ, ମାନବିକ ମୂଲ୍ୟବୋଧ ଅଣନିଶ୍ୱାସୀ । ମୂଲ୍ୟବୋଧର ଅବକ୍ଷୟ ସର୍ବତ୍ର ଦେଖିବାକୁ ମିଳିଛି । ଗାଁ ଭିତରକୁ ପଶି ଆସୁଛି ସହର । ଦେଶରେ ଭିତରେ ଘୁରିବୁଲୁଚି, ଭୂତ ପରି ଭ୍ରଷ୍ଟାଚାର ସାମ୍ପ୍ରଦାୟିକତା, ମାଓ ଓ ସନ୍ତ୍ରାସ । ପ୍ରଶାସନିକ ସ୍ଥାଣୁତା ପ୍ରସାରିତ କରି ଚାଲିଛି ତା'ର ପତିଆରା ସବୁର ମିଳିତ ସ୍ୱର । ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର । ନିଜ ନିଜ ପରିଚିତ ଅନୁଭୂତି ଓ ଅନୁଭବର ପରିଧି ମଧ୍ୟରେ ଆପଣାକୁ ଆଜି ମନରେ ଉଲ୍ଲସିତ ହୋଇପଡୁଛି ସହୃଦୟ ପାଠକ ।

ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର ହେଉଛି ଅନ୍ତର୍ନିହିତ ସ୍ୱର । ଏହି ସାବଲୀଳ ସ୍ୱର ସୃଷ୍ଟି କରି ଚାଲିଛି ଏକ କୋମଳ ମୂର୍ଚ୍ଛନା । ବାହାରେ ଶୁଭୁଛି, ଅସଂଖ୍ୟ କୋଳାହଳ, ଧାଁ, ଦଉଡ଼, ପ୍ରତିଯୋଗିତା, କିନ୍ତୁ ହୃଦୟ ଭିତରେ ଏକ ନିରୋଳା ନିଃସଙ୍ଗ ମୁହୂର୍ତ୍ତ ଯେଉଁଠି ଜୀବନ ଯନ୍ତ୍ରଣାର ଘନିଷ୍ଠ ସ୍ୱରଟି ଆବେଗ ଓ ଆତୁରତାରେ ଫେଣ୍ଟା ପେଣ୍ଟି । ଆଜିର ଗଳ୍ପର ଶକ୍ତି ପାଠକକୁ ଆତ୍ମହରା କରି ପକାଉଛି । ମଣିଷର ପ୍ରାପ୍ତି, ଅପ୍ରାପ୍ତି, ଦୁଃଖ କାରୁଣ୍ୟର କଥା ଅସହାୟତା ଭିତରେ ଅର୍ଥ ଖୋଜୁଥିବା ମଣିଷଟି ପାଇଁ ଆଶ୍ୱାସନାର ଆଶ୍ରୟସ୍ଥଳୀ ପାଲଟି ଯାଇଛି । ସ୍ୱସ୍ତିରେ ଟିକିଏ ନିଶ୍ୱାସ ମାରି ଜୀବନକୁ ସକ୍ରିୟ କରିଛି । ନିଜର ଅପୂର୍ଣ୍ଣତା ଭୁଲି ଜୀବନ ହୋଇଉଠିଛି ସ୍ୱପ୍ନିଳ ଓ ଗୀତିମୟ । ଏହିପରି ବିଭିନ୍ନ ଭାବ ଓ ମାପରେ ଆଜିର ଗଳ୍ପକୁ ଯେଉଁ ଗାଳ୍ପିକମାନେ ଋଦ୍ଧିମନ୍ତ କରିଛନ୍ତି ସେମାନେ ହେଲେ ଅଖିଳ ମୋହନ ପଟ୍ଟନାୟକ, ମନୋଜ ଦାସ, ପ୍ରତିଭା ରାୟ, କିଶୋରୀ ଚରଣ ଦାସ, ବୀଣାପାଣି ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ରବି ପଟ୍ଟନାୟକ, ଜଗଦୀଶ ମହାନ୍ତି, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ପାରମିତା ଶତପଥୀ, ସରୋଜିନୀ ଦାସ, ଦେବବ୍ରତ ମଦନରାୟ, କବିତା ବାରିକ, ଗିରିଦଣ୍ଡ ସେନା, ରଜନୀକାନ୍ତ ମହାନ୍ତି, ହୃଷିକେଶ ପଣ୍ଡା, ସତ୍ୟମିଶ୍ର ଏବଂ ତରୁଣ ପିଢ଼ିର ଗାଳ୍ପିକଙ୍କ ଗଳ୍ପରେ ପରିବର୍ତ୍ତନଶୀଳ ଜୀବନର ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ ଚିନ୍ତନର ଦିଗ, ଦିଗନ୍ତ, ବେଶ ଗତିଶୀଳ ହୋଇପାରିଛି ।

ଜୀବନ ଯାପନ ସହ ସମ୍ପର୍କିତ ଜୀବନର ଅନୁଭୂତି । ସବୁଠାରୁ ବଡ଼ କଥା ଗଳ୍ପରେ ଏହି ଅନୁଭୂତି ସମ୍ବେଦନା ତଥା ଅନ୍ତର୍ଗତ ସ୍ପନ୍ଦନ ଗଳ୍ପରେ ଖୁବ୍ ଉଜ୍ଜ୍ୱଳ । ସ୍ୱପ୍ନମୟ ବାସ୍ତବତା ଓ ବାସ୍ତବତାମୟ ସ୍ୱପ୍ନ ଗଳ୍ପରେ ହାତ ଧରାଧରି । ଗଳ୍ପର ଅପରିହାର୍ଯ୍ୟ ରହସ୍ୟ ପାଠକ ପାଇଁ ଭରିଦିଏ ଅସରନ୍ତି ଉତ୍ସୁକତା । ନିଜ ଚାରିପଟର ପରିବେଶଗତ ବାସ୍ତବତା, ପ୍ରେମ ଓ ବିଷାଦର ବିମୁଗ୍ଧତା, ଜୀବନ ନିଷ୍ଠତା ଓ ମଣିଷ ପ୍ରତି ଆତ୍ମାର ସମର୍ଥନ ଗଳ୍ପର ଚରିତ୍ରମାନଙ୍କ ଭିତରୁ ବାରି ହୋଇଯାଏ । ଆନ୍ତରିକତାପୂର୍ଣ୍ଣ ଗାଳ୍ପିକଙ୍କ ଅନ୍ତରୀଣ ପ୍ରାଣ, ଭାବ ଓ ଆବେଗ ବେଳେ ବେଳେ କାବ୍ୟମାୟା ସୃଷ୍ଟି କରି ଥାଏ । ଶବ୍ଦ ସଂଯୋଜନାରେ ଭାବର ପ୍ରତିବଦ୍ଧ ପ୍ରକଟନ, ପ୍ରତ୍ୟେକ ଅଭିବ୍ୟକ୍ତି ପାଠକର ପରିଚିତ ଅନୁଭୂତି ସହ ଏକାତ୍ମ । ଗଳ୍ପର ଗଠନ କୌଶଳ, ରୂପସଜ୍ଜା, ଭାଷା, ଚିତ୍ରକଳ୍ପ ଜୀବନ ସୃଷ୍ଟି ଅନୁସାରେ ବେଶ୍ ଉଲ୍ଲେଖଯୋଗ୍ୟ । ଜୀବନପ୍ରତି ପ୍ରତିବଦ୍ଧତା, ଶୁଭ ବିଶ୍ୱାସ ବିବିଧ ଚରିତ୍ର ଓ ଚିତ୍ର ଚିନ୍ତନର ଗଭୀରତା ଓ ବିଶ୍ୱମୟ ବ୍ୟାପ୍ତିରେ ଅପୂର୍ଣ୍ଣତାକୁ ଅର୍ଥମୟ ଓ ହୃଦୟକୁ ଲାଳିତ କରିପକାଏ ଆଜିର ଗଳ୍ପ ।

ସର୍ବୋପରି ଭାରତୀୟ ସାଂସ୍କୃତିକ -ସାମାଜିକ- ଆଧ୍ୟାତ୍ମିକ ପରିବେଶ ରୂପାୟନରେ ଓଡ଼ିଆ ଗଳ୍ପ ସାହିତ୍ୟ ଋଦ୍ଧିମନ୍ତ । ମାଟି ମନସ୍କତା, ଐତିହ୍ୟ ସଚେତନତା ଆଦର୍ଶବୋଧ, ମାନବତାବାଦ, ଜାତୀୟପ୍ରୀତି, ଗ୍ରାମ୍ୟ ସଂସ୍କୃତିର ଶୁଦ୍ଧ ଓ ସଫଳ ରୂପାୟନ ଆଜିର ଗଳ୍ପର ପ୍ରାଣରସ ସହ ସଂଯୁକ୍ତ । ■

ରାଇରଙ୍ଗପୁର, ୱାର୍ଡ଼ ନମ୍ବର- ୭
ମୟୂରଭଞ୍ଜ
ମୋ : ୯୪୩୭୩୮୦୯୨୭

# ପୁସ୍ତକ ଓ ପତ୍ରିକା ପରିଚୟ

## କବି ସତ୍ୟାନନ୍ଦଙ୍କ କାଞ୍ଜିଆଗଡ଼

ସଂକଳକ
ସତ୍ୟବାଦୀ ବଳିଆରସିଂହ




ସତ୍ୟାନନ୍ଦ ଚମ୍ପତିରାୟ ସ୍ମୃତି ସଂସଦ
ହଜ, ଖୋର୍ଦ୍ଧା
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୭୫ ଟଙ୍କା

ସାରସ୍ୱତ ସାଧକ ସତ୍ୟାନନ୍ଦ ଚମ୍ପତିରାୟ ଏକାଧାରରେ ଥିଲେ ଜଣେ କବି, ପ୍ରାବନ୍ଧିକ, ସାମ୍ବାଦିକ, ବିଧାୟକ । ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଓ ସମାଜର ଦିଗ୍‌ଦର୍ଶକ ଥିଲେ । ତାଙ୍କ ଜୀବନ, କୃତିକୁ ନେଇ 'କବି ସତ୍ୟାନନ୍ଦଙ୍କ କାଞ୍ଜିଆଗଡ଼' ପୁସ୍ତକକୁ ସଂକଳିତ କରିଛନ୍ତି ଐତିହାସିକ ସତ୍ୟବାଦୀ ବଳିଆରସିଂହ । ଏହି ପୁସ୍ତକରେ ସତ୍ୟାନନ୍ଦ ଚମ୍ପତିରାୟଙ୍କ 'କାଞ୍ଜିଆଗଡ଼ର ସେକାଳ କଥା' ଖଣ୍ଡ କାବ୍ୟ ସହିତ ତାଙ୍କର ସଂକ୍ଷିପ୍ତ ଜୀବନୀ ପ୍ରକାଶ ପାଇଛି । ସେ ଥିଲେ ଜଣେ କର୍ମଯୋଗୀ ଓ ଜନସେବକ । ତଥାପି ସାହିତ୍ୟ ସାଧନାରେ ସାରା ଜୀବନ ବ୍ରତୀ ହୋଇ ରହିଥିଲେ । ତାଙ୍କ ରଚିତ ୨୧ ଖଣ୍ଡ ପୁସ୍ତକ ମଧ୍ୟରୁ 'କାଞ୍ଜିଆଗଡ଼ର ସେକାଳ କଥା' ଅନ୍ୟତମ । କାଞ୍ଜିଆଗଡ଼ ହେଉଛି ବୀର ମାଟି । କରଞ୍ଜିଆଗଡ଼ର ଇତିହାସ, କିମ୍ବଦନ୍ତୀ, ବୀରତ୍ୱର ଗାଥା ଆଦି ଏହି ପୁସ୍ତକରେ ବର୍ଣ୍ଣିତ । ଏହି ଖଣ୍ଡକାବ୍ୟରେ ସାତୋଟି ସର୍ଗ ରହିଛି । ସରଳ ଭାଷା, କାବ୍ୟିକ ଭାବ, ପ୍ରାକୃତିକ ବର୍ଣ୍ଣନା ଯୋଗୁଁ କାବ୍ୟଟି ଅଧିକ ସୁଖପାଠ୍ୟ ହୋଇଛି । ଏହି ପୁସ୍ତକରେ ସୁସାହିତ୍ୟିକ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସଂକ୍ଷିପ୍ତ ଜୀବନୀ, ତାଙ୍କର ଶେଷ ସାକ୍ଷାତକାର ପ୍ରକାଶ ପାଇଛି । ସତ୍ୟାନନ୍ଦଙ୍କ ଜୀବନ ଓ କୃତି ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । 'କବି ସତ୍ୟାନନ୍ଦଙ୍କ କାଞ୍ଜିଆଗଡ଼' ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଭକ୍ତି ପ୍ରଣତି

ପୁଷ୍ପିତା ଜେନା




ଉଦୟ ପବ୍ଲିକେଶନ୍
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୭
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୦ ଟଙ୍କା

"ତୋର ଚରଣତଳେ ମଥାନତ କରି/ ମା' ଗୋ ତୋ କୃପା, କରୁଣା/ ସଦାସର୍ବଦା ମା', ମୁଁ ତୋ ପାଦେ ଆଶାୟୀ/ ଜଗଜ୍ଜନନୀ, ଭୟବିନାଶିନୀ/ କୃପାଦାୟିନୀ ମା'! (ସିଂହବାହିନୀ ମା'!) ମା' ଜଗଜ୍ଜନନୀ, ସିଂହବାହିନୀଙ୍କ ଆଶିଷ ଲାଭ କଲେ ଜୀବନର ସବୁ ଦୁଃଖକଷ୍ଟ ଅପସରି ଯାଏ । ମା' ହେଉଛନ୍ତି ଶାନ୍ତିଦାୟିନୀ, ଶକ୍ତିସ୍ୱରୂପିଣୀ । ଭକ୍ତି ରସସିକ୍ତ କେତୋଟି କବିତାକୁ ନେଇ ପ୍ରକାଶ ପାଇଛି ପୁଷ୍ପିତା ଜେନାଙ୍କ 'ଭକ୍ତି ପ୍ରଣତି' ପୁସ୍ତକ । ଏହି ପୁସ୍ତକରେ ସଂକଳିତ 'ଜଗା କାଳିଆ', 'ଜୟ ଜଗନ୍ନାଥ', 'ବଡ଼ ଠାକୁର', 'ମହା ଶିବରାତ୍ରି', 'ଓଁ ନମଃ ଶିବାୟ', 'ଗଣନାୟକ', 'ବାଗ୍‌ଦେବୀ ମା' ବୀଣାପାଣି', 'ସିଂହବାହିନୀ ମା', 'ମାତୃଶକ୍ତି', 'କରୁଣାମୟୀ ମା' ଆଦି କବିତାଗୁଡ଼ିକରେ ହୃଦୟର ଅସୀମ ଭକ୍ତି, ଶ୍ରଦ୍ଧାକୁ ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ କବି ପ୍ରଣତି ବାଢ଼ିଛନ୍ତି । ସେଭଳି 'ଜନ୍ମ ଦିବସ', 'ଜନ୍ମ ଦିନର ଉପହାର', 'ନୂତନ ବର୍ଷ ମାତୃକରୁଣାରେ ଭରିଯାଉ', 'ମା' ଆନନ୍ଦମୟୀ କରୁଣା ମୁଁ ମାଗେ' ଆଦି କବିତାରେ ଦିବ୍ୟ ଜନନୀ ଶ୍ରୀମା, ଯୁଗ ପୁରୁଷ ଶ୍ରୀଅରବିନ୍ଦଙ୍କ ଜୀବନ, ଦର୍ଶନ ଓ ସେମାନଙ୍କ ପ୍ରତି ସମର୍ପିତ ଭାବନା ପ୍ରତିଫଳିତ ହୋଇଛି । 'ଭକ୍ତି ପ୍ରଣତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ରେବତୀ

ସଂପାଦିକା
ସୁବାସିନୀ ଜେନା




ଓଟି ରୋଡ୍ , ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚର ପତ୍ରିକା 'ରେବତୀ'ର ଅଗଷ୍ଟ ୨୦୨୫ ପ୍ରକାଶ ପାଇଛି । ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ରେବତୀ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗଳ୍ପ, ଫିଚର ଆଦିରେ ସମୃଦ୍ଧଶାଳୀ ହୋଇଛି । ନାରାୟଣ ରାଉତରାୟଙ୍କ 'ଓଁ ଶ୍ରୀ ଗଣେଶାୟ ନମଃ', ଅଭୟ ଦ୍ୱିବେଦୀଙ୍କ 'ମହାରାଣୀ ଆବାକ୍କା', ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ସଂଗ୍ରାମ ସ୍ରୋତରେ ସମ୍ବାଦପତ୍ର', ଡକ୍ଟର ଫକୀର ମୋହନ ନାହାକଙ୍କ 'ଜାଲିଆଁୱାଲା ବାଗ୍', ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ 'ସଉରା ସଂଗ୍ରାମୀ', ମଣୀନ୍ଦ୍ର କୁମାର ମେହେରଙ୍କ 'ନିଷ୍କଳଙ୍କ ନିକୁଞ୍ଜ ବିହାରୀ' ଆଦି ଆଲେଖ୍ୟଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ସୌଭାଗ୍ୟବନ୍ତ ମହାରଣା, ଗଙ୍ଗାଧର ବିଶ୍ୱାଳ, ବିଜୟ ମଲ୍ଲ, ପ୍ରଦୀପ କୁମାର ପଣ୍ଡା, ରସାନନ୍ଦ ସାହୁ, ସୁରଞ୍ଜନ ପାତ୍ର, ଯାଦବେନ୍ଦ୍ର ସାହା, ଅନସୂୟା ପଣ୍ଡା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଡାକ୍ତର ସୁଷମା ଚୌଧୁରୀ ଓ ରେବା ପଟ୍ଟନାୟକଙ୍କ ଗପ ଦୁଇଟି ମାର୍ମିକ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ରୋଷେଇଶାଳ', 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ଉପାଦେୟ ଓ ଆକର୍ଷଣୀୟ ହୋଇଛି । ସଂପୂର୍ଣ୍ଣ ରଙ୍ଗିନ 'ରେବତୀ'ର ଏହି ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ । ■

## ଗାଁରୁ ୪୦ ବସ୍ତା ବିସ୍ଫୋରକ ଜବତ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଗଡ଼ପୋଖରୀ ଗ୍ରାମର ସଞ୍ଜୟ କୁମାର ସେଣ୍ଠଙ୍କ ବାଡ଼ିରୁ ବ୍ୟାପକ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଶାରିଶୁଆ ପାହାଡ଼ରେ ବ୍ଲାଷ୍ଟିଂ ପାଇଁ ଏହି ବିସ୍ଫୋରକ ପଦାର୍ଥ ରଖାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ୪୦ ବସ୍ତା ଜିଲେଟିନ ଓ ୧୧ ବଣ୍ଡଲ ତାର ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦ଲକ୍ଷ ହେବ ବୋଲି ପୁଲିସ କହିଛି। ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଖଇରା ଥାନା ଏସଆଇ ତପନ କୁମାର ଜେନା, ଏଏସ୍ଆଇ ଗୌରହରି ବୁଗୁଡାଇ ପ୍ରମୁଖ ସାମିଲ ଥିଲେ। ପୁଲିସ ଆସୁଥିବା ସମ୍ପର୍କରେ ସୂଚନା ପାଇ ସଞ୍ଜୟ ଘରେ ଥିବା ଏହି ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ବାହାରକୁ ଫିଙ୍ଗି ଦେଇଥିବା ନେଇ ଏସ୍‌ଡିପିଓ ସୂଚନା ଦେଇଛନ୍ତି।

### ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ଦୀକ୍ଷାନ୍ତ ସମାରୋହ

## ଅଗ୍ନିଶମ ବାହିନୀରେ ସାମିଲ ହେଲେ ୯୧୧ ଅଗ୍ନିଯୋଦ୍ଧା



ଭୁବନେଶ୍ୱର, ୨୩।୮ (ସମିସ): ଓଡ଼ିଶା ଅଗ୍ନିଶମ ବିଭାଗ ସାରା ଦେଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କାର୍ଯ୍ୟଦକ୍ଷତା ଭିତ୍ତିରେ ଦେଶର ସର୍ବଶ୍ରେଷ୍ଠ ତିନି ଗୋଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଅଗ୍ନିଯୋଦ୍ଧାମାନେ ନିଜ କ୍ଷେତ୍ରରେ ଦେଶରେ ସର୍ବଶ୍ରେଷ୍ଠ ବୋଲି ଶନିବାର ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୬୧ତମ ଅଗ୍ନିଯୋଦ୍ଧା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସମାରୋହରେ ସମୁଦାୟ ୯୧୧ଜଣ ଅଗ୍ନିଯୋଦ୍ଧା ପାସିଂ ଆଉଟ୍ ପରେଡ୍‌ରେ ଯୋଗଦେଇ ଆଜିଠାରୁ ଅଗ୍ନିଶମ ବାହିନୀରେ କାର୍ଯ୍ୟାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ଅଗ୍ନିଶମ ବିଭାଗର ଖାଲିଥିବା ୯୧୧ ପଦବୀ ପୂରଣ ହୋଇଛି। ସେମାନେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଉ ପ୍ରାୟ ୩୦୦ ପଦବୀ ଖାଲି ରହିଛି ଏବଂ ଏହାକୁ ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁଲିସ ଓ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ବିପଦସଙ୍କେତ ଉପରେ ବୈତରଣୀ



ଭଣ୍ଡାରିପୋଖରୀ/ବାରିକପୁର, ୨୩।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀରେ ଆଉ ଏକ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏବେ ବୈତରଣୀ କୂଳ ଲଂଘୁଥିବା ବେଳେ ଆଜି ଅପରାହ୍ନ ୪ଟାରେ ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଅତିକ୍ରମ କରିଛି। ନଦୀର ଜଳସ୍ତର ଘଣ୍ଟା ପ୍ରତି ୫ମିମି ବୃଦ୍ଧି ପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୬୩.୬୬ମିମି, ସ୍ୱାମୀପାଟଣାରେ ୧୯.୮ମିମି, ଆନନ୍ଦପୁରରେ ୬୮.୨ମିମି ଓ ଆଖୁଆପଦାରେ ୩୮.୧୨ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ୧୮.୪୩ ମିଟରରେ ପ୍ରବାହିତ ହେଉଛି। ଏହି ବନ୍ୟା ମଧ୍ୟମଧରଣର ହେବ ଓ ବନ୍ୟାଜଳ ସର୍ବାଧିକ ୧୮.୯୦ ମିଟର ହୋଇପାରେ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ତଳିଆ ଅଞ୍ଚଳ ବର୍ଷାଜଳ ପଶି ଯାଇଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି।

### ପାହାଡ଼ ଖୋଲରେ ବୁଡ଼ିଗଲେ ଦୁଇ ଯୁବକ

## ଜଣେ ମୃତ; ଯୁବ ଇଞ୍ଜିନିୟର ନିଖୋଜ

ସୁକିନ୍ଦା,୨୩।୮ (ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଞ୍ଚଳର ଏକ ପାହାଡ଼ ଖୋଲରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିବା ଜଣାପଡ଼ିଛି। ଘଟଣା ଘଟିଛି ସୁକିନ୍ଦା ବ୍ଲକ ବନ୍ଧଗାଁ ପଞ୍ଚାୟତ ଅଧୀନ ରାଙ୍କିଆ ଗ୍ରାମ ନିକଟ ମାଗାଗିରି ପାହାଡ଼ରୁ ଝରୁଥିବା ଝରଣାରେ। ମୃତକ ଲେମ୍ବୋ ପଞ୍ଚାୟତ ଅଧୀନ କାଞ୍ଚିଆପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ପୁଅ ଶମ୍ଭୁ ପ୍ରଧାନ(୨୨) ଓ ନିଖୋଜ ଯୁବକ କୋଇଲ ଗ୍ରାମ ମନମୋହନ ମହାନ୍ତଙ୍କ ପୁଅ ଇଂ.ମାନସ ମହାନ୍ତ(୨୩) ବୋଲି ଜଣାପଡିଛି।

ଶନିବାର ପୂର୍ବାହ୍ନରେ ୩ଜଣ ଯୁବକ ସାଙ୍ଗ ହୋଇ ରାଙ୍କିଆ ପାହାଡ଼ ନିକଟ ଝରଣାକୁ ଯାଇଥିଲେ। ସେଠାରେ ଥିବା ଏକ ପାହାଡ଼ ଖୋଲରେ ମାନସ ଓ ଶମ୍ଭୁ ଗାଧୋଉଥିବା ସମୟରେ ହଠାତ୍ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସହ ଥିବା ବୁଟୁରୁ ନାମକ ନାବାଳକ ଫୋନ୍ କରି ଗାଁକୁ ଖବର ଦେଇଥିଲେ। ଗାଁ ଲୋକେ ତୁରନ୍ତ ସୁକିନ୍ଦା ଓ ଭୁବନ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ଉଭୟ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ଦୀର୍ଘ ୬ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ଶମ୍ଭୁର ମୃତଦେହ ଉଦ୍ଧାର କରିଥିବା ବେଳେ ମାନସ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଅଙ୍ଗନବାଡ଼ି କର୍ମୀ ଦମୟନ୍ତୀ ମହାନ୍ତ ଓ ମନମୋହନ ମହାନ୍ତଙ୍କ ପୁଅ ମାନସ ବେଙ୍ଗାଲୁରୁରେ ଇଞ୍ଜିନିୟର। ଶମ୍ଭୁ ଯୁକ୍ତ ୨ ପାସ୍ କରି ଡିଗ୍ରୀ ପଢ଼ା ସହ ଚାକିରି ଯୋଜନାରେ ଥିଲେ। ସୁକିନ୍ଦା ରେଞ୍ଜ୍ ମହାଗିରି ପର୍ବତମାଳା ମଧ୍ୟସ୍ଥ ଏହି ସ୍ଥାନରେ ବର୍ଷାଦିନିଆ ଜଳପ୍ରପାତ ସୃଷ୍ଟି ହୋଇଥାଏ। ଭୂମି ପତନରୁ ପାଖାପାଖି ୩ ଶହ ଫୁଟ ଉଚ୍ଚରେ ଥିବା ଏହି ସୁଦୃଶ୍ୟ ଜଳପ୍ରପାତ ତଳେ ଥିବା ପାହାଡ଼ ଖୋଲରେ ପ୍ରବାହିତ ଝରଣାରେ ବିପଜ୍ଜନକ ଭାବେ ଏକ ଗଭୀର ଗଣ୍ଡ ରହିଥିବା ଜଣାପଡ଼ିଛି। ଗତବର୍ଷଠାରୁ ରିଲ୍ ନିଶାରେ ବହୁ ଯୁବକ/ଯୁବତୀ ଏଠାକୁ ଆସୁଥିବା କୁହାଯାଉଛି। ଆଜି ସକାଳ ୧୦ଟାରେ ୩ ସାଙ୍ଗ ଶମ୍ଭୁ, ମାନସ ଓ ନାବାଳକ ବୁଟୁରୁ ମହାନ୍ତ ଏକାଠି ଏଠାକୁ ଗାଧୋଇବାକୁ ଆସିଥିଲେ। ସୁକିନ୍ଦା ପୁଲିସ ପହଞ୍ଚି ତଦନ୍ତ ଜାରୀ ରଖିଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମୁଣ୍ଡ ଫଟାଇ ବୃଦ୍ଧଙ୍କୁ ହତ୍ୟା

କେନ୍ଦୁଝର,୨୩।୮ (ସମିସ): ମାଛ ଜଗିବାକୁ ଯାଇଥିବା ବେଳେ ଜଣେ ବୃଦ୍ଧଙ୍କ ମୁଣ୍ଡକୁ ବାଡ଼େଇ ହତ୍ୟା କରିଥିବା ଜଣାପଡିଛି। ମୃତକ ଜଣଙ୍କ ହେଲେ ଉପରରାଇଗୋଡା ଗାଁର ବୁଧୁରାମ ମୁଣ୍ଡା (୫୭)। ସଦର ଥାନାଧିକାରୀ ଅମିତ କୁମାର ଭୁୟାଁ, ଶୁଆକାଟି ବିଟ୍ ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ, ସଦର ଏସଡିପିଓ ସୁଦର୍ଶନ ଗାଙ୍ଗଇ ଶବ ଜବତ କରିବା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ଦିଆଯାଇଛି। ହତ୍ୟା ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନ ନିବାସରେ...

ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ବୁଧବାର ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଥିଲେ। ନବୀନଙ୍କ ଅସୁସ୍ଥତା ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିବା ସହ ସୁସ୍ଥ ହେବା ପରେ ଦିଲ୍ଲୀ ଆସି ତାଙ୍କୁ ଭେଟିବାକୁ ପ୍ରଧାନମନ୍ତ୍ରୀ ନିଜେ ଆମନ୍ତ୍ରଣ ଜଣାଇଥିଲେ। ସେହିପରି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡଗେ ଏବଂ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନବୀଙ୍କ ସହ ଫୋନ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

### କର୍ଣ୍ଣାଟକ ବିଧାୟକ...

କରିଦିଆଯାଇଛି। ଏଥିସହ ତାଙ୍କ ଭାଇଙ୍କ ବାସଭବନରୁ ବହୁ କାଗଜପତ୍ର ମଧ୍ୟ ଜବତ କରାଯାଇଛି। ତାଙ୍କ ଭାଇ କେସି ଥିପ୍ପେସ୍ୱାମୀ ଦୁବାଇରେ ଡାଇମଣ୍ଡ ସଫ୍ଟଟେକ, ଟିଆରଏସ୍ ଟେକ୍ନୋଲୋଜିସ, ପ୍ରାଇମ୯ ଟେକ୍ନୋଲୋଜିସ ଭଳି କମ୍ପାନୀ ଚଳାଉଥିଲେ। ବୀରେନ୍ଦ୍ର କିଙ୍ଗ୍୫୬୭ ଓ ରାଜା୫୬୭ ଭଳି ଏକାଧିକ ବେଟିଂ ପ୍ଲାଟଫର୍ମ ଚଳାଉଥିଲେ। ୮ ଦିନ ପୂର୍ବେ କର୍ଣ୍ଣାଟକର ଅନ୍ୟଜଣେ କଂଗ୍ରେସ ବିଧାୟକଙ୍କ ଘରୁ ଏକ କୋଟି ୪୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା।

### ଅନିଲ ଅମ୍ବାନୀଙ୍କ...

ମାମଲାକୁ ନେଇ ଲିଖିତ ଉତ୍ତର ରଖିଥିଲେ। ସେ କହିଥିଲେ ଯେ ସିବିଆଇ ଏତଲା ରୁଜୁ କରିବାର ପ୍ରକ୍ରିୟା ଆରମ୍ଭ କରିଦେଇଛି। ଏହା ବ୍ୟତୀତ ବ୍ୟାଙ୍କ ମଧ୍ୟ ଅନିଲଙ୍କ ବିରୋଧରେ ବ୍ୟକ୍ତିଗତ ଦେବାଳିଆ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହି ମାମଲା ମୁମ୍ବାଇ ଏନ୍‌ସିଏଲ୍‌ଟିରେ ପଡ଼ି ରହିଛି।

ଅଭିଯୋଗରେ ସିବିଆଇ ପକ୍ଷରୁ କୁହାଯାଇଥିଲା ଯେ ଅନିଲ ଅମ୍ବାନୀଙ୍କ ଆର୍‌କମ ପକ୍ଷରୁ ୩,୦୭୩ କୋଟି ଟଙ୍କାର ଠକେଇ କରାଯାଇଛି। ପୂର୍ବରୁ ୨୦୨୦, ନଭେମ୍ବର ୧୦ରେ ଏସ୍‌ବିଆଇ ଠକେଇ ନେଇ ଏହାର ପ୍ରମୋଟର ଏବଂ ମାଲିକଙ୍କ ଆକାଉଣ୍ଟ ନମ୍ବର ଜାରି କରିଥିଲା। ୨୦୨୧ ଜାନୁଆରୀ ୫ରେ ସିବିଆଇ ଏତଲା ରୁଜୁ କରିଥିଲା। ତେବେ ୨୦୨୧ ଜାନୁଆରୀ ୬ରେ ଦିଲ୍ଲୀ ହାଇକୋର୍ଟ ସ୍ଥିତାବସ୍ଥା ନିର୍ଦ୍ଦେଶ ଦେବାରୁ ଅଭିଯୋଗ ଫେରି ଆସିଥିଲା। କିନ୍ତୁ ଏବେ ଏସ୍‌ବିଆଇ ଆନୁଷ୍ଠାନିକ ଭାବେ ଆରକମ୍ ଏବଂ ଏହାର ପ୍ରମୋଟର ନିର୍ଦ୍ଦେଶକ ଅନିଲଙ୍କୁ ଠକ ଘୋଷଣା କରିସାରିଛି। ଏହା ପୂର୍ବରୁ ଜୁଲାଇ ୨୩ରେ ଇଡି ଏହି ମାମଲାରେ ଅନିଲଙ୍କ ରିଲାଏନ୍ସ ଗ୍ରୁପ୍ ସମ୍ବନ୍ଧିତ ୩୫ରୁ ଅଧିକ ଠିକଣା ଉପରେ ଚଢ଼ଉ କରିଥିଲା। ୟେସ ବ୍ୟାଙ୍କ ସମ୍ବନ୍ଧିତ ୩ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

### ମାରିଜୁଆନା ପାଇଁ...

କରାଯାଉଛି। ଚାଲାଣକାରୀ ଧରାପଡୁଛନ୍ତି। ମାରିଜୁଆନା ଜବତ ମଧ୍ୟ ହେଉଛି। ଏହାସତ୍ତ୍ୱେ ଚାଲାଣ ବେଧଡ଼କ ଭାବେ ଜାରି ରହିଛି। ଏହା ପଛର କାରଣ କଣ ବୋଲି ପ୍ରଶ୍ନ ଉଠିଲାଣି।

ଗତ କିଛି ମାସ ହେଲା ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଗାତର ଭାବେ ମାରିଜୁଆନା ଜବତ ହେଉଛି। ଜୁଲାଇ ୨୯ ତାରିଖରେ ତିନି ଜଣ ଯୁବକଙ୍କୁ ଗିରଫ କରିଥିଲା ଏୟାରପୋର୍ଟ ପୁଲିସ। ସେମାନଙ୍କ ନିକଟରୁ ୨୫ କେଜିର ମାରିଜୁଆନା ଜବତ କରିଥିଲା। ଏହାପରେ ଅଗଷ୍ଟ ୨ ତାରିଖରେ ବ୍ୟାଙ୍କକରୁ ଚୋରାରେ ମାରିଜୁଆନା ଆଣୁଥିବା ବେଳେ ଜଣେ ଯାତ୍ରୀଙ୍କୁ ଗିରଫ କରିଥିଲା କଷ୍ଟମ ବିଭାଗ। ଗିରଫ ବ୍ୟକ୍ତିଙ୍କ ଠାରୁ ୧୦ କୋଟିର ମାରିଜୁଆନା ଜବତ କରାଯାଇଥିଲା। ସେହିପରି ଅଗଷ୍ଟ ୨ ତାରିଖରେ ଥାଇଲାଣ୍ଡରୁ ଚାଲାଣ ବେଳେ କଷ୍ଟମ ବିଭାଗର ହାତରେ ଲାଗିଥିଲା ୮ କୋଟିର ମାରିଜୁଆନା। ପୁଣି ଭୁବନେଶ୍ୱର ଏୟାରପୋର୍ଟରେ ଆଜି ମାରିଜୁଆନା ଜବତ ହୋଇଛି। ବ୍ୟାଙ୍କକରୁ ୪ କୋଟି ଟଙ୍କାର ମାରିଜୁଆନା ଆଣୁଥିବା ବେଳେ ଭୁବନେଶ୍ୱରରେ ଧରାପଡିଛନ୍ତି ପ୍ରେମୀଯୁଗଳ। ଏୟାରପୋର୍ଟରେ ଦୁହିଁଙ୍କ ଉପରେ ସନ୍ଦେହ ହେବାରୁ କଷ୍ଟମ ଅଧିକାରୀ ସେମାନଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲା କଷ୍ଟମ ବିଭାଗ। ଏହାସହିତ ଯୁବକ ଓ ଯୁବତୀଙ୍କୁ ଅଟକ ରଖି ଜେରା କରାଯାଉଛି। ସେମାନଙ୍କର ଘର ପଞ୍ଜାବ ବୋଲି ଜଣାପଡ଼ିଛି। ତେବେ ଏହି ନିଶାଦ୍ରବ୍ୟ ବ୍ୟାଙ୍କକରୁ କେଉଁ ସ୍ଥାନରୁ ଆସିଥିଲା ? ଭୁବନେଶ୍ୱରର କେଉଁ କେଉଁ ଜାଗାକୁ ଚାଲାଣ ହେବାରେ ଥିଲା? ଏଥିରେ କିଏ କିଏ ସାମିଲ ଅଛନ୍ତି ? ତାକୁ ନେଇ ଛାନ୍‌ଭିନ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୬ ମାସ ଭିତରେ ୫୦ କୋଟିରୁ ଅଧିକ ଏହି ବିଦେଶୀ ଡ୍ରଗ୍ସ ଜବତ କରାଗଲାଣି। ବ୍ୟାଙ୍କକରୁ ଆସୁଥିବା ଏହି ନିଶାସାମଗ୍ରୀ ଭୁବନେଶ୍ୱର ଦେଇ ଚାଲାଣ କରାଯାଉଛି। ଭୁବନେଶ୍ୱରରୁ ଏହା କେଉଁ କେଉଁ ରାଜ୍ୟକୁ ଚାଲାଣ ହେଉଛି, ତାହାର ଯାଞ୍ଚ କରାଯାଉଛି।

### ପୁଣି ୮ ଫାଟକ...

ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବାବେଳେ ଅଗଷ୍ଟ ୩ ତାରିଖ ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇଥିଲା।

ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିପରି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୩,୧୩୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୬୧,୬୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୬,୧୨୦ ଘନଫୁଟ, ପାୱାର ଚେନାଲ ଦେଇ ୩୨,୩୨୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୮୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୩,୦୬୨ ଘନଫୁଟ, ଖଇରମାଳଠାରେ ୧,୩୪,୦୦୦ ଘନଫୁଟ, ବାରମୁଲଠାରେ ୯୬,୦୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୧,୨୧,୫୩୪ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨୧.୬୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨୭.୬୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୮୩ ଫୁଟ୍ ରହିଥିଲା।

ଆଜି ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯିବା ପୂର୍ବରୁ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ମହାନଦୀରେ ବନ୍ୟାଜଳ ନିଷ୍କାସନ ନେଇ ଡାକବାଜି ଯନ୍ତ୍ରରେ ସତର୍କ କରାଯାଇଥିଲା। ବନ୍ୟା ଜଳ ନିଷ୍କାସନର କେଇଘଣ୍ଟା ପୂର୍ବରୁ ସାଇରନ୍ ବାଜିଥିଲା। ଶନିବାର ସକାଳେ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ପ୍ରବନ୍ଧକ, ବୁର୍ଲା ଇଂ. ସୁଶୀଲ କୁମାର ବେହେରା କହିଛନ୍ତି ଯେ, ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ। ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୨୫ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ତାହାକୁ ଦୃଷ୍ଟିରେ ରଖି ୪ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏହାଦ୍ୱାରା ବଢୁଥିବା ଜଳସ୍ତରକୁ ସଠିକ ପରିଚାଳନା କରିବାସହ ଲଘୁଚାପ ବର୍ଷାର ଜଳପ୍ରବେଶକୁ ମୁକାବିଲା କରିବା ପାଇଁ ଜଳଭଣ୍ଡାରରେ ଜାଗା ରହିବ। ଆବଶ୍ୟକସ୍ଥଳେ ଆଉ ୪ଟି ଗେଟ୍ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ହୀରାକୁଦ ତଳମୁଣ୍ଡରେ ବନ୍ୟା ସମ୍ଭାବନା ନଥିବା ଇଂ. ବେହେରା କହିଛନ୍ତି।

### ୩୦ ହଜାର ପ୍ରିମିୟମ...

ଲକ୍ଷ ଟଙ୍କା ହେଉଛି। ପ୍ରିମିୟମ ହିସାବରେ ୫୦ ପ୍ରତିଶତରୁ ଅଧିକ ଫସଲ କ୍ଷତି ହେଲେ ୩ ଲକ୍ଷ ୪୦ ହଜାର ଟଙ୍କା ମିଳିବାର ଥିଲା। ତେବେ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି କେବଳ ୧୨୭୪ ଟଙ୍କା ପ୍ରଦାନ କରିଥିଲା। ଏହା ବହୁତ କମ୍। ଏହି ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ମଧ୍ୟ ଲାଜ ଲାଗୁଛି।

ଅତର ଗ୍ରାମର ଅନେକ ଚାଷୀଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଘଟିଛି। ଅନିଲ କହ୍ନେୟାଲାଲ ୧୫ ଏକର ଜମି ପାଇଁ ୪୫୭୦ ଟଙ୍କା ଦେଇ ବୀମା କରାଇ ଥିଲେ। ତେବେ ତାଙ୍କୁ ମାତ୍ର ୧୩୮୭ ଟଙ୍କା ମିଳିଛି। ସେହିପରି ପ୍ରିମିୟମ ବାବାଦକୁ ଗାଁର ଗଙ୍ଗାଲାଲଙ୍କୁ ୧୨୦୦ ଟଙ୍କା, କମଲଚନ୍ଦ ନଥୁଙ୍କୁ ୨୨୦୦ ଟଙ୍କା, ଶୁଭମ କମଲଚନ୍ଦଙ୍କୁ ୨୪୦୦ ଟଙ୍କା, ରାକେଶ ନଥୁଙ୍କ ୨୪୦୦ ଟଙ୍କା କଟିଥିଲା। କିନ୍ତୁ ଏମାନଙ୍କୁ କାହାକୁ ବୀମା ରାଶି ମିଳିପାରି ନାହିଁ।

### ବର୍ଷାରେ ଭିଜିବ...

ରହିଛି। ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ଏହାବ୍ୟତୀତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ମଧ୍ୟ ବର୍ଷା ହେବା ନେଇ ଆକଳନ କରାଯାଇଛି। ୨୫ ତାରିଖେର ବର୍ଷାର ବିସ୍ତୃତି ବଢ଼ିବା ସହ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ମୟୂରଭଞ୍ଜ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ବଳକା ୨୩ ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସମାନ ଭାବେ ୨୬ ଓ ୨୭ ତାରିଖରେ ରାଜ୍ୟବ୍ୟାପୀ ବର୍ଷା ସମ୍ଭାବନା ଥିବା ବେଳେ ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଏପଟେ ଲଗାଣ ବର୍ଷା କାରଣରୁ ବୈତରଣୀ ନଦୀ ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଛି। ଉପରମୁଣ୍ଡରେ ଲଗାଣ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଏହାଯୋଗୁଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଛତିଶଗଡ଼ ଉପରେ ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦରେ ଆଜି ଆଉ ୪ଟି ଗେଟ ଖୋଲାଯାଇଛି। ମୋଟ ୮ଟି ଗେଟ ଦେଇ ଜଳ ନିଷ୍କାସନ କରାଯାଉଥିବା ଜଣାପଡ଼ିଛି।

### ସୁବର୍ଣ୍ଣରେଖାରେ ପୁଣି...

ପାଉଛି। ବାଲେଶ୍ୱର ଜିଲ୍ଲାରେ ଗତକାଲି ଏବଂ ଆଜିକୁ ମିଶାଇ ୨୮.୨୫ ପ୍ରତିଶତ ହାରରେ ମୋଟ ୩୩୯ ମିମି ବର୍ଷା ରେକର୍ଡ କରାଯାଇଛି। ବାହାନଗା ବ୍ଲକରେ ୨୫ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସଦରରେ ୫୩ମିମି, ବାଲିଆପାଳରେ ୧୬, ଭୋଗରାଇରେ ୧୫, ନୀଳଗିରିରେ ୫୮, ଔପଦାରେ ୩୯, ରେମୁଣାରେ ୪୭, ସିମୁଳିଆରେ ୨୦ ଏବଂ ସୋରରେ ୧୦ମିମି ବର୍ଷା ରେକର୍ଡ ହୋଇଛି।

ସନ୍ଧ୍ୟା ୭ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ୭.୧୩ ମିଟର ରହିଛି। ଏହି ନଦୀର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ସେହିପରି ମଥାନୀଠାରେ ଜଳକାର ଜଳସ୍ତର ୫.୦୧ମିଟର ରେକର୍ଡ ହୋଇଛି। ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ ସଙ୍କେତ ୬ ମିଟର ରହିଛି।


**AFFIDAVIT**

I, Pritam Agrawal, S/o- Radhashyam Agarwal, Resident of Vill - Bazarpada (Madanmohanpada), PS/ PO/ Dist - Angul, Pin - 759122, Odisha,declare by this affidavit No - 2746, dated- 22.08.2025, that now onwards I shall be known as **PREETAM AGARWAL** for all future purposes.

**Notice (Above 18 years of age)**

By Virtue of an Affidavite sworn before the Notary Public, Udala, Mayurbhnaj, dated 22-08-2025 I, Jhankar Tudu, Address At- Taradashol, Po- Taradashol, Ps- Khunta, Dist- Mayurbhanj, Pin- 757085 declare that I have changed my name Jhinkar Tudu to Jhankar Tudu. Henceforth I shall be known as Jhankar Tudu for all purposes.

Jhankar Tudu

**AFFIDAVIT**

By virtue of an affidavit no-3869 sworn before the Executive Magistrate, Dhenkanal on dtd- 31/07/2025, I **Rasananda Garanayak,** S/o- Gumani Garanayak, resident of At/Po- Neulapoi, Ps- Gondia, Dist- Dhenkanal, Odisha. My Aadhar Card bearing No. 8632 0518 2255. I have changed my name from **Rasananda Samal** (old name) to **Rasananda Garanayak** (new name). Henceforth, both name Rasananda Samal and Rasananda Garanayak is one & same person, I will be known as **Rasananda Garanayak** for all future purposes.

Rasananda Garanayak

**Notice (for Minor)**

By virtue of an affidavit sworn before Executive Magistrate, Baripada, Mayurbhanj dated 25.03.2025 with Serial No : 1838.i, Phulamani Murmu Resident of At-bhadua, Po- danadar, Ps-jharpakharia, Dist- mayurbhanj, Odisha, Pin- 757032 declare that i have change the name of my son from Sambh Murmu To Sambhunath Murmu. Henceforth, He shall be known as Sambhunath Murmu for all purposes.

Phulamani Murmu

**ହଜିଯାଇଛି**

ମୁଁ ଦୁର୍ବା ରଞ୍ଜନ ସିଂହ ବାବୁ, ପିତା ସ୍ୱ ସତ୍ୟ ଚରଣ ସିଂହ ବାବୁ, At : AM2/03, Brooke Street, Covent Garden, Adhalia, PO:Phulnakhara, Dist- Cuttack, ଘୋଷଣା କରୁଅଛି ଯେ, ମୋର ସମ୍ପତ୍ତି ସହ ସମ୍ବନ୍ଧିତ ଏକ ମୂଳ ROR ପତ୍ରଟି କେଉଁଠି ହରାଇ ଦେଇଛି, ଯାହାର ଖତିଆନ ନଂ.686/1000, ପ୍ଲଟ୍ ନଂ. 1118/7081, କ୍ଷେତ୍ରଫଳ : A 0.060 Dec. ଓ ଜମିଦାରଙ୍କ ନାମ ଶ୍ରୀମତୀ ଡ଼ଲି ଦାସ ଓ ଟୁଟୁଲ କିଶୋର ଦାସ, ମୌଜା-ଅଢ଼ାଳିଆ। ଏହି ROR ଟି ଏସ୍.ବି.ଆଇ. ହୋମ୍ ଲୋନ୍ ସେଣ୍ଟର, ମହାନଦୀ ବିହାର, କଟକ କୁ ଜମା କରିବାକୁ ଉଦ୍ଦିଷ୍ଟ। ଯଦି କାହାକୁ ଏହି ପତ୍ରଟି ମିଳେ, ତାହେଲେ ଦୟାକରି ଏହି ନମ୍ବରରେ ସମ୍ପର୍କ କରନ୍ତୁ। 9861077996

**AFFIDAVIT**

I, Saroj Kumar Samal, S/o- Prafulla Chandra Samal, resident of At- Bantala, Po- Kurujanga, Dist- Cuttack, PIN- 754208, Odisha declared by this affidavit No. 675, dtd- 22/08/2025 that now onwards I shall be known as **SAROJA KUMAR SAMAL** for all future purposes.

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT- Dubulabeda, PO- Kuabuda, PS- Chandua, Dist- Mayurbhanj, PIN-757014 declare that I have changed the name of my Son from Sankh Marndi to Sankha Marndi. Henceforth, he shall be known as Sankha Marndi for all purposes.

Chama Marandi

**AFFIDAVIT**

**I, Md Muzammilur Rahman S/o-Md. Mohinuddin Ahmed, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No.7238 dtd. 20/06/2025 now onwards I shall be known as Md. Muzammilur Rahman for all future purposes.**

**AFFIDAVIT**

By virtue of an affidavit No. 5151 sworn before the Executive Magistrate, Champua, dated- 18/08/2025. I, Sunita Behera, W/o- Gouttam Behera, permanent resident of Vill- Jayamangalpur, Po- Kodagadia, Ps- Champua, Dist-Keonjhar, Pin- 758041, Odisha, I have changed my minor daughter's name from **Line Behera** (old Name) to **Liza Behera** (new name). Henceforth, she shall be known as **Liza Behera** for all future purposes.

Sd/- Sunita Behera

**AFFIDAVIT**

**I, Mrs Khoosnaz Raheman W/o-Md. Muzammilur Rahman, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No. 7238 dtd. 20/06/2025, now onwards I shall be known as Khoosnaz Raheman for all future purposes.**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 29-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଗାଲ୍ଭାନାଇଜଡ୍ (Galvanized) ଷ୍ଟିଲ୍ ୱାୟର ସ୍ଥାନରେ ଆଣ୍ଟିକ୍ରିପ୍ (Anticreep) ୱାୟର ଭାବରେ କ୍ୟାଟେନାରୀ (Catenary) ୱାୟର ର ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ : ₹ 79,10,763.04, EMD : ₹ 1,58,200/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.09.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-509/Q/25-26

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO- 273411, dated 02-08-2025 I, **RAMESH KUMAR NAYAK, S/o Bharat Nayak** permanent resident of Village At- Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **RAMESH NAYAK** (Old name) to **RAMESH KUMAR NAYAK** (New name), Henceforth, I shall be known as **RAMESH KUMAR NAYAK** for all purposes.

Sd-( **RAMESH KUMAR NAYAK** )

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025ରିଖ

କାର୍ଯ୍ୟର ନାମ : EPC ମୋଡ୍‌ରେ ଉପଯୋଗି ବସ୍ତୁର ସ୍ଥାନାନ୍ତରଣ, ବିଦ୍ୟୁତୀକରଣ ଏବଂ ସିଗ୍ନାଲିଙ୍ଗ ଏବଂ ଦୂରସଂଚାର କାର୍ଯ୍ୟ ସହିତ ବୈତାରୀ ଷ୍ଟେସନ ଠାରୁ ବାଲିପର୍ବତ ପର୍ଯ୍ୟନ୍ତ ନୂଆ ଲାଇନ୍‌ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 10633.00 ଲକ୍ଷ, EMD : ₹ 53,16,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.12.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକବୋଲିଦାତାଙ୍କୁ କହିବାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏଭିଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଡାକି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିର୍ଦ୍ଦିଷ୍ଟ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ କୋଲକାତା ନିର୍ଦ୍ଦିଷ୍ଟ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଭବିଷ୍ୟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-83/CI/25-26

**LOST**

I, **Smt. Chhabi Rani Ghosh,** aged about 52 years, W/o Sibanjan Ghosh, present resident of At: QTR No. JIB-43, South Balanda Colony, Talcher, Dist-Angul, Odisha do hereby declare that, on dtd- 02/08/2025, while I was coming from NSCH Colony to my resident at Balanda Colony in as Autorickshaw, I have lost my original Sale Deed No- 10051700921, dt- 02/06/2017, Hal Khata no- 370/288, Plot No- 1917, Area- 60 dcml, Mouza- Tentulei with other documents which was kept in my hand bag. If anyone finds it kindly contact to my number 9090706201 or above the address.

Chhabi Rani Ghosh

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO- 278012, dated 05-08-2025 I, **PRAVATI NAYAK, W/o Ramesh Kumar Nayak** permanent resident of Village At- Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **PRAVATI RANI NAYAK** (Old name) to **PRAVATI NAYAK** (New name), Henceforth, I shall be known as **PRAVATI NAYAK** for all purposes.

Sd-( **PRAVATI NAYAK** )

**LOST**

I, **Lingaraj Mishra,** aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO- Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541500182 date- 25/03/2015 and ROR Mouza- Biraramachandrapur, Khata No. 1339/5019 in name of Padmaja Priyadarshini Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.

LICHFL Branch, BBSR
N.C. Pattnaik, Advocate
Mob: 9853311189

Office of the Principal Cum-Secretary

**SHREE JAGANNATH HIGHER SECONDARY SCHOOL**

AT/P.O.- PINGUA, DHENKANAL - 759016

Email Id- s.j.m.pingua@gmail.com

Applications are invited from the eligible candidates for the Contractual Post of **Watch Man** within 7 days, to the Administrative Officer, S.J. Higher Secondary School, Pingua, Dhenkanal.

Sd/- Administrative Officer
Shree Jagannath H.S. School

■ ଷୋଳମପୁରକୁ ବିପଦ

## ଧସିଲା ବ୍ୟାରେଜ ସଂଲଗ୍ନ ବୈତରଣୀ ନଦୀବନ୍ଧ



ବାରିକପୁର,୨୩।୮ (ସମିସ): ପୂର୍ବରୁ ଅଞ୍ଚଳବାସୀ ଯାହା ଅନୁମାନ କରିଥିଲେ ତାହା ଏବେ ବାସ୍ତବ ରୂପ ନେଇଛି। ମନୁଷ୍ୟକୃତ ବୈତରଣୀ ନଦୀର ଗତିପଥ ବଦଳାଇ ବ୍ୟାରେଜ ନିର୍ମାଣ ହେବା ପରେ ଏବେ ଏହା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବାସୀଙ୍କ ପାଇଁ ବିପଦ ଆଣିଛି। ସୂଚନା ମୁତାବକ, ପଞ୍ଚାୟତ ଅନ୍ତର୍ଗତ ମଣୀନାଥପୁରଠାରୁ ଯାଜପୁର ସହରାଞ୍ଚଳ ଅଧୀନ ବରାହନାଥକୁ ସଂଯୋଗ କରୁଛି ନବନିର୍ମିତ ବ୍ୟାରେଜ। ସରକାରଙ୍କ ପକ୍ଷରୁ ଜଳସମ୍ପଦ ବିଭାଗ ଜରିଆରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଓସିସି ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ହୋଇଥିବା ବେଳେ ଏବେ ବ୍ୟାରେଜକୁ ନେଇ ବିପଦ ସୃଷ୍ଟି ହୋଇଛି। ନଦୀରେ ଆଜି ଚଳିତ ବର୍ଷର ତୃତୀୟ କନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ବ୍ୟାରେଜ ସଂଲଗ୍ନ ବୈତରଣୀ ବନ୍ଧର ବାମ ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ ସ୍ଥାନ ଧସି ଯାଇଛି। ବିନ୍ଧାଣ ରାଜସ୍ୱ ଗ୍ରାମ ଅଧିନସ୍ଥ ବ୍ୟାରେଜକୁ ଲାଗି ଅତି ବେପରୁଆ ଭାବେ କାର୍ଯ୍ୟ ହୋଇଥିବା ସ୍ଥାନରେ ମାଟି ଓ ପଥର ନଦୀ ମଧ୍ୟକୁ ଖସି ଯାଇଛି। ବନ୍ୟା ପାଣି ଏବେ ବୃଦ୍ଧି ପାଉଥିବା ବେଳେ ନଦୀବନ୍ଧ ଆହୁରି ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି। ଯାହାକୁ ନେଇ ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନବନିର୍ମିତ ବ୍ୟାରେଜ ନିକଟରେ ନଦୀର ଅବସ୍ଥା ଏଭଳି ହୋଇଛି ଯେ କେତେବେଳେ ଯେ ଘାଇ ସୃଷ୍ଟି ହୋଇଯିବ କହି ହେଉନାହିଁ। ସ୍ଥାନୀୟ ଅଞ୍ଚଳର ଶହଶହ ଜନସାଧାରଣ ଏବେ ଧସିଥିବା ସ୍ଥାନରେ ପହଞ୍ଚିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କେହି ଏଯାଏଁ ଘଟଣା ସ୍ଥଳରେ ପହଞ୍ଚିନାହାନ୍ତି। କେବଳ ଫୋନ୍ ଜରିଆରେ ନଦୀବନ୍ଧ ଓ ତଡିରେ ଜରିପାଲ ପକାଇବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଥିବା ଜଣାପଡିଛି। ବନ୍ୟା ଜଳକୁ ପ୍ରତିହତ କରିବା ପାଇଁ ଜଳସମ୍ପଦ ବିଭାଗର ପଲିଥିନ ଆବରଣ ଯୋଜନା ହଜାର ହଜାର ଜନସାଧାରଣଙ୍କୁ ଉପହାସ ସଦୃଶ ହୋଇଛି। ଏହା ନଦୀବନ୍ଧ କେତେ ସୁରକ୍ଷିତ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପାଲା କଳାକାରଙ୍କ ସ୍ମୃତି ଚାରଣ




ବାରିକପୁର,୨୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀଠାରେ ବରିଷ୍ଠ ପାଲା କଳାକାର ତଥା ମୃଦଙ୍ଗ ବାଦକ ଲୋକନାଥ ରଣାଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ରାଜକିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭଦ୍ରକ ଜିଲ୍ଲା ପାଲା ଗାୟକ ସଂଘ ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ଅଧ୍ୟାପକ ହରିହର ପାଣିଗ୍ରାହୀ, ବରିଷ୍ଠ ଯୁବ ଗାୟକ ରବିନ୍ଦ୍ର କୁମାର ଜେନା, ପ୍ରାଣକୃଷ୍ଣ ସାହୁ, ଦୁଃଶାସନ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଣାଙ୍କ ଜୀବନ ବ୍ୟାପି ସାଧନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାୟକ ନିରଞ୍ଜନ ବାରିକ, ଘନଶ୍ୟାମ ଜେନା, କବିତା ରାଣୀ ଦେ, ବନମାଳି ସାହୁ, ଶମ୍ଭୁନାଥ ରାଉତ, ବାମନ ଚରଣ ପଣ୍ଡା, ଗୌରାଙ୍ଗ ଚରଣ ରାଉତ, ସୁଶାନ୍ତ ରାଉତ, ବନମାଳି ରାଉତ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଏହାଛଡା ବୋହୁ ପାଲା ଅନୁଷ୍ଠାନର କର୍ମକର୍ତ୍ତା, ଗାୟକ, ବାୟକ ଏଥିରେ ଯୋଗ ଦେଇଥିଲେ। ଶରତଚନ୍ଦ୍ର ରଣା, ଅର୍ଜୁନ ରଣା, ଲକ୍ଷ୍ମୀଧର ରଣା ପ୍ରମୁଖ ପରିଚାଳନା କରିଥିଲେ।

ଆୟୁଷ୍ମାନ ବରଦାନ ନା ଅଭିଶାପ ?

## ତ୍ରୁଟିପୂର୍ଣ୍ଣ କାର୍ଡ; ଚିକିତ୍ସାରୁ ବଞ୍ଚିତ ଗୁରୁତର ହୃଦ୍‌ରୋଗୀ

ଭଦ୍ରକ, ୨୩।୮ (ସମିସ):




ବାପାଙ୍କ ନାଁରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ। ଆଉ କାର୍ଡରେ ଥିବା ଫଟୋ ଓ ବୟସ ବି ପୁଅର। ଏଭଳି ଅଭାବନୀୟ ତ୍ରୁଟି ପାଇଁ ପୋର୍ଟାଲ ସିଷ୍ଟମକୁ ସବୁ ଦାୟୀ ଦର୍ଶାଇ ଖସି ଯାଉଛନ୍ତି। ତେବେ ଏହି ତ୍ରୁଟି ସୁଧାର ନେଇ କିଛି ପଦକ୍ଷେପ ନେଉ ନାହାନ୍ତି। ଫଳରେ ଜଣେ ବୟସ୍କ ଗୁରୁତର ହୃଦରୋଗୀ ଚିକିତ୍ସା(ଅପରେସନ) ରୁ ବଞ୍ଚିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଖାପରପଦା ପଞ୍ଚାୟତ ଖାପରପଦା ଗାଁରେ। ଏହି ଗାଁର ସୁନନ୍ଦ ସାହୁ(୫୯)ଜଣେ ଅଭାବୀ ମଣିଷ। ସୁନନ୍ଦ ଗତ ୨୦୨୩ରେ ହୃଦରୋଗରେ ଶିକାର ହେଲେ। ଡାକ୍ତର ତାଙ୍କ ହାର୍ଟରେ ଷ୍ଟେନ ଲାଗିବାକୁ ପରାମର୍ଶ ଦେଲେ। ଗତ ୨୦୨୩ ଅଗଷ୍ଟ ୧୨ ତାରିଖରେ ସୁନନ୍ଦ ତାଙ୍କ ବିଏସକେୱାଇ କାର୍ଡରେ କଟକ ଅଶ୍ୱିନୀ ହସ୍ପିଟାଲରେ ହାର୍ଟ ଅପରେସନ ହୋଇଥିଲେ। ତାଙ୍କର ୨ଟି ଷ୍ଟେନ ଲାଗିଥିଲା। ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ନିକଟରେ ସୁନନ୍ଦଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେବାରୁ ପୁନର୍ବାର ଅଶ୍ୱିନୀ ହସ୍ପିଟାଲକୁ ଯାଇ ହୃଦରୋଗ ବିଶେଷଜ୍ଞଙ୍କୁ ଦେଖାଇବାରୁ ପୁନର୍ବାର ଷ୍ଟେନ ଲାଗିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କେ-ୱାଇସି ଦେଇ ସୁନନ୍ଦ ହାସଲ କରିଥିବା ଆୟୁଷମାନ ସ୍ୱାସ୍ଥ୍ୟ କାର୍ଡ ଦେଇ ଚିକିତ୍ସିତ ହେବାକୁ ଯାଇଥିଲେ। ତେବେ ଉକ୍ତ କାର୍ଡ଼ରେ ତ୍ରୁଟି ଥିବା ଦର୍ଶାଇ ଏଥିରେ ଚିକିତ୍ସା ହୋଇପାରିବ ନାହିଁ ବୋଲି ରୋକଠୋକ ମନା କରିଥିଲେ। ସୁନନ୍ଦଙ୍କ ଆୟୁଷମାନ କାର୍ଡ଼ରେ ତାଙ୍କ ନାଁ ଥିବା ବେଳେ ଫଟୋ ବୟସ ତାଙ୍କ ପୁଅ ବିଜୟ ସାହୁଙ୍କ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉକ୍ତ କାର୍ଡ ପାଇଁ ଇ-କେୱାଇସି ବେଳେ ନିଜେ ସୁନନ୍ଦ ନିଜ ଫିଙ୍ଗର ପ୍ରିଣ୍ଟ ଦେଇଥିବା ବେଳେ ତାଙ୍କ ପୁଅ ବିଜୟର ଆଧାର ଲିଙ୍କ, ଫଟୋ ଓ ବୟସ କିଭଳି ରହିଲା ଏଥିନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ତ୍ରୁଟି ଯୋଗୁଁ ଦୀର୍ଘ ୧୫ଦିନ ହେବ ଜିଲାପାଳଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ପର୍ଯ୍ୟନ୍ତ ନିଜ ଆୟୁଷମାନ କାର୍ଡର ତ୍ରୁଟି ସଂଶୋଧନ ଲାଗି ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି ସୁନନ୍ଦଙ୍କ ପରିବାର ଲୋକ। ଯନ୍ତ୍ରଣାରେ ଛଟପଟ ହୋଇ ଅଧିକରୁ ଅଧିକ ଗୁରୁତର ହୋଇ ପଡିଛନ୍ତି ହୃଦରୋଗୀ ସୁନନ୍ଦ। ଅନ୍ୟପକ୍ଷରେ ଏହି ବ୍ୟୟବହୁଳ ଅପରେସନ ଲାଗି ସୁନନ୍ଦଙ୍କ ପାଖରେ ଅର୍ଥ ବି ନାହିଁ। ଏହି ଚିନ୍ତାରେ ତାଙ୍କ ପରିବାର ଲୋକେ ଏବେ ଭାଙ୍ଗି ପଡିଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ପାଇଁ ବରଦାନ "ଆୟୁଷ୍ମାନ' କାର୍ଡ ବୋଲି ପ୍ରଚାର କରୁଥିବା ବେଳେ ହୃଦରୋଗୀ ସୁନନ ଯନ୍ତ୍ରଣା ଛଟପଟ ହୋଇ ମୃତ୍ୟୁ ସହ ସଂଗ୍ରାମ କରିବା ଏଥିପ୍ରତି ଉପହାସ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେବାକୁ ସାଧାରଣରେ ନିବେଦନ କରାଯାଇଛି।

## ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ



ଭଦ୍ରକ, ୨୩।୮ (ସମିସ): ସର୍ବଭାରତୀୟ ଶ୍ରମିକ ନେତା ତଥା ବିଏମ୍‌ଏସ୍‌ର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା, ଅଖିଳ ଭାରତୀୟ ଖଣିଜ ଧାତୁ ମଜଦୁର ମହାସଂଘର ରାଷ୍ଟ୍ରୀୟ ସହସମ୍ପାଦକ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧ ସମାରୋହ ଭଦ୍ରକ ସହରସ୍ଥିତ ଶହୀଦ୍ ସ୍ମୃତି ଭବନ (ଟାଉନ ହଲ)ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଟାଉନହଲ (ଶହୀଦ୍ ସ୍ମୃତି ଭବନ)ରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ମୃତିସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟ ଏବଂ ପ୍ରଧାନଶିକ୍ଷକ ବିଜୟ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବରେଣ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ନବୀନ ଦାସ, ବିଶିଷ୍ଟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଏମ୍‌ଏସ୍ ରାଜ୍ୟ ସଭାପତି ଯୋଗ ଦେଇଥିଲେ। ସଂଘୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ଏକ ସଡ଼କ ଦୁର୍ଘଟଣାରେ ୨୦୧୧ ମସିହା ଅଗଷ୍ଟ ୨୩ ତାରିଖରେ ତାଙ୍କର ନାଗପୁରଠାରେ ଦେହାନ୍ତ ହୋଇଥିଲା। ପ୍ରତାପ ପଣ୍ଡା ମଧ୍ୟ ସ୍ୱଳ୍ପ ସମୟ ମଧ୍ୟରେ ସମଗ୍ର ଦେଶ ପାଇଁ ଶ୍ରମିକ ସଂଗଠନ ଜରିଆରେ ମହନୀୟ ବାର୍ତ୍ତା ଛାଡ଼ି ଯାଇଛନ୍ତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଗତ ୨୦ ତାରିଖରେ ଚିଙ୍ଗୁଡ଼ିପୁର ଗ୍ରାମର ଚିଙ୍ଗୁଡ଼ିଶୁଣି ମନ୍ଦିର ରାସ୍ତାରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ବିଶିଷ୍ଟ ପ୍ରତିଭା ଭାବେ ବିଶିଷ୍ଟ ଉଦ୍ୟୋଗପତି ଭାବେ ମନୋଜ ନାୟକ, ଶିକ୍ଷକ ସମରେନ୍ଦ୍ର ମିଶ୍ର, ପୂର୍ବତନ ବିଏମ୍‌ଏସ୍‌ର ଜିଲ୍ଲା ସମ୍ପାଦକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନର ସଦସ୍ୟ ବିଜୟ ଭୂଷଣ ନାୟକ, ଭଦ୍ରକ ଜିଲ୍ଲା ଅଙ୍ଗନବାଡ଼ି ସଂଘର ପ୍ରମିଳା ପାଢ଼ୀ, ସମାଜସେବୀ ପାର୍ଥସାରଥୀ ନାୟକ, ଆଦର୍ଶ କୃଷକ ଉଦୟନାଥ କର, କୃତୀ ଛାତ୍ର ସଦାନନ୍ଦ ପଣ୍ଡା ପ୍ରମୁଖଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶନାଥ ଧଳ, ବସନ୍ତ ରାଉତ, କମଳାକାନ୍ତ ସାହୁ, ଅଶୋକ ନାୟକ, ବିଶ୍ୱନାଥ ଜେନା, ଲକ୍ଷ୍ମୀପ୍ରିୟା ପାତ୍ର, ସନ୍ଧ୍ୟାରାଣୀ ପହି, ବସନ୍ତ ବଳ, ତପନ ପାତ୍ର, ଯୋଗେଶ୍ୱର ଦାସ, ବିକାଶ ସାମଲ, ଶାନ୍ତନୁ ମହାପାତ୍ର, ରାମଚନ୍ଦ୍ର ରାଉତ, ସୁରେନ୍ଦ୍ର ନାୟକ, ପ୍ରଦୀପ ପଣ୍ଡା, ଅରୁଣ ଖିଲାର, ପୂର୍ଣ୍ଣଚନ୍ଦ୍ର ସେଠୀ, ଜୀବନ ପଣ୍ଡା, ଜ୍ୟୋତିପ୍ରକାଶ ଦାସ, ନିର୍ମଳ ସ୍ୱାଇଁ, ବିଜୟ ଖିଲାର, ଗଣେଶ୍ୱର ସାହୁ, ଅମୂଲ୍ୟ ନାୟକ, ଯଦୁମଣି ପାଣିଗ୍ରାହୀ, ଭ୍ରମର ନାୟକ, ସ୍ମିତା ନାୟକ, ମମତା ବାରିକ ପ୍ରମୁଖ ପରିଚାଳନା କରିଥିଲେ। ସମ୍ପାଦକ ଡାକ୍ତର ରବୀନ୍ଦ୍ର ପଣ୍ଡା ପାଥମିକ ସୂଚନା, ସୁରେଶ ସାମଲ ଅତିଥି ପରିଚୟ, ଯୋଗେଶ୍ୱର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂର୍ଯ୍ୟସ୍ନାତା ବସନ୍ତରାୟ, ଚିରଞ୍ଜିବ ପଣ୍ଡା, ସାଇ ଜନ୍ମେଜୟ ମିଶ୍ର ସହଯୋଗ କରିଥିଲେ।

■ ପଡ଼ି ରହିଛି କଚ୍ଚା ରାସ୍ତା

## ପକ୍କା ଉପରେ ହେଉଛି ପୁଣି ପକ୍କା ରାସ୍ତା ନିର୍ମାଣ

ଦୋଳସାହି, ୨୩।୮ (ସମିସ): ଦୁର୍ନୀତିର ଗନ୍ତାଘର ପାଲଟିଛି ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତ। ବିଭିନ୍ନ ସ୍ଥାନରେ କଚ୍ଚା ରାସ୍ତା ଦୀର୍ଘବର୍ଷ ଧରି ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଥିବା ବେଳେ ପକ୍କା ରାସ୍ତା ଉପରେ ପକ୍କା ରାସ୍ତା ନିର୍ମାଣ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ



ପାଇଛି। ଏଦିଗରେ ଭିଜିଲାନ୍ସ ତଦନ୍ତ ଲାଗି ଦାବି ଉଠିଛି। ସୂଚାନଯୋଗ୍ୟ, ଗୁଆମାଳ ପଞ୍ଚାୟତ ରେ ବିଭିନ୍ନ ସ୍ଥାନରେ ମାଟି ବା କଚ୍ଚା ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ଥିଲେ ବି ସେଗୁଡିକୁ ବହୁ ଦାବି ପରେ ପକ୍କା କରାଯାଉଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଝାଡ଼ପଟା ଗାଁରେ ଦୀର୍ଘ ବର୍ଷ ଧରି ମାଟି ରାସ୍ତା ପଡି ରହିଥିବା ବେଳେ ଏହି ଗ୍ରାମ ସମେତ ସମସ୍ତ ୱାର୍ଡରେ ପକ୍କା ରାସ୍ତା ଉପରେ ପକ୍କା ରାସ୍ତା କାର୍ଯ୍ୟ ନିମ୍ନମାନର ନିର୍ମାଣ କରାଇ ନେତାରୁ ଯନ୍ତ୍ରୀ ସବୁ ମାଲେମାଲ ହେଉଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତର ସମାଜସେବୀ ଘନଶ୍ୟାମ ମିଶ୍ର ସୂଚନା ଅଧିକାର ଆଇନ ବଳରେ ବିଭିନ୍ନ ପ୍ରକାରର ଦୁର୍ନୀତି ସମ୍ପର୍କରେ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିବା ପରେ ରାଜନୀତି ସରଗରମ ହେଉଥିଲା ବେଳେ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ଅଲୋଚନା ହେଉଛି।

## ୬ ବେଆଇନ ବାଲି ଟ୍ରକ୍ ଜବତ



ବାରିକପୁର, ୨୩।୮ (ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଛ'ଗୋଟି ବେଆଇନ ବାଲି ଟ୍ରକ ଜବତ କରାଯାଇଛି। ୧୨ ଓ ୧୪ ଚକିଆ ହାଇୱା ଟ୍ରକଗୁଡ଼ିକ ବୈତରଣୀ ନଦୀ ସମେତ ଆଖପାଖ ଅଞ୍ଚଳରୁ ବେଆଇନ ବାଲି ପରିବହନ କରୁଥିବା ବେଳେ ପୁଲିସ ଏହାକୁ ଧରିଥିଲା। ଗତ ଶୁକ୍ରବାର ଓ ଶନିବାର ବିଳମ୍ବିତ ରାତିରେ ପୁଲିସ ବେଆଇନ ବାଲି ଗାଡିଗୁଡ଼ିକୁ ପାଳଦା ମଣୀନାଥପୁର, ଛତାବର ବଳିଘାଇ ଓ ଜାତୀୟ ରାଜପଥ ଉପରୁ ଧରିଥିବା ଜଣାପଡିଛି। ଏନେଇ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏଠାରେ ସୂଚିତ ବେଆଇନ ପରିବହନକୁ ରୋକିବା ପାଇଁ ଜିଲ୍ଲା ଖଣି ନିଗମ, ତହସିଲ ଓ ଥାନା ପକ୍ଷରୁ ମିଳିତ ଭାବେ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ଏଯାଏଁ ସମ୍ଭବ ହେଉନାହିଁ। ନଦୀର ବାଲି ପୋଖରୀ, ବଦାଳମଢିଆଳି, ବାବଲପୁର, ଜଗନ୍ନାଥ ପ୍ରସାଦ ପ୍ରମୁଖ ସ୍ଥାନରୁ ଟ୍ରାକ୍ଟର ଯୋଗେ ବେଆଇନ ବାଲି ପରିବହନ ହେଉଥିବା ବେଳେ କେତେକ ସ୍ଥାନରେ ଗଛିତ ଥିବା ବାଲିକୁ ବେପାରୀମାନେ ଟ୍ରକ ଯୋଗେ ଚାଲାଣ କରୁଛନ୍ତି। ଏହାଛଡା ବୈତରଣୀ ଶାଖା ବୁଢା ନଦୀରୁ ମଧ୍ୟ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଏହି ପଥ ଦେଇ ଭଦ୍ରକ ଓ ବାଲେଶ୍ୱରକୁ ମଧ୍ୟ ଚାଲାଣ କରା ଯାଉଥିବା ସୂଚନା ମିଳିଛି। ଯାହାକୁ ରୋକିବା ପ୍ରଶାସନ ପକ୍ଷେ ଚ୍ୟାଲେଞ୍ଜ ପାଲଟିଛି।

ଧାମରା ବନ୍ଦରରେ ପରିବହନ କ୍ଷେତ୍ରରେ ଅସମତା ପ୍ରସଙ୍ଗ

## ଭଦ୍ରକ ଜିଲ୍ଲା ଟିପର-ଡମ୍ପର ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ, ୨୩।୮ (ସମିସ):



ଧାମରା ବନ୍ଦର କମ୍ପାନୀ ଲିମିଟେଡ୍ ପରିବହନ କ୍ଷେତ୍ରରେ ସ୍ଥାୟୀତ୍ୱର ଆକାଂକ୍ଷାକୁ ପୂରଣ କରିବାରେ ବିଫଳ ହୋଇଛି। ଫଳରେ ଧାମରା ବନ୍ଦରରେ ପରିବହନ ଜନିତ କର୍ମଯୋଗାଣ କ୍ଷେତ୍ରରେ ବିପର୍ଯ୍ୟସ୍ତ ଦେଖାଦେଇଛି ବୋଲି ଭଦ୍ରକ ଜିଲା ଟିପର /ଡମ୍ପର ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ବିଶେଷକରି ପରିବହନ ସାମଗ୍ରୀର ତୁରନ୍ତ ପୁନଃ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେବାକୁ ଆଜି ଭଦ୍ରକ ଟିପର(ଡମ୍ପର) ମାଲିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧାମରା ବନ୍ଦରର ଏଭଳି ନୀତି ଯୋଗୁଁ ଭଦ୍ରକର ଅଧିକାଂଶ ଟିପର ମାଲିକମାନେ ସମ୍ମୁଖୀନ ହେଉଥିବା ଗୁରୁତର ଆର୍ଥିକ ସଂକଟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଯାହା ଜଣାଯାଏ ଧାମରା ବନ୍ଦର ନିର୍ମାଣ କ୍ଷେତ୍ରରେ ବନ୍ଦରର ପ୍ରତିଷ୍ଠା ସହିତ ମୁଖ୍ୟତଃ ପରିବହନକୁ ବୃଦ୍ଧି କରିବା ଏବଂ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରି ବେକାରୀ ସମସ୍ୟା ଦୂରୀକରଣ ପାଇଁ ଆଶା ପୋଷଣ କରାଯାଇଥିଲା। କିନ୍ତୁ ତାହା ଏବେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ସେମାନଙ୍କ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଜିଲ୍ଲାପାଳଙ୍କ ନିକଟରେ କରାଯାଇଥିବା ଅଭିଯୋଗ ମୂଳେ ୨୦୧୦ ରେ ଧାମରା ବନ୍ଦର କାର୍ଯ୍ୟକ୍ଷମ ହେବା ପରଠାରୁ ଭଦ୍ରକରେ ଟିପର/ଡମ୍ପର/ ଟ୍ରକ୍ ସଂଖ୍ୟାରେ ନିରନ୍ତର ବୃଦ୍ଧି ଘଟିଛି। ଫଳରେ ଆଶା କରାଯାଉଛି ଯେ ସେମାନେ କାର୍ଗୋ ପରିଚାଳନାରେ ମାଲ୍ ପରିବହନ କ୍ଷେତ୍ରରେ ନିୟୋଜିତ ହେବେ। ଗତ କିଛିବର୍ଷ ମଧ୍ୟରେ ପରିବହନ କାର୍ଯ୍ୟର ୬୦ ପ୍ରତିଶତରୁ ଅଧିକ ୨ଟି ସ୍ଥାନୀୟ ସଂଘକୁ ବଣ୍ଟନ କରାଯାଇଥିବାବେଳେ ଅବଶିଷ୍ଟ ଅଂଶ ଦୁଇଟି ସ୍ଥାନୀୟ ସଂଘକୁ ଦିଆଯାଇଛି। ଯେତେବେଳେକି ବଳକା ଅଂଶ ହାତେଇ ନେଇଥିବା କିଛି ମୁଷ୍ଟିମେୟ ଅନ୍ୟ ସଂଘ ତାହାକୁ ଅକ୍ତିଆର କରିନେଇଛନ୍ତି। ଏହି ଏକପାଖିଆ ବ୍ୟବସ୍ଥା ଜିଲାର ଆଶାୟୀ ଓ ଆକାଂକ୍ଷୀ ଟିପର ମାଲିକଙ୍କ ମଧ୍ୟରେ ଘୋର ନିରାଶ ସୃଷ୍ଟି କରିଛି। ଯାହା ଜଣାଯାଏ ଜିଲା ପ୍ରଶାସନ କିମ୍ବା ବନ୍ଦର ପରିଚାଳନା କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଅଭାବରୁ କିଛି ସ୍ଥାନୀୟ ଅପରେଟର କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଯେତେବେଳେ ପ୍ରକୃତ ଟିପର ମାଲିକମାନେ ସେମାନଙ୍କ ନ୍ୟାର୍ଯ୍ୟ ଜୀବିକାରୁ ବଂଚିତ ହେଉଛନ୍ତି। ଭଦ୍ରକର ୭ଟି ବ୍ଲକ୍‌ରେ ସ୍ଥାନୀୟ ବାସିନ୍ଦାଙ୍କ ମାଲିକାନାରେ ଥିବା ପ୍ରାୟ ୬ ଶହ ଟିପର ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ ଧାମନଗର, ଭଣ୍ଡାରିପୋଖରୀ, ଭଦ୍ରକ, ବନ୍ତ, ତିହିଡି ଓ ବାସୁଦେବପୁର ଭଳି ଅଞ୍ଚଳର ଅଟେ। ଧାମରା ଏବଂ ତତ୍‌ସଂଲଗ୍ନ ୮ଟି ପଂଚାୟତର ଲୋକଙ୍କ ପାଖରେ କେବଳ ଅଳ୍ପ ସଂଖ୍ୟକ ଯାନବାହନ ରହିଛି। ଏହି ସଂଖ୍ୟାକୁ ଦୃଷ୍ଟିରେ ରଖି ଧାମରା ଭିତିକ ମାଲିକମାନଙ୍କୁ ୭୦ ପ୍ରତିଶ୍ରତରୁ ଉର୍ଦ୍ଧ୍ୱ କାର୍ଯ୍ୟ ନିୟନ୍ତ୍ରଣ କରିବାକୁ ଅନୁମତି ଦିଆଯାଇଛି। ଯାହା ପାତରଅନ୍ତର ନୀତିର ଏକ ଜ୍ୱଳନ୍ତ ଉଦାହରଣ। ଟିପର ଓ ଟ୍ରକ୍ ସମେତ ସବୁଠାରୁ ପୁରୁଣା ପରିବହନ ସଂସ୍ଥା ଭଦ୍ରକ ଜିଲା ଟିପର (ଡମ୍ପର) ମାଲିକ ସଂଘ ସହିତ ଜଡିତ ଲୋକଙ୍କ ମଧ୍ୟରେ ଏହା ବିଶ୍ୱାସ ଘାତକତାର ଏକ ଦୃଢ ଭାବନା ସୃଷ୍ଟି କରିଛି। ପ୍ରତିଯୋଗିତା ମୂଳକ ଆର୍ଥିକ ପରିସ୍ଥିତିରେ ସେମାନଙ୍କର ଜୀବିକା ନିର୍ବାହ ପାଇଁ ପ୍ରକୃତ ଟିପରମାଲିକମାନେ ଧାମରା ବନ୍ଦରରେ ଚାଲୁଥିବା କନସାଇନ୍‌ମେଣ୍ଟରେ ସେମାନଙ୍କର ବୈଧ ଅଂଶ ଖୋଜନ୍ତି। ତେଣୁ ଧାମରା ବନ୍ଦରରେ କନସାଇନମେଂଟ ଏବଂ ସୁଯୋଗ ଗୁଡିକର ସଂପୂର୍ଣ୍ଣ ପୁନଃ ବଣ୍ଟନ ଓ ବିଭିନ୍ନ ସଂଘ ମଧ୍ୟରେ ଲୋଡିଂ ପରିମାଣର ନ୍ୟାୟ ସଂଗତ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱାଧୀନ ସଂସ୍ଥା ଗଠନ କରିବାକୁ ଏହି ସଂଘ ଜିଲାପାଳଙ୍କ ନିକଟରେ ଦାବି କରିଛି। ବିଶେଷକରି ଏଭଳି ସମାଧାନ ଜନିତ ପରିସ୍ଥିତିର କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାନଗଲେ ଆଗାମୀ ଦିନରେ ଏକ ବଡ ଧରଣର ପ୍ରତିବାଦର ସ୍ୱର ଉଠିବା ପୂର୍ବରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଜିଲ୍ଲାପାଳ ସମୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ସାଧାରଣ ସଂପାଦକ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ହେମନ୍ତ ନାୟକ, ସୌମ୍ୟରଂଜନ ବାରିକ, ରଜତ ପତି, ନନ୍ଦିଘୋଷ ବେହେରା, ଓମ୍‌ପ୍ରକାଶ ନାୟକ, ତାଳଧ୍ୱଜ ବେହେରା, ବଳରାମ ପରିଡା, ଅଶୋକ ବାରିକ, ପ୍ରଫୁଲ୍ଲ ପୃଷ୍ଟି, ସୁନନ୍ଦ ଦାସ, ସାଜନ ସେନାପତି, ଅମ୍ଲାନ ଜ୍ୟୋତି ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ, ରାଜେଶ ଦାସ, ଚନ୍ଦନ ନାୟକ, ହରିତ ଦାସ, ନାରାୟଣ ମିଶ୍ର ପ୍ରମୁଖ ଅନୁରୋଧ କରିଛନ୍ତି।

■ ଦିନ କେଇଟା ପରେ ଗଣେଶ ପୂଜା

## ବିଘ୍ନରାଜଙ୍କ ମୂର୍ତ୍ତି ତିଆରିରେ ବ୍ୟସ୍ତ କାରିଗର



ଧାମନଗର, ୨୩।୮ (ସମିସ): ଆଉ କେଇଟା ଦିନ ପରେ ଗଣେଶ ପୂଜା। ଆଦ୍ୟ ପୂଜ୍ୟଙ୍କ ଆରାଧନାରୁ ଆରମ୍ଭ ହେବ ପାର୍ବଣ ଋତୁ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଧାମନଗର ଏନଏସି। ଶାମପୁର ଗ୍ରାମର ସୂର୍ଯ୍ୟମଣି ବାରିକ ପରିବାର ଏବେ ସାନ ପୁଅ ଶରତ ବାରିକ ଧାମନଗର ଜଳସେଚନ ଡାକବଙ୍ଗା ସମ୍ମୁଖରେ ମୂର୍ତ୍ତି ତିଆରି କରୁଛନ୍ତି। ସେହିପରି ବ୍ଲକ ଅନ୍ତର୍ଗତ ନଦୀଗାଁ ପଞ୍ଚାୟତ ଉଆସ ସାହିର ମହାପାତ୍ର ପରିବାର। ଏମାନେ ଦୀର୍ଘ ୪୦ ବର୍ଷରୁ ଅଧିକ ହେବ ଏହି ଶିଳ୍ପୀ ପରିବାର ଗଣେଶ ଓ ସରସ୍ୱତୀ ପୂଜା ସମୟରେ ଶହଶହ ମୃଣ୍ମୟ ମୂର୍ତ୍ତି ନିର୍ମାଣ ସହ ବଜାରରେ ବିକ୍ରି କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ପୂଜାର ଆଗମନରେ ପୁରୁଷାନୁକ୍ରମେ ଭଳିକି ଭଳି ମୂର୍ତ୍ତି ତିଆରିରେ ଲାଗିପଡିଛନ୍ତି ଏହି ପରିବାରର ଲୋକେ। ମାଟି, ପାଣି,କୁଣ୍ଡା,କପଡା,ପାଳ ଆଦି ଜିନିଷର ମିଶ୍ରଣରେ ଏମାନେ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ଗଣେଶ ମୂର୍ତ୍ତି। ଆକର୍ଷଣୀୟ ରଙ୍ଗରେ ରଙ୍ଗାୟିତ ମୂଷା ପିଠିରେ ବସିବା, ମୁଣ୍ଡରେ ପଗଡି ଭିଡିଥିବା ଗଣେଶ ସାଙ୍ଗକୁ ଶିବଲିଙ୍ଗକୁ ଧରିଥିବା ଗଣେଶଙ୍କ ମୂର୍ତ୍ତି ତିଆରି କରୁଛନ୍ତି ଏହି କାରିଗର। ଆକର୍ଷଣୀୟ ମୂର୍ତ୍ତି ପାଇଁ ବିଭିନ୍ନ ବଡ଼ ବଡ଼ ଅନୁଷ୍ଠାନରୁ କାରିଗରଙ୍କ ପାଖକୁ ବଇନା ମଧ୍ୟ ଆସିଛି। ଏମାନଙ୍କ ମଧ୍ୟରୁ କିଏ ମୂର୍ତ୍ତି ଗଢୁଛନ୍ତି ତ କିଏ ମାଟି ଚକଟିବାରେ ଲାଗିପଡିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭଳିକି ଭଳି ମୂର୍ତ୍ତି ତିଆରି କରୁଛନ୍ତି କାରିଗର। ତିଆରି ଚାଲିଛି ଏକ ଫୁଟ ଠାରୁ ୧୦ ଫୁଟ ପର୍ଯ୍ୟନ୍ତ ଉଚ୍ଚତାର ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି। ଏଠାରେ ନିର୍ମାଣ ହେଉଥିବା ମୂର୍ତ୍ତିର ଚାହିଦା ବହୁତ ଅଧିକ ରହିଥାଏ। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳର ଅନେକ ଲୋକ ଏଠାକୁ ଆସି ମୂର୍ତ୍ତି କିଣିନେଇଥାନ୍ତି। ବେପାରୀମାନେ ଏମାନଙ୍କଠାରୁ ମୂର୍ତ୍ତି କିଣି ନେଇ ଧାମନଗର, ଦୋବଲ, ଧୂଷୁରୀ, ଆରଡ଼ି, ଅସୁରାଳି ଓ ଭଦ୍ରକ ଏବଂ ଭଣ୍ଡାରିପୋଖରୀ ଆଦି ଜାଗରେ ବିକ୍ରି କରନ୍ତି। ଚଳିତ ବର୍ଷ ପୂଜାରେ କାରିଗରଙ୍କ ହାତ ତିଆରି ସୁନ୍ଦର ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ନିଶ୍ଚୟ। ଆସନ୍ତା ଅଗଷ୍ଟ ୨୭ ତାରିଖ ଗଣେଶ ଚତୁର୍ଥୀ। ଏହିଦିନ ବିଭିନ୍ନ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କରେ ବିଘ୍ନନାଶକ ଗଜାନନଙ୍କ ପୂଜା ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

**ମଧ୍ୟରାତ୍ରରେ ଦୁଷ୍କର୍ମ ଉଦ୍ୟମ; ୪ ଦିନ ପରେ ବି ପୁଲିସ ହାତ ଖାଲି**

# ନ୍ୟାୟ ନ ମିଳିଲେ ପୀଡ଼ିତାଙ୍କ ଆତ୍ମଦାହ ଚେତାବନୀ

ଭଦ୍ରକ, ୨୩।୮ (ସମିସ):

ମଧ୍ୟ ରାତ୍ରରେ ଘରେ ପଶି ଦୁଷ୍କର୍ମ ଉଦ୍ୟମ କଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ଏହି ଅଭିଯୋଗର ୪ଦିନ ପରେ ବି ପୁଲିସର ହାତ ଖାଲି। ନ୍ୟାୟ ନ ମିଳିଲେ ଥାନା ସମ୍ମୁଖରେ ଆତ୍ମଦାହ ଦେବାକୁ ଚେତାବନୀ ଦେଇଛନ୍ତି ପୀଡ଼ିତା। ଏମିତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପୀରହାଟ ଥାନାଞ୍ଚଳରେ। ଉକ୍ତ ଗ୍ରାମର ଅଶୋକ ମହାକୁଡ଼ ଚଳିତ ମାସ ୧୯ ତାରିଖ ରାତି ପ୍ରାୟ



୧୨ଟା ବେଳେ ଅଭିମନ୍ୟୁ ବେହେରାଙ୍କ ମାଟି କାନ୍ଥକୁ କଣା କରି ଘର ଭିତରେ ପ୍ରବେଶ କରିଥିଲା। ଖଟରେ ଶୋଇଥିବା ଝିଅକୁ ଟଣାଓଟରା କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲା। ଜୋର ପାଟି କରିବାରୁ ଅଭିଯୁକ୍ତ ଦୌଡ଼ି ପଳାଇଯାଇଥିଲା। ତା ପରଦିନ ପୀଡିତା ଜଣକ ପୀରହାଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଚାରିଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତକୁ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି ପିରହାଟ ଥାନା ପୁଲିସ। ପ୍ରତିଦିନ ପୀଡ଼ିତାଙ୍କୁ ଥାନାକୁ ଡକାଇ ବୟାନ ନେଉଥିବା ବେଳେ ଅଭିଯୁକ୍ତ ଖୁଲମଖୋଲା ବାହାରେ ବୁଲୁଛି। ଅଭିଯୁକ୍ତ ଜଣକ ବାମନବିନ୍ଧା ପଞ୍ଚା।ଯତର ସରପଞ୍ଚଙ୍କ ପରିବାରର ଏବଂ ସେମାନେ ଶାସକ ଦଳର ଲୋକ ହୋଇଥିବାରୁ ଜାଣିଶୁଣି ପୁଲିସ ଚୁପ ରହୁଥିବା ଅଭିଯୋଗ କରିଛନ୍ତି ପୀଡ଼ିତା। ପୀଡ଼ିତା ଜଣକ ଭଦ୍ରକ ଏସପିଙ୍କୁ ଫୋନ କରି ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା କହିଛନ୍ତି। ଯଦି ସାତ ଦିନ ମଧ୍ୟରେ ପୋଲିସ ଅଭିଯୁକ୍ତକୁ ଗିରଫ ନ କରେ ଥାନା ସମ୍ମୁଖରେ ଆତ୍ମଦାହ କରିବେ ବୋଲି ଚେତାବନୀ ଦେଇଛନ୍ତି।

**ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ଶିବିର**

## ସଚେତନ ହେଲେ ସୁନାମୀ କ୍ଷୟକ୍ଷତିକୁ ହ୍ରାସ କରାଯାଇପାରିବ



ଭଦ୍ରକ, ୨୩।୮ (ସମିସ): ଭଦ୍ରକ ସଂସ୍କୃତି ଭବନରେ ଏକଦିବସୀୟ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜେନେରାଲ ମ୍ୟାନେଜର ଡ. ବେବିତା ମଞ୍ଜରୀ ନାୟକ, ଜିଲ୍ଲା ଜରୁରିକାଳୀନ ଅଧିକାରିଣୀ ପ୍ରଜ୍ଞା ହୋତା, ଡେପୁଟି କଲେକ୍ଟର ଭୀମକାନ୍ତ ମାଝୀ, ଡିପିଓ ଅମ୍ଲାନ ଅମିତାଭ ସେନାପତି ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲାର ୪୧ଟି ସୁନାମୀ ପ୍ରଭାବିତ ଗାଁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଜିଲ୍ଲାର ବାସୁଦେବପୁର ବ୍ଲକରେ ୧୭ ଓ ଚାନ୍ଦବାଲି ବ୍ଲକରେ ୨୪ଟି ସୁନାମୀ ପ୍ରବଣ ଗ୍ରାମ ରହିଛି। ଏହି ଅଞ୍ଚଳରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି କଲେ ଧନ ଜୀବନ କ୍ଷୟକ୍ଷତିକୁ ହ୍ରାସ କରାଯାଇ ପାରିବ। ଜିଲ୍ଲାସ୍ତରୀୟ ତାଲିମଦାତାମାନେ ବ୍ଲକ ସ୍ତରରେ ତାଲିମ ପ୍ରଦାନ କରିବେ। ଚଳିତ ବର୍ଷ ବାସୁଦେବପୁର ବ୍ଲକ ଓ ଚାନ୍ଦବାଲି ବ୍ଲକର ୧୦ଟି ଗ୍ରାମକୁ ସୁନାମୀ ପ୍ରସ୍ତୁତ(ରେଡ୍ଡି) ଗ୍ରାମ ଭାବେ ପ୍ରସ୍ତୁତ କରାଯାଉଛି। ସମସ୍ତଙ୍କର ସହଯୋଗ ରହିଲେ ଭଦ୍ରକ ଜିଲ୍ଲାର ୧୦ଟି ଗ୍ରାମର ଆନ୍ତର୍ଜାତିକ ସ୍ତରରେ ସୁନାମୀ ପ୍ରସ୍ତୁତ ଗାଁ ଭାବେ ମାନ୍ୟତା ପାଇବ ବୋଲି ଜିଲ୍ଲାପାଳ କହିଥିଲେ।

## ଆତ୍ମହତ୍ୟା ପ୍ରତିରୋଧ ସଚେତନତା ଶିବିର



ବାସୁଦେବପୁର, ୨୩।୮ (ସମିସ): ବାସୁଦେବପୁର ପୌରପାଳିକାର ତୃପ୍ତି ମହିଳା କଲେଜରେ ପୁଲିସ ବିଭାଗ ପକ୍ଷରୁ ଆତ୍ମହତ୍ୟା ପ୍ରତିରୋଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଡିସନାଲ ଏସ୍‌ପି ଅରୂପ ଅଭିଷେକ ବେହେରା ଏହାକୁ ଉଦଘାଟନ କରିଥିଲେ। ଭଦ୍ରକ ବରିଷ୍ଠ ନାଗରିକ ସଂଘର ସଭାପତି ତଥା ସାମାଜିକ କର୍ମୀ ଲଲାଟେନ୍ଦୁ ମହାନ୍ତି କହିଥିଲେ, ଆମ ମଧ୍ୟରେ ଆତ୍ମ ବିଶ୍ୱାସ କମିଯିବା ହେତୁ ମାନସିକ ଭାରସାମ୍ୟ ହରାଇ ମୃତ୍ୟୁର ପଥକୁ ଆପଣାଇ ନେଉଛନ୍ତି। ସେହିପରି ବାସୁଦେବପୁର ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଲୋପାମୁଦ୍ରା ନାୟକ ନିଜର ଅନ୍ତରଙ୍ଗ ତଥ୍ୟ ଅନ୍ୟକୁ ସେୟାର କର ନାହିଁ ବୋଲି ପରାମର୍ଶ ଦେବା ସହ ଆମେ କିଛି ଭଲ କାମକରି ଦେଖାଇବା ବୋଲି ଆହ୍ୱାନ ଦେଇଥିଲେ। ତୃପ୍ତି ମହିଳା କଲେଜ ଅଧ୍ୟକ୍ଷା ଅଳକାନନ୍ଦା ପାଣିଗ୍ରାହୀ ଜୀବନକୁ ଭଲ ପାଆନ୍ତୁ, ପରିବାରକୁ ଭଲ ପାଆନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଥିଲେ, ଠକାମୀର ଶିକାର ନହୋଇ ଆତ୍ମବିଶ୍ୱାସ ସହିତ କାର୍ଯ୍ୟ କଲେ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବ। ଡିଏସପି ଦୀପ୍ତିପ୍ରିୟଦର୍ଶିନୀ ଜେନା, ଏଫସିସି କାଉନସିଲର ସ୍ନେହଲତା ପଣ୍ଡା ଏବଂ ତୃପ୍ତି ମହିଳା କଲେଜ ଛାତ୍ରୀମାନେ ଯୋଗ ଦେଇଥିଲେ।

## ଜିଲ୍ଲା ଅମଲା ସଂଘର ବୈଠକ

ଭଦ୍ରକ, ୨୩।୮ (ସମିସ): ଶନିବାର ଭଦ୍ରକ ଜିଲ୍ଲା ଅମଲା ସଂଘ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବୈଠକ ସ୍ଥାନୀୟ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଅମଳା ସଂଘ ରାଜ୍ୟ ଅଧ୍ୟକ୍ଷ ହୃଦୟ ବିହାରୀମହାପାତ୍ର, ଓଡିଶା ଅମଳା ସଂଘ ରାଜ୍ୟ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ଉପସଭାପତି ବିରଂଚି ନାରାୟଣ ବରାଳ, ସଂଘ ଜିଲ୍ଲା ସଭାପତି ଲଲାଟେନ୍ଦୁ ବେହେରା, ଜିଲ୍ଲା ଉପସଭାପତି ପ୍ରଶାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ ମଲ୍ଲିକ, ଜିଲ୍ଲା ସାଧାରଣ ସମ୍ପାଦକଙ୍କ ଓଡିଶା ରାଜସ୍ୱ ସେବାକୁ ପଦୋନ୍ନତି ପରେ ଉକ୍ତ ପଦ ୨୦୨୪ ମାର୍ଚ୍ଚ ମାସଠାରୁ ଶୂନ୍ୟସ୍ଥାନ ଅଛି। ଉକ୍ତ ବିଷୟକୁ ବିଚାର କରାଯାଇ ମଧ୍ୟବର୍ତ୍ତୀକାଳୀନ ଭାବେ ଗଦାଧର ମହାପାତ୍ରଙ୍କୁ ସାଧାରଣ ସମ୍ପାଦକ ଭାବେ ଆଗାମୀ ଜିଲ୍ଲା ସମ୍ମିଳନୀ ପର୍ଯ୍ୟନ୍ତ ଦାୟିତ୍ୱ ପରିଚାଳନା କରିବେ। ଉକ୍ତ ନିଯୁକ୍ତି ରାଜ୍ୟ ସଂଘ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିସହିତ ଜିଲ୍ଲା ଅମଲାଙ୍କ ଲେଭେଲ ୯ ନିମନ୍ତେ ଯଥାସାଧ୍ୟ ପ୍ରଚେଷ୍ଟା କାରିବାକୁ ରାଜ୍ୟ ସଂଘ କାର୍ଯ୍ୟରତ ଅଛି। ଏହାକୁ ଫଳପ୍ରସୂ କରିବାକୁ, ସ୍ୱାସ୍ଥ୍ୟ ବୀମା ଲାଗୁକରିବା ଓ ପୁରୁଣା ପେନସନ ନିମନ୍ତେ ଓଡିଶା ସରକାରଙ୍କ ଉପରେ ଚାପ ପ୍ରୟୋଗ ନିମନ୍ତେ ସମସ୍ତ ବିଭାଗର ଅମଲା ଏକତ୍ରୀତ ହେବାକୁ ଆହ୍ୱାନ ଦିଆଯାଇଛି।

## କାଡ଼ା ନାଳକୁ ନେଇ ସମସ୍ୟା; ଚାଷଜମି ଜଳମଗ୍ନ



ବନ୍ତ/ଆଗରପଡ଼ା, ୨୩।୮ (ସମିସ): ଜଳ ନିଷ୍କାସନ ନହେବାରୁ ଏକର ଏକର ଚାଷ ଜମି ଜଳମଗ୍ନ ହୋଇଛି। ବନ୍ତ ତହସିଲ ଅନ୍ତର୍ଗତ କୁମ୍ଭକରାଳ ଗାଁର ଏକର ଏକର ଚାଷ ଜମି ଜଳମଗ୍ନ ହୋଇଯାଇଥିବା ବେଳେ ଶତାଧିକ ଚାଷୀଙ୍କର ବର୍ଷକର ଆହାର ଗୋଟିଏ ପ୍ରକାର ଉଜୁଡ଼ି ଯାଇଛି। ୨୦୨୩ରୁ ଅଦ୍ୟାବଧି ଚାଷୀମାନେ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଏସଂପର୍କରେ ଲିଖିତ ଭାବରେ ଅଭିଯୋଗ କରିଥିଲା ବେଳେ କୌଣସି ଅଧିକାରୀ ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱାରୋପ ନଦେଇ ଚାଷୀଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଚାଷୀଙ୍କ ସମସ୍ୟା ଜଟିଳ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଜମିରେ କାଡ଼ା ବିଭାଗ ଓ ପାଣି ପଂଚାୟତ ପକ୍ଷରୁ କାଡ଼ା ନାଳ ସଫା ନହେବା ଦ୍ୱାରା ଏପରି ପରିସ୍ଥିତି ଉପୁଜିଛି। ଉପରମୁଣ୍ଡର ହାଟଡିହି, ମରେଇଗାଁ, ବସନ୍ତିଆ, ଓରାଳି, ଧନୀଓଝା ଏବଂ ବନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ସନ୍ନିକଟ ନାଳ ସହ ସମସ୍ତ ଉପରମୁଣ୍ଡର ପାଣି ଆସି ଏଠାରେ ଜମା ହେଉଛି, ମାତ୍ର ଏହିଠାରୁ ନିଷ୍କାସନର କୌଣସି ସୁବ୍ୟବସ୍ଥା ନଥିବାରୁ ଚାଷୀ ମାନେ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତି ପୂରଣ ଦାବି କରିବା ସହ ନିଷ୍କାସନ ନହୋଇ ପଡ଼ି ରହିଥିବା କାଡ଼ା ନାଳକୁ ତୁରନ୍ତ ସଫା କରିବାକୁ ପଂଚାନନ ସେଠୀ, ପର୍ଶୁରାମ ସ୍ୱାଇଁ, ବିନୋଦ ବିହାରୀ ସେଠୀ, ରଞ୍ଜନ ରାଉତ୍, ଗୋପବନ୍ଧୁ ସେଠୀ, ରବୀନ୍ଦ୍ର ରାଉତ୍, ନାରାୟଣଚନ୍ଦ୍ର ଜେନା, ବିଦ୍ୟାଧର ରାଉତ, ଭଗବାନ ପଣ୍ଡା, ହରିହର ସ୍ୱାଇଁ, ପାଗୁଲୁ ପଣ୍ଡା, ନାରାୟଣଚନ୍ଦ୍ର ପରିଡ଼ାଙ୍କ ସହ ଶତାଧିକ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।

## ଭାରତୀୟ ଚିକିତ୍ସକ ସଂଘ ବୈଠକ

ଭଦ୍ରକ, ୨୩।୮ (ସମିସ): ଭାରତୀୟ ଚିକିତ୍ସକ ସଂଘ ଭଦ୍ରକ ଶାଖାର ଏକ ସ୍ୱତନ୍ତ୍ର ବୈଠକ ଓରିଅନ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଭେଷଜ ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଡାକ୍ତର ନାୟକଙ୍କୁ ଭଦ୍ରକ ବାସୀ, ସାମାଜିକ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ଦିଆଯାଇଥିବା ନାଗରିକ ସମ୍ମାନ ସମ୍ବର୍ଦ୍ଧନାକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ଦ୍ୱିତୀୟ ପ୍ରସ୍ତାବରେ ସଂଘର ଉପଦେଷ୍ଟା ତଥା ବରିଷ୍ଠ ଡାକ୍ତର ହରେକୃଷ୍ଣ ନାୟକଙ୍କୁ ଭାରତୀୟ ଚିକିତ୍ସକ ସଂଘର ଆଗାମୀ ନିର୍ବାଚନରେ ରାଜ୍ୟ ସଭାପତି ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ତୃତୀୟରେ ସଂଘର ଏକ ସଭାଗୃହ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାରେ ବରିଷ୍ଠ ଡାକ୍ତର ସୁଧୀରଂଜନ ନାୟକ, ଡାକ୍ତର ପ୍ରଫୁଲ୍ଲ ନନ୍ଦ, ଡାକ୍ତର ତ୍ରିନାଥ ପଣ୍ଡା, ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଡାକ୍ତର ପ୍ରଦୀପ ନାୟକ, ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ, ଡାକ୍ତର ଶତ୍ରୁଘ୍ନ ହାତୀ, ଡାକ୍ତର ଧନଞ୍ଜୟ ପଣ୍ଡା, ଡାକ୍ତର ରଣଜିତ ଖଟୁଆ ଓ ଡାକ୍ତର ଦେବରାଜ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରମିକ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



ବାରିକପୁର, ୨୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଛକଠାରେ ସର୍ବଭାରତୀୟ ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧଦିବସ ଉପଲକ୍ଷେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରତାପ ପଣ୍ଡା ସ୍ମୃତି ସଂସଦ ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଜେପି ଜିଲ୍ଲା ସଭାପତି ଅକ୍ଷୟ କୁମାର ସାହୁ, ବଦ୍ରିନାରାୟଣ ଧଳ, ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ, ଶ୍ରମିକ ନେତା ଶାନ୍ତନୁ ମହାପାତ୍ର ପ୍ରମୁଖ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ଡ. ରବିନାରାୟଣ ପଣ୍ଡା, ମୁକ୍ତିକାନ୍ତ ସାହୁ, ବିଜୟ ମିଶ୍ରଙ୍କ ସମେତ ଉପସ୍ଥିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶଙ୍କର ପ୍ରସାଦ ଦାସଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ



ଅସୁରାଳି, ୨୩।୮ (ସମିସ): ଗୋବିନ୍ଦପୁର ଅଞ୍ଚଳର ଗରିବ ଦୁଃଖୀ ଜନମାନଙ୍କ ମଧ୍ୟରେ ନିଃସ୍ୱାର୍ଥ ସେବକ ଶଙ୍କର ପ୍ରସାଦ ଦାସଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ହୃଦାନନ୍ଦ ପାଠାଗାର, ଧୂଷୁରୀରେ ଅନୁଷ୍ଠିତ ହୋଇଥିଲା।

ସଭାର ଅଧ୍ୟକ୍ଷତା କରିଥିଲେ ଅନୁଷ୍ଠାନର ସମ୍ପାଦକ ଦୀପ୍ତିରଞ୍ଜନ ନାୟକ। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଧୂଷୁରୀ ଜୋନର ଜିଲ୍ଲା ପରିଷଦସଭ୍ୟ ପ୍ରଦୀପ ମଲ୍ଲିକ। ଅସୁରାଳି ଜୋନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ସାହୁ, ଅର୍ଜୁନପୁର ସମିତିସଭ୍ୟ ବିଦ୍ୟାଧର ରାଉତ, କୋରୁଆ ଗୋବିନ୍ଦପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ପ୍ରବଚକ ସୁବାସଚନ୍ଦ୍ର ନାୟକ, ଧୂଷୁରୀ ପ୍ରେସ ୟୁନିଅନର କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ପଣ୍ଡିତ ଦୟାନିଧି ମିଶ୍ର, ଅଧ୍ୟାପକ ଶ୍ରୀଧର ସାହୁ, ଅନୁକମ୍ପା ମହିଳା ସଂଗଠନ ଉପସଭାପତି ବିମଳା ନାଥ, ଅବସର ପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର ବେହୁରୀଆ, କବି ଉଦୟ କର ଦାସ, ସମାଜସେବୀ ଦୁଃଶାସନ ଖଟୁଆ, ଗୁରୁଜୀ ରମାପଦ ରଣା, ଗୁରୁମା କଳ୍ପନା ଦେବତା, ସପରଞ୍ଚ ଅଜୟ ମଲ୍ଲିକ, ସମାଜସେବୀ ସନ୍ତୋଷ ରାୟ, ଗାୟକ ଶରତ ସୁତାର, ଗାୟକ ଉପେନ୍ଦ୍ର ଦାସ, ଗାୟିକା ମାମିନା ବେହେରା ପ୍ରମୁଖ ସମ୍ମାନିତ ଅତିଥି ସ୍ମୃତିଚାରଣ କରିଥିଲେ। ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ସଙ୍ଗୀତ ଗାନ କରିଥିଲେ। ଆବାହକ ସନ୍ତୋଷ ଦାସ ଅତିଥିମାନଙ୍କ ପରିଚୟ ଦେଇଥିଲେ। ଏହି ଅବସରରେ ନିଃଶୁଳ୍କ ଚିକିତ୍ସା ସେବା ମାଧ୍ୟମରେ ଧୂଷୁରୀ ଅଞ୍ଚଳର ବହୁ ଦୁସ୍ଥ, ଦରିଦ୍ରଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ରତିକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ଭୂତ କୋଠି ପାଲଟିଛି ବନ୍ୟା ସୂଚନା କେନ୍ଦ୍ର





ବାରିକପୁର, ୨୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବୈତରଣୀ ନଦୀର ଆଖୁଆପଦା ଆନିକଟଠାରେ ଥିବା ବନ୍ୟା ସୂଚନା କେନ୍ଦ୍ର ଦୀର୍ଘ ବର୍ଷ ଧରି ଭୂତ କୋଠିରେ ପରିଣତ ହୋଇଛି। ଏଠାରେ କେବଳ କେନ୍ଦ୍ର ଜଳ ଆୟୋଗ ଦ୍ୱାରା ପରିଚାଳିତ ଗୋଟିଏ କାର୍ଯ୍ୟାଳୟ ରହିଥିବା ବେଳେ ତାହା ଯଥେଷ୍ଟେ ବର୍ଷା ସମ୍ପର୍କରେ ସୂଚନା ଦେଉଥିବା ଜଣାପଡିଛି। ଚାରି ଜଣ ଜାଗାରେ ଜଣେ ମାତ୍ର ଅଣଓଡ଼ିଆ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟାଳୟଟି ଚାଲିଛି। ଉକ୍ତ କାର୍ଯ୍ୟାଳୟକୁ ଲାଗି ବନ୍ୟା ସୂଚନା କେନ୍ଦ୍ର ରହିଥିବା ବେଳେ ତାହା ଅନେକ ବର୍ଷ ଧରି ଅଚଳାବସ୍ଥାରେ ପଡି ରହିଛି। କାର୍ଯ୍ୟାଳୟ ପରିସର ଏକପ୍ରକାର ଜଙ୍ଗଲରେ ପରିଣତ ହୋଇଥିବା ବେଳେ ଗୃହଗୁଡ଼ିକରେ ବିଷଧର ସରୀସୃପ ବାସ କରୁଛନ୍ତି। ଏଠାରେ ଥିବା ଅନେକ ଯନ୍ତ୍ରାଂଶ ନଷ୍ଟ ହୋଇଥିବା ସ୍ଥଳେ କେତେକ ଅଚଳ ହୋଇଯାଇଛି। ଆନିକଟଠାରେ କର୍ମଚାରୀ ବିହୀନ କେବଳ ସୂଚନା ପ୍ରଦାନକାରୀ ଯନ୍ତ୍ର ହିଁ ଦଣ୍ଡାୟମାନ ରହିଛି। ଏପଟେ ନଦୀର ଉପରମୁଣ୍ଡରେ ଥିବା କେତେକ ବନ୍ୟା ଓ ବର୍ଷା ସୂଚନା କେନ୍ଦ୍ର ମଧ୍ୟ କେବେଠାରୁ ବନ୍ଦ ହୋଇ ଗଲାଣି। ସୂଚନା ମୁତାବକ କେନ୍ଦୁଝରେ, ଠାକୁର ମୁଣ୍ଡା, ବିରିଡି ପ୍ରମୁଖ ସ୍ଥାନରେ ଥିବା ସୂଚନା କେନ୍ଦ୍ରରୁ ବୈତରଣୀ ବନ୍ୟା ସମ୍ପର୍କିତ ସୂଚନା ଆଉ ମିଳୁନାହିଁ। ମୋଟାମୋଟି ଭାବେ କେନ୍ଦ୍ର ଓ ରାଜ୍ୟ ସହଭାଗିତାରେ ନିର୍ମିତ ହୋଇଥିବା ସୂଚନା କେନ୍ଦ୍ରଗୁଡିକ ପର୍ଯ୍ୟାୟକ୍ରମେ ସ୍ଥାଣୁ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ବନ୍ୟା ଓ ବନ୍ୟା ନେଇ ସବିଶେଷ ତଥ୍ୟ ସଂଗ୍ରହ କରିବା ଦିନକୁ ଦିନ କଷ୍ଟକର ହୋଇପଡୁଛି। ବିଶେଷ କରି ନଦୀ ପାର୍ଶ୍ୱବର୍ତ୍ତୀ ସମ୍ଭାବ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳର ହଜାର ହଜାର ଲୋକ ସଠିକ ସମୟରେ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି।

**ଖବର ପ୍ରକାଶ ପରେବି କାର୍ଯ୍ୟାନୁଷ୍ଠାନ ଶୂନ**

## ଶୁଖିଲା ଗଛ ଡ଼ାଳ ଭାଙ୍ଗି ତଳେ ପଡ଼ିଲା



ବନ୍ତ/ଆଗରପଡ଼ା, ୨୩।୮ (ସମିସ): ଆଗରପଡ଼ା ମୁଖ୍ୟ ବଜାର ଅଞ୍ଚଳରେ ଥିବା ପୁରୁଣା ଶୁଖିଲା ଗଛ ଡ଼ାଳ ଝୁଲି ରହିବା ଫଳରେ ଲୋକେ ଭୟଭୀତ ଅବସ୍ଥାରେ ଚଳପ୍ରଚଳ କରୁଛନ୍ତି। ସାମାନ୍ୟ ପବନ ହେଲେ ଏହି ଶୁଖିଲା ଡ଼ାଳ ଖସି ପଡ଼ି ଲୋକେ ଖଣ୍ଡିଆ ଖାବରା ହେବାସହ ଯାଆଆସ କରୁଥିବା ଯାନବାହାନ ନଷ୍ଟ ହେଉଛି। ଏହିପରି ଘଟଣାର ଅନେକ ନଜିର ରହିଛି। ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜିଯାଏ ଏହାର କୌଣସି ପ୍ରତିକାର କରାଯାଇପାରିନାହିଁ। ବିଭିନ୍ନ ସ୍ଥାନକୁ ଯିବା ପାଇଁ ଉକ୍ତ ଛକ ଅଞ୍ଚଳରେ ବହୁ ଲୋକଙ୍କ ସମାଗମ ହୋଇଥାଏ। କୌଣସିବଡ଼ ବିପଦ ଘଟିବା ପୂର୍ବରୁ ଶୁଖିଲା ଗଛ ଡ଼ାଳ ପରିଷ୍କାର କରିବାକୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ପ୍ରକାଶକୁ ଇତିମଧ୍ୟରେ ଏକ ମାସ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ଶୁଖିଲା ଡ଼ାଳଗୁଡ଼ିକ ଗଛରୁ ଖସି ତଳେ ପଡୁଛି। କୌଣସି କିଛି କ୍ଷତି ଘଟିନାହିଁ। କିଛି କ୍ଷତି ଘଟିବା ଆଗରୁ ବିଭାଗ ପକ୍ଷରୁ ଶୁଖିଲା ଗଛ ଡ଼ାଳକୁ କାଟି ସଫା କରିବା ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଟ୍ରାଫିକ୍ ସମସ୍ୟା ପାଇଁ ଉଠା ଦୋକାନୀଙ୍କ ଉପରେ ଦାଉ

ବାସୁଦେବପୁର, ୨୩।୮ (ସମିସ):

ବାସୁଦେବପୁର ସହରର ଟ୍ରାଫିକ ସମସ୍ୟାର ସୁଧାର ପାଇଁ ପୌର ପ୍ରଶାସନ ଉଠା ଦୋକାନୀଙ୍କ ଉପରେ ଦାଉ ସାଜିଛି। ଏହି ସମ୍ବେଦନଶୀଳ ରାସ୍ତା ଉପରେ ଗାଡି ମଟର ଓ ଭାରିଯାନ ପାର୍କିଂ କରି ରଖିବା ଫଳରେ ଟ୍ରାଫିକ ସମସ୍ୟା ଗୁରୁତର ଭାବେ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି। ଏମିତିକି, ଟ୍ରାଫିକ ସମସ୍ୟା କିପରି ଭାବେ ଦୂର କରିବା ଆଉ ଦୁର୍ଘଟଣାକୁ ରୋକିବାରେ ସହାୟକ ହେବ ତାହା ଏବେ ବିଭିନ୍ନ ମହଲରେ ସ୍ୱର ଉଠିବାରେ ଲାଗିଛି। ବାସୁଦେବପୁର-ଧାମରା ରାସ୍ତାର ସହରର ମଧ୍ୟରେ ରାସ୍ତାର ଦୁଇ ପାର୍ଶ୍ୱରେ ବର୍ଷ ବର୍ଷ ଧରି ରାସ୍ତା ଶେଷରେ ନିର୍ମିତ ଡ୍ରେନ ଓ ଫୁଟପାଥରେ ଲୋକମାନେ ଅସ୍ଥାୟୀ ଭାବେ ପେଟ ପାଟଣା କରି ଆସୁଥିଲେ। ମାତ୍ର ସହର ଜାମ ରହିବା ଓ ଟ୍ରାଫିକ ସମସ୍ୟା ପାଇଁ ଧାମରାକୁ ଯାତାୟତ କରୁଥିବା ଭାରିଯାନ ଦ୍ୱାରା ବାରମ୍ବାର ଦୁର୍ଘଟଣା ମାନ ଲାଗି ରହୁଥିଲା। ଏହି ଦିଗରେ ବାରମ୍ବାର ପ୍ରଶାସନ ନିକଟରେ ଲୋକମାନଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ହେଲେ ଟ୍ରାଫିକ ସମସ୍ୟା କାହିଁକି ହେଉଛି ତାର ପୁଙ୍ଖାନୁପୁଙ୍ଖ ତର୍ଜମା ନକରି ଦୋକାନୀଙ୍କ ଉପରେ ହଟାତ ଉଚ୍ଛେଦ କରିବା ପାଇଁ ପାଗ ଭିଡିଥିଲା ପୌର ପ୍ରଶାସନ। ଯାହାଫଳରେ ଜୀବନ ଜୀବିକା ହରାଇ ଶତାଧିକ ଛୋଟ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ବିଶେଷ ଭାବେ ସ୍ଥାନୀୟ ସହରର ଡାକ୍ତରଖାନା ଛକରେ ରାସ୍ତା ଉପରେ ଜଣେ ବ୍ୟକ୍ତିଗତ ମାଲିକାନାରେ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଲୋକମାନେ ସିଧାସଳଖ ବାଇକ କାର ରଖି ମାର୍କେଟିଂ କରିବା କାରଣରୁ ବଡ ଚିନ୍ତାର କାରଣ ପାଲଟିଛି। ତାଛଡା ପୌରପ୍ରଶାସନ ଯେମିତି ଅମାନବୀୟ ଭାବେ ଗରିବ ବ୍ୟବସାୟୀମାନଙ୍କ ଉପରେ ଦାଉ ସାଜି ସେମାନଙ୍କ ଆର୍ଥିକ ବ୍ୟବସ୍ଥାକୁ ସଙ୍କଟ ମଧ୍ୟକୁ ଠେଲିଦେଲା ବାସ୍ତବରେ କଣ ଟ୍ରାଫିକ ସମସ୍ୟା ଦୂର ହୋଇ ପାରିଲା କି ବୋଲି ଅନେକ ସ୍ୱର ଉଠାଇଛନ୍ତି। ହେଲେ ରାସ୍ତା ପାର୍ଶ୍ୱରେ ଅବସ୍ଥାପିତ କେତେକ ବଡ ବଡ ବ୍ୟବସାୟୀ ବିଚ ରାସ୍ତା ଉପରେ ବଡ ବଡ ଦିନ ଦିନ ଟ୍ରକ ଛିଡା କରି ମାଲ ଲୋଡ ଅନଲୋଡ କରୁଥିବା ଘଟଣା କଣ ପ୍ରଶାସନ ନଜରରେ ପଡୁ ନାହିଁକି ବୋଲି ପ୍ରଶ୍ନ ଉଠିଛି। ସହରର ଅଟଳ ବିହାରୀ ହାଇସ୍କୁଲ ମାର୍ଗ ନିକଟରୁ ଡାକ୍ତରଖାନା ଓ ଡାକ୍ତରଖାନା ସମ୍ମୁଖ ମଧ୍ୟଦେଇ କଲେଜ ଛକ ପର୍ଯ୍ୟନ୍ତ ଶତାଧିକ ଅସ୍ଥାୟୀ ଦୋକାନୀଙ୍କୁ ଅମାନବୀୟ ଭାବେ ଜେସିବି ଲଗାଇ ଉଚ୍ଛେଦ କରିଥିବା ଦେଖିବାକୁ ମିଳିଥିଲା। ତେବେ ଉଚ୍ଛେଦ ପୂର୍ବରୁ କାହିଁକି ଥଇଥାନ କରା ନଗଲା ଅସହାୟ ଛୋଟ ବ୍ୟବସାୟୀମାନେ ପ୍ରଶ୍ନ ଉଠାଇଥିଲେ। ପ୍ରଶାସନ ସହରର କେତେକାଂଶରେ ମାର୍କେଟ କମ୍ପ୍ଲେକ୍ସ କରିଥିଲେ ବି ସିଧାସଳଖ ଦୋକାନ ଘରଗୁଡିକୁ ରାଜନେତା ଓ ଥଳିବାଲାଙ୍କ ହାତକୁ ଟେକି ଦେଇଥିବା ଘଟଣାକୁ କେତେକ ଗରିବ ବ୍ୟବସାୟୀମାନେ ସ୍ୱର ଉଠାଇଛନ୍ତି। ଆଉ ଆଗାମୀ ଦିନରେ ଯେଉଁ ବଜାର ନିର୍ମାଣ ହେବ ତାକୁ ମଧ୍ୟ ଯିଏ କ୍ଷମତାଶାଳୀ ଲୋକ ହାତେଇ ନେବେ ବୋଲି ମଧ୍ୟ ଅଭିଯୋଗ ବାଢିଛନ୍ତି।

## ବନ୍ୟାର ସ୍ଥାୟୀ ପ୍ରତିକାର ଦାବି



ଅସୁରାଳି, ୨୩।୮ (ସମିସ): ଧାମନଗର ବ୍ଲକ ଧୂଷୁରୀଠାରେ ଥିବା ହୃଦାନନ୍ଦ ପାଠାଗାରରେ ସ୍ଥାନୀୟଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଶନିବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଧାମନଗର ବ୍ଲକରେ ବନ୍ୟାର ସ୍ଥାୟୀ ପ୍ରତିକାର ଦାବି ନେଇ ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜିତ ହୋଇଥିଲା। ୫୦ ବର୍ଷ ଧରି ବୈତରଣୀ ନଦୀରେ ଭୀମକୁଣ୍ଡ ଯୋଜନା କାର୍ଯ୍ୟକାରୀ ନହେବା, ବୈତରଣୀ ନଦୀର ଉତ୍ତର ପାର୍ଶ୍ୱ, କୋଚିଲା, ଗେଙ୍ଗୁଟି ନଦୀର ଉଭୟ ପାର୍ଶ୍ୱ ବନ୍ଧକୁ କ୍ୟାପିଟାଲ ଏମ୍ବାକମେଣ୍ଟ କରାଯାଇ ବନ୍ୟା ନିୟନ୍ତ୍ରଣ କରାଯିବା, ଗାନ୍ଧୀଘାଟ ଶାସନଠାରେ ଘେରିବନ୍ଧ ପ୍ରତିଷ୍ଠା କରାଯାଇ ସ୍ଲୁଇଚଗେଟ ନିର୍ମାଣ କରିବା, ଆଖୁଆପଦାଠାରୁ ତିନିତର ଘାଟ ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢୀକରଣ କରାଯାଇ ତଳିଆ ଅଞ୍ଚଳରେ ବନ୍ଧର ଉଚ୍ଚତା ୬୦ ଫୁଟ ଓ ଉପର ଅଞ୍ଚଳରେ ୧୫ ଫୁଟ ପ୍ରଶସ୍ତ କରାଯିବା, ଉକ୍ତ ନଦୀଗୁଡିକର ବନ୍ଧକୁ ଜଳସେଚନ ବିଭାଗରୁ ବାଦଦେଇ ଆରଏଣ୍ଡବି ବିଭାଗକୁ ହସ୍ତାନ୍ତର କରିବା, ନଦୀକୂଳରେ ବାସ କରୁଥିବା ଲୋକଙ୍କର ଘର, ଘରବାଡି, ଚାଷଜମିକୁ ଅଧିଗ୍ରହଣ କରିବା ସହ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦିଆଯିବା ଆଦି ଦାବି ଉପସ୍ଥାପନ କରିଥିଲେ। ସାମାଜିକ କର୍ମୀ ନାରାୟଣ ଚନ୍ଦ୍ରପାତ୍ରୀ, ବରିଷ୍ଠ ଆଇନଜୀବୀ ଶଶୀଭୂଷଣ ପଣ୍ଡା, ଡା. ବିଦ୍ୟାଧର ଜେନା, ପରମାନନ୍ଦ ସାଏନ୍ତ ପ୍ରମୁଖ ୫୦ରୁ ଅଧିକ ଉପସ୍ଥିତ ଥିଲେ।

### ଉତ୍ତମ ସ୍ୱାସ୍ଥ୍ୟସେବା ଦାବିରେ ସରିଲା ଗଣଧାରଣା

# ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ ପାଇଁ ଆହ୍ୱାନ

ବାଲେଶ୍ୱର,୨୩।୮ (ସମିସ)







ଜିଲ୍ଲାବାସୀଙ୍କୁ ମିଳୁନି ଉତ୍ତମ ସ୍ୱାସ୍ଥ୍ୟସେବା। ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଏବଂ ଭିତ୍ତିଭୂମି ଦାବିରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସପ୍ତାହ ବ୍ୟାପୀ ଚାଲିଥିବା ଗଣଧାରଣା ଶେଷରେ ସମାପ୍ତ ହୋଇଛି। ଜିଲ୍ଲାରେ ଥିବା ଫକୀରମୋହନ ମେଡିକାଲ୍ କଲେଜ୍, ଏମ୍ସ ସାଟେଲାଇଟ୍ ସେଣ୍ଟର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦାବିରେ ଚଳିତ ମାସ ୧୮ ତାରିଖରୁ ବାଲେଶ୍ୱର ମେଡ଼ିକାଲ୍ କଲେଜ୍ ଓ ହସପିଟାଲ୍ କ୍ରିୟାନୁଷ୍ଠାନ କମିଟି ସମେତ ବିଭିନ୍ନ ସାମାଜିକ-ସାଂସ୍କୃତିକ ଓ ଗଣସଂଗଠନମାନଙ୍କ ପକ୍ଷରୁ ଗଣଧାରଣା ଚାଲିଥିଲା। ସପ୍ତାହବ୍ୟାପୀ ଏହି ଗଣତାନ୍ତ୍ରିକ ଆନ୍ଦୋଳନରେ ଜିଲ୍ଲାର ପ୍ରାୟ ୩୫ଟି ସଂଗଠନ ଯୋଗଦେଇ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ତିମ ଦିନରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଜରିଆରେ ୧୭ଟି ସଂଗଠନ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଗଣଧାରଣା ସ୍ଥଳରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିୟୁଏସିସି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଧାଂଶୁ ଶେଖର ପରିଡ଼ା, ସୁକାନ୍ତ ନାୟକ ଓ ସ୍ୱରୂପ ଦାସଙ୍କ ସମେତ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଗୌତମବୁଦ୍ଧ ଦାସ, କବି ଡ. କାଳୀପଦ ପଣ୍ଡା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବନେତା ବିକ୍ରମ ପଣ୍ଡା, କାଞ୍ଚନବାଳା ପାତ୍ର, ଶିଶିର ହୁଇ, ଗୋବିନ୍ଦ ପଟ୍ଟନାୟକ, ଗୀତାଞ୍ଜଳି ସିଂହ, ସାମାଜିକ କର୍ମୀ ଅରୁଣ ଜେନା, ଆଇନଜୀବୀ ମନୋଜ ନାୟକ, ବସନ୍ତଲତା ପଟ୍ଟନାୟକ, ଉର୍ମିଳା ମାଝୀ, ପ୍ରଜ୍ଞା ବିଶ୍ୱାଳ, ପ୍ରଫେସର ଅନନ୍ତ ପ୍ରଧାନ, ବିଟିସିସି ପକ୍ଷରୁ ନରେନ୍ଦ୍ର ବିହାରୀ ଦାସ, ଓକିଲ ସଂଘ ସଂପାଦକ ସଂବିତ ନନ୍ଦୀ, ସୁକାନ୍ତି ଦେବଗୋସ୍ୱାମୀ, କୁମୁଦ ରଞ୍ଜନ ଗିରି, ପ୍ରତିମା ପଣ୍ଡା, ପ୍ରେମରଞ୍ଜନ ପାତ୍ର, ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଦାମୋଦର ନାୟକ, ବେଣୁଧର ବାରିକ, ନାରୀନେତ୍ରୀ ମମତା ଦାସ, ଭାରତୀ ପଣ୍ଡା, ସରସ୍ୱତୀ ପଣ୍ଡା, ମୀନା ବିଶ୍ୱାଳ, ବନ୍ଦନା ପାଲ୍, ବନ୍ଦନା ପାତ୍ର, ମିନତୀ ବେହେରା, କଲ୍ୟାଣୀ ନନ୍ଦ ଏବଂ ଜିଲ୍ଲା କ୍ରିୟାନୁଷ୍ଠାନ ପକ୍ଷରୁ ଉପସଭାପତି ନିରଞ୍ଜନ ରାଉତ, ସଂପାଦକ ପ୍ରଦୀପ ଦାସ, ପ୍ରଫୁଲ୍ଲ ଦାସ, ଶ୍ୟାମସୁନ୍ଦର ଜେନା, ଯତୀନ୍ ପାତ୍ର ପ୍ରମୁଖ ଆଗତ ୧୮ ଦଫା ଦାବିର ଯଥାର୍ଥତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟସେବା ସଂପର୍କିତ ୧୮ ଦଫା ଦାବିଗୁଡ଼ିକ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନ ହେଲେ ବିଧାନସଭାର ଶୀତକାଳୀନ ଅଧିବେଶନ ସମୟରେ ଭୁବନେଶ୍ୱରଠାରେ ଜନ ସମାବେଶ ଓ ଆସନ୍ତା ଦୁର୍ଗାପୂଜା ପରେ ଜିଲ୍ଲାର ବ୍ଲକ୍‌ସ୍ତରୀୟ ଆନ୍ଦୋଳନ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରସ୍ତାବ ଆଗତ କରିଥିଲେ। ଏ ପ୍ରସ୍ତାବ ସଂପର୍କରେ ଜିଲ୍ଲା କମିଟି ପକ୍ଷରୁ ଆସନ୍ତା ବୈଠକରେ ସବିଶେଷ ନିଷ୍ପତ୍ତି ନିଆଯିବାକୁ ସ୍ଥିର ହୋଇଛି। କ୍ରିୟାନୁଷ୍ଠାନ କମିଟି ସଭାପତି ଡ. ଇଞ୍ଜିନିୟର ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ।

## ସାନତେଘରୀରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସମାରୋହ ଉଦ୍‌ଯାପିତ



ଭୋଗରାଇ,୨୩।୮ (ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ସାନତେଘରୀ ଗ୍ରାମର ଶ୍ରୀକୃଷ୍ଣ ମଇଦାନରେ ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଆୟୋଜିତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଶନିବାର ଉଦଘାଟିତ ହୋଇଥିଲା ବେଳେ ଶୁକ୍ରବାର ଏହା ଉଦଯାପିତ ହୋଇଯାଇଛି। ଏହି ଉଦଯାପିତ ସଂଘର ସମ୍ପାଦକ ଝାଡେଶ୍ୱର ସାହୁ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସାମ୍ବାଦିକ ଶରୀତ ସପନ ପଣ୍ଡା, ମୁଖ୍ୟବକ୍ତା 'ସକାଳ'ର ଭୋଗରାଇ ପ୍ରତିନିଧି ଦିଲ୍ଲୀପ କୁମାର ଦାସ ମଣିଷ ଭିତରେ ଯେଉଁ ଶକ୍ତି ଅଛି ତାହା ଭଗବାନଙ୍କ ଦ୍ୱାରା ପେରିତ ହୋଇଥାଏ, ସମ୍ମାନିତ ଅତିଥି ଗାୟକ କଳାକାର ସଂଜୀବ ଦାସ ଏବଂ ଯୁବକ ସଂଘର ସଭାପତି ସୁଶାନ୍ତ ପାତ୍ର ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତି ନୃତ୍ୟଶିଳ୍ପୀ ଅନନ୍ୟା ଗିରିଙ୍କୁ ପ୍ରଥମ ପୁରସ୍କାର ଦିଆଯାଇଥିଲା ବେଳେ କ୍ରମାନ୍ୱୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫିକ ସହ ମାନପତ୍ର ପ୍ରଦାନ କରାଯାଇଥିଲା। କମିଟିର ସଦସ୍ୟ ଚନ୍ଦନ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିବଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟିର ଉପଦେଷ୍ଟା ଦୀପକ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ରାଧାକୃଷ୍ଣ ଯୁବକ ସଂଘର ଉପସଭାପତି ଦେବବ୍ରତ ମହିଶାଳ, ସହସମ୍ପାଦକ ଅଜିତ ସାହୁ, କୋଷାଧ୍ୟକ୍ଷ ଅଜିତ ପାତ୍ର, ତାରାପଦ ପାତ୍ର, ରଣଜିତ୍ ପାତ୍ର, ଶମ୍ଭୁନାଥ ସାହୁ, ନକୁଳ ସାହୁ, ମନ୍ମଥ ଦାସମହାପାତ୍ର, ସୁରେଶ ପାତ୍ର, ଗୋବିନ୍ଦ ପାତ୍ର, ଆଲୋକ ପାତ୍ର, ରାକେଶ ପାତ୍ର, ସୁମନ୍ତ ପାତ୍ର, ବିପୁଲ ଗିରି, ପ୍ରଭାତ ସାହୁ, ସତ୍ୟଗୋପାଲ ପାତ୍ର ବିବେକାନନ୍ଦ ମହାନ୍ତି, ପ୍ରଭାକର ଗିରି, ବିମଳ ସାମନ୍ତ, ସୁଜିତ ଜେନା, ଅଭିଷେକ ପାତ୍ର,ଅଜୟ ପାତ୍ର, ବିଶ୍ୱଜିତ ପାତ୍ର, କ୍ରୀଷ୍ଣା ଦାସ, ଧନଞ୍ଜୟ ଦାସ, ଗୋବିନ୍ଦ ସାହୁ, ଶିବଶଙ୍କର ପାତ୍ର, ହରେନ୍ଦ୍ର ପାତ୍ର, ରଣଜିତ୍ ପାତ୍ର, ସପନ ସାହୁ, ସମୀତ ଜେନା, କମଳଲୋଚନ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ବସ୍ତା ବିଧାୟିକାଙ୍କୁ ସମସ୍ୟା ଜଣାଇଲେ କନିଷ୍ଠ ଶିକ୍ଷକ



କାଳିପଦା, ୨୩।୮ (ସମିସ): ବାଲିଆପାଳ ଓ ବସ୍ତା ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନେ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ତାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟିକା ଜେନା କନିଷ୍ଠ ଶିକ୍ଷକମାନଙ୍କର ସମସ୍ୟା ବାବଦରେ ସରକାରଙ୍କ ସହ ଆଲୋଚନା କରିବା ସହିତ ତାହାର ସମାଧାନ ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟ ଦାବି ଗୁଡିକ ହେଉଛି ବିଦ୍ୟାଳୟ ଗୁଡିକରେ ନିୟମିତ ଶିକ୍ଷକ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଯୋଜନା ଭିତ୍ତିକ ଶିକ୍ଷକ ନିଯୁକ୍ତିର କଳା ପ୍ରଥାକୁ ଉଚ୍ଛେଦ କରାଯିବା , କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ବିଧାନ ସଭା କମିଟିର ସୁପାରିସ ଓ ଚିଠିକୁ କାର୍ଯ୍ୟକାରୀ କରିବା। ଗୌରାଙ୍ଗ ସାହୁ, ମଦନ ମୋହନ ନାୟକ, ରବି ନାରାୟଣ ମିଶ୍ର, ଧନଞ୍ଜୟ ଦାସ, ଏକ କେ ରାହୁଲ୍ଲ, ସଞ୍ଚିତା ରାଉତ, ଫତେମା ଖାତୁନ, ବୈଶାଖୀ ସାହୁ, ସ୍ୱାଗତିକା ଦାସ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ରକ୍ତାକ୍ତ ଅବସ୍ଥାରେ ଯୁବକ ଉଦ୍ଧାର

ଜଳେଶ୍ୱର ବ୍ଲକ, ୨୩।୮ (ସମିସ) : ଜଳେଶ୍ୱର ଥାନା ଗୋବରଘାଟା ଗ୍ରାମ ପଞ୍ଚାୟତର ଦଳାଇସାହିଠାରେ ନିର୍ମାଣ ଚାଲିଥିବା ନୂତନ ବ୍ରିଜ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକ ମୂର୍ଚ୍ଛା ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ। ପରେ ଗ୍ରାମ ପଞ୍ଚାୟତର ସରପଞ୍ଚ ଚନ୍ଦନ କର ମାଧବ ଦଳାଇ, ରାଜେନ୍ଦ୍ର ବେହେରା ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟରେ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ଉକ୍ତ ଯୁବକଙ୍କ ପରିଚୟ ମିଳି ପାରି ନାହିଁ ତାଙ୍କ ଘର ପଶ୍ଚିମବଙ୍ଗର ଅନୁମାନ କରାଯାଇଛି।

## ଛିଡୁନି ଭାଗମାପ; ଉନ୍ନୟନ କାର୍ଯ୍ୟ ଠପ୍



ଜଳେଶ୍ୱର,୨୩।୮ (ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅଧିନ ବସ୍ତା ବ୍ଲକ, ତାଡଦା ପଞ୍ଚାୟତ ଅନ୍ତର୍ଗତ ପାଣିଶୁଳିଆ ଗ୍ରାମକୁ ତତ୍କାଳୀନ ବିଜେଡି ସରକାର ୨୦୨୩ ମସିହାରେ ଆଦାର୍ଶ ଗ୍ରାମ ଘୋଷଣା କରିଥିଲେ। ସେହି ସମୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଲାଗି ପ୍ରଥମ କିସ୍ତିରେ ୧୦ ଲକ୍ଷ ଓ ୨ୟ କିସ୍ତିରେ ୫ ଲକ୍ଷ ଟଙ୍କାର ଅର୍ଥ ପ୍ରଦାନ କରାଯାଇଥିଲା। କିନ୍ତୁ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କୌଣସି କାର୍ଯ୍ୟ ନ ହୋଇ ଆଦର୍ଶ ଗ୍ରାମଟି ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଗ୍ରାମରେ ରାସ୍ତା ଶୋଚନୀୟ ଥିବା ବେଳେ ଗମନାଗମନରେ ଘୋର ଅସୁବିଧା ପରିଲକ୍ଷିତ ହେଉଛି। ଏହା ସହିତ ଜଳ ନିଷ୍କାସନ ଲାଗି ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଜଳ ମଗ୍ନ ରହୁଛି। ଗ୍ରାମରେ ପାନୀୟ ଜଳ ସମସ୍ୟା ବିଷମ ଥିବା ବେଳେ ସ୍ୱାସ୍ଥ୍ୟ, ଆଲୋକୀକରଣ ବ୍ୟବସ୍ଥାରୁ ଲୋକେ ବଞ୍ଚିତ ହେଉଛନ୍ତି। ସରକାର ଆଦର୍ଶ ଗ୍ରାମ ଲାଗି ଅର୍ଥ ମଞ୍ଜୁର କରିଥିବା ବେଳେ ଭାଗ ବଣ୍ଟା ଛିଣ୍ଡୁ ନ ଥିବାର ମୃଦୁ ଗୁଞ୍ଜରଣ ହେଉଛି। ଏହା ସହିତ ତୃଣମୂଳ ସ୍ତରରେ ରାଜନୈତିକ ବିଦ୍ୱେଷ ଯୋଗୁଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଗ୍ରାମବାସୀ ମୌଳିକ ସୁବିଧା

- **ମୌଳିକ ସୁବିଧାରୁ ବଞ୍ଚିତ ପାଣିଶୁଳିଆ ଗାଁ**
- **ଉନ୍ନୟନ କାର୍ଯ୍ୟ ଆରମ୍ଭ ନ ହେଲେ ମଞ୍ଜୁର ଅର୍ଥରାଶି ଫେରିଯିବ**

ପାଇପାରୁ ନାହାଁନ୍ତି। ଏ ସମ୍ପର୍କରେ ସରପଞ୍ଚ ପ୍ରଭାତ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ରାଜନୈତିକ ଛକାପଞ୍ଝା ଓ ୱାର୍ଡ ପ୍ରତିନିଧିଙ୍କ ଅସହଯୋଗରୁ କାର୍ଯ୍ୟ ସମ୍ଭବ ହୋଇପାରୁନାହିଁ ବୋଲି କହିଛନ୍ତି। ଠିକ ସମାନ ଭାବରେ ୱାର୍ଡ ସଦସ୍ୟ ପ୍ରତିନିଧି ସରପଞ୍ଚଙ୍କ ଅସହଯୋଗ ଯୋଗୁଁ କାର୍ଯ୍ୟ ଅଟକି ରହିଥିବା ସୂଚନା ଦେଇଛନ୍ତି। ଏ ବାବଦରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କୁ ପଚାରିବାରୁ ସରପଞ୍ଚ, ୱାର୍ଡ ସଦସ୍ୟ ଓ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ୩ ମାସ ପୂର୍ବେ ଏକ ବୈଠକ ହୋଇ ସାରିଛି। କାର୍ଯ୍ୟ ଆରମ୍ଭ ନ ହେଲେ ମଞ୍ଜୁର ଅର୍ଥରାଶି ସରକାରଙ୍କ ତହବିଲକୁ ଫେରିଯିବ ବୋଲି ସୂଚନା ଦିଆଯାଇଛି। ତେବେ ଏ ନେଇ ଗ୍ରାମବାସୀ ଦିନେଶ ଦତ୍ତ, ମହେଶ୍ୱର ଜେନା, ଗୌମତ କୁମାର ଦାସ, ବାଳକୃଷ୍ଣ ପ୍ରଧାନ,ବ୍ରଜ ମାଧବ ଶତପଥୀ ପ୍ରମୁଖ ବରିଷ୍ଠ ନେତୃତ୍ୱ ତୁରନ୍ତ କାର୍ଯ୍ୟ ଲାଗି ଦାବି ଜଣାଇଛନ୍ତି।

## ସାହାରା ଫାଉଣ୍ଡେସନ ପକ୍ଷରୁ ପାଠ୍ୟ ସାମଗ୍ରୀ ବଣ୍ଟନ



ଜଳେଶ୍ୱର,୨୩।୮ (ସମିସ): ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନ ଗୋପାଳ ପୁର କ୍ଲଷ୍ଟର ଅନ୍ତର୍ଗତ ପିଞ୍ଚାବଣୀ ପ୍ରାଥମିକ ବିଦ୍ୟାଳୟରେ ସାହାରା ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାଠ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଶନିବାର କ୍ଲଷ୍ଟରର ସିଆରସିସି ସତ୍ୟବ୍ରତ କାପୁଡି ସ୍ୱୀକୃତିରେ ପ୍ରଧାନ ଶିକ୍ଷକ ରଘୁନାଥ ମୁର୍ମୁଙ୍କ ଉପସ୍ଥିତିରେ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହାରା ଫାଉଣ୍ଡେସନର ସଭାପତି ଡ. ଭରତ ଗାନ୍ଧୀ, ସମ୍ପାଦକ କୁନାଲ ସିଂ ଯୋଗଦେଇ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ସହାୟତା ଲାଗି ସଂଗଠନ ନିରନ୍ତର ହାତ ବଢାଇବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସାଗର କୁମାର ଦା, ଶ୍ରୀକୃଷ୍ଣ ବେହେରା, ତାପସ ଭଣ୍ଡାର,ସଞ୍ଜୟ ମହାନ୍ତି, ରବି ନାରାୟଣ ସାହୁ ସହଯୋଗ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଗବେଷଣା ପାଇଁ କୃତିଦୀପା ମନୋନୀତ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ଗ୍ରାମର ଛାତ୍ରୀ କୃତିଦୀପା ରାଉତ ଦ୍ୱାରା ଆଇଆଇଟି ହାଇଦ୍ରାବାଦରେ ଜୀବ ବିଜ୍ଞାନ ବିଷୟରେ ଗବେଷଣା ପାଇଁ କେନ୍ଦ୍ର ସରକାରଙ୍କ ମନୋନୀତ ହୋଇଛନ୍ତି। ତାଙ୍କର ଏହି ଗବେଷଣା ତୁଳସୀ ଗଛ ଉପରେ ପର୍ଯ୍ୟବେସିତ। ପିଲାବେଳୁ ଜଣେ ବୈଜ୍ଞାନିକ ହେବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ଥିଲା ଏବଂ ପରିବାରର ସଂସ୍କାର, ମାବାପା ତଥା ଶିକ୍ଷକ ମାନଙ୍କ ଆଶୀର୍ବାଦ ଯୋଗୁ ତାଙ୍କୁ ଏହି ସଫଳତା ମିଳିଛି ବୋଲି ପ୍ରକାଶ କରିଛନ୍ତି। କେବଳ ଏହି ଗବେଷଣା ପାଇଁ ନୁହେଁ ମ୍ୟାଟ୍ରିକ, +୨, ସ୍ନାତକ ଓ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଶିକ୍ଷା ଆହରଣରେ ସଫଳତା ମଧ୍ୟ ମିଳିଛି। ତୃତୀୟ ଶ୍ରେଣୀରୁ ସେ ଗୀତା ପଢିବା ଅଭ୍ୟାସ କରିଥିଲେ। ତାଙ୍କ ମା ତାଙ୍କୁ ଗୀତାର ଓଡିଆ ଅର୍ଥ ମଧ୍ୟ ବୁଝାଇଥିଲେ। ଯାହା ଭବିଷ୍ୟତ ଗଢିବାରେ ତାଙ୍କୁ ଅନେକ ସହଯୋଗ କରୁଛି ବୋଲି ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି। ଖଇରା ଶିକ୍ଷକ ଭବନ ପରିସରରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପ୍ରଧାନ ଶିକ୍ଷକ ସୁଦାମ ଚରଣ ରାଉତ ପୌରହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମା କୁନ୍ତଳା ମହାରଥୀ, ହାଇସ୍କୁଲ ସମୟର ଶିକ୍ଷକ ପିତାମ୍ବର ପତି, ପୂର୍ବତନ ଶିକ୍ଷକ ସଂଘ ସଭାପତି କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ କୃତିଦୀପାଙ୍କ ଗବେଷଣା କେବଳ ଖଇରାକୁ ନୁହେଁ ବିଶ୍ୱକୁ ନୂଆ ଆବିଷ୍କାର ଦେବ ବୋଲି କହିଥିଲେ। ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ କୃତିଦୀପାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଞ୍ଜଲତା ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ମହତୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନିୟମିତତା ଅଭିଯୋଗ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ବିଭିନ୍ନ ଗ୍ରାମର ଅଧିବାସୀ ଖଇରା ବିଡିଓ ନାରାୟଣ ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ କାର୍ଯ୍ୟାଳୟରେ କମ୍ପ୍ୟୁଟର କିଣା, ଗ୍ରୀଷ୍ମ ଋତୁରେ ଜଳଛତ୍ର କରାନଯାଇ ମିଥ୍ୟାବିଲ କରାଯିବା, ଆକ୍ସାଗାର୍ଡଙ୍କୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରାଯିବା ସହ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନାମରେ ମଧ ଅର୍ଥ ହେରଫେର କରାଯାଥିବା ନେଇ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ବିଡିଓଙ୍କୁ ଯୋଗାଯୋଗ କରାଯିବାରେ ସେ ତଦନ୍ତ ପାଇଁ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ଚକବାବନରେ ଜଳ ନିଷ୍କାସନ ପଥ ଅବରୋଧ

ଜଳେଶ୍ୱର,୨୩।୮ (ସମିସ): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଅଧୀନ ଚକବାବନ ଗାଁର ମଧ୍ୟଭାଗରେ ଥିବା ଅଠରଅଂଶୀ ପୋଖରୀରୁ ଜଳ ନିଷ୍କାସନ ପାଇଁ ନିର୍ମିତ ହୋଇଥିବା ଡ୍ରେନକୁ ଅବରୋଧ କରାଯାଇଥିବାରୁ ଗାଁର ୪୦ରୁ ଉଦ୍ଧ୍ୱର୍ ପରିବାର ଜଳବନ୍ଦୀ ସମସ୍ୟା ଭୋଗୁଛନ୍ତି। ଏନେଇ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ତାଙ୍କର ଜନଶୁଣାଣୀ ପ୍ରୋଟାଲ ରେ ଓ ଜଳେଶ୍ୱର ତହସିଲଦାର ଏବଂ ବିଡିଓଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ



ଦୁର୍ଦ୍ଦଶା ଭୋଗୁଛନ୍ତି ଗାଁ ଲୋକେ

ଚକବାବନ ଅଠର ଅଂଶୀ ପୋଖରୀ ଚାରି ପାଶ୍ୱର୍ରେ ୪୦ରୁ ଉଦ୍ଧ୍ୱର୍ୱ ପରିବାର ବାସ କରନ୍ତି। ବର୍ଷାଦିନେ ଏତଦ୍ ଅଞ୍ଚଳର ଉଦବୃତ୍ତ ବର୍ଷା ପାଣି ପୋଖରୀରେ ପଡ଼ିଥାଏ। ତେବେ ପୋଖରୀରୁ ପାଣି ନିଷ୍କାସିତ ହୋଇ ପାରୁ ନଥିବାରୁ ବର୍ଷାଦିନେ ଲୋକେ ହନ୍ତସନ୍ତ ହେଉଥିଲେ। ଏ ନେଇ ୨୦୦୫ ମସିହାରେ ଗ୍ରାମ୍ୟ କମିଟିର ଏକ ବୈଠକ ବସି ଜଳ ନିଷ୍କାସନ ପାଇଁ ହୋମ୍ ପାଇପ ପକାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ଜୈନିକ ଜମି ମାଲିକ ତାଙ୍କ ଜମିରେ ଜଳ ନିଷ୍କାସନ ପଥ ତିଆରି ହେଲେ ଅସୁବିଧା ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ। ଫଳରେ ସେହି ୨୦୦୫ ମସିହାରେ ଉକ୍ତ ବ୍ୟକ୍ତିଗତ ଜମି ଉପରେ ହୋମ ପାଇପ୍ ପକା ଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜଳ ନିଷ୍କାସନରେ ସମସ୍ୟା ହେବାରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୯୦ ହଜାର ଟଙ୍କା ବ୍ୟୟରେ କଂକ୍ରିଟ ଡ୍ରେନ ମଧ୍ୟ ନିର୍ମିତ ହୋଇଥିଲା। ଫଳରେ ପୋଖରୀ ସୁରୁଖୁରୁରେ ପାଣି ନିଷ୍କାସିତ ହେଉଥିଲା। କିନ୍ତୁ ଗତ ସପ୍ତାହ ତଳେ ଜମି ମାଲିକ ହଠାତ୍ ଡ୍ରେନ କୁ ଅବରୋଧ କରିଦେଇଛନ୍ତି। ଫଳରେ ପୋଖରୀରୁ ଜଳ ନିଷ୍କାସନ ହୋଇ ନ ପାରି ସ୍ଥାନୀୟ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ବିଶେଷ କରି କଂକ୍ରୀଟ ରାସ୍ତା ଓ ଲୋକଙ୍କ ଘରବାଡ଼ି ପାଣିରେ ବୁଡି ରହିଛି। ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି। ଗାଁ ର ପିଲା ମାନେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପାରୁନାହାଁନ୍ତି। ଗତକାଲି ଗ୍ରାମବାସୀ ଡ୍ରେନ ସଫା କରିବାକୁ ଯାଇଥିବା ବେଳେ ଜମି ମାଲିକ ସଫା କରିବାକୁ ଦେଇନଥିଲେ। ଏ ନେଇ ଆଜି ଗ୍ରାମର ଶ୍ରୀକଣ୍ଠ ମହାନ୍ତି, ହେରମ୍ବ ନାରାୟଣ ଦାସ, ଜୟନ୍ତ ଗିରି, ଗଣେଶ ଚନ୍ଦ୍ର ସେଣ, ତପନ ସାହୁ, ଉତ୍ତମ ସାହୁ, ବରୁଣ ସେଣ, ରତନ କୁମାର ସେଣ, ସତ୍ୟ ରଞ୍ଜନ ସେଣ ପ୍ରମୁଖଙ୍କ ଦସ୍ତଖତରେ ଜିଲ୍ଲାପାଳଙ୍କ ପ୍ରୋଟାଲ ସହ ଜଳେଶ୍ୱର ତହସିଲଦାର ଏବଂ ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ସୁବର୍ଣ୍ଣରେଖାରୁ ବଢ଼ିଚାଲିଛି ବେଆଇନ ବାଲି ଚାଲାଣ

କାଳିପଦା, ୨୩।୮ (ସମିସ)





ସୁବର୍ଣ୍ଣରେଖା ନଦୀରୁ ଟ୍ରକ୍, ଟ୍ରାକ୍ଟର, ଜେସିବି ଆଦି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟତଃ ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ ନିକଟ ଜଳେଶ୍ୱର ତହସିଲ୍ ଅଧିନ କଣ୍ଠାପାଳ ବାଲି ଖାଦାନ ଓ ବାଲିଆପାଳ ତହସିଲ୍ ଅଧିନ ଅସ୍ତି ପଞ୍ଚାୟତର ବଡାପାଳ, ଚଡ ବଡ଼ାପାଳ, ଅସ୍ତି ଗାଁ ତଟ ନଦୀରୁ ଦୈନନ୍ଦିନ ଶତାଧିକ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଛି। ରାତିରେ ଏହି ସବୁ ବେଆଇନ୍ କାର୍ଯ୍ୟ ହେଉଛି। କିଛି ମୁଷ୍ଟିମେୟ ଲୋକ ଉଭୟ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ହାତ କରି ଏହି କାରବାର କରୁଛନ୍ତି। ପ୍ରଶାସନର କେତେକ ତଳିଆ କର୍ମଚାରୀ ମାସିକିଆ ବଟି ନେଇ ଚୁପ୍ ରହୁଛନ୍ତି। କେତେକ ସାମ୍ବାଦିକ ମଧ୍ୟ ବାଲିଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି। କେତେକ ନିଜକୁ ପୁଲିସ, ଆର୍ ଆଇ, ସାମ୍ବାଦିକ ଆଦି ପରିଚୟ ଦେଇ ମଧ୍ୟ ଚାନ୍ଦା ଆଦାୟ କରୁଛନ୍ତି। ଏହି ସବୁ ନକଲି ସାମ୍ବାଦିକ, ପୁଲିସ୍, ଆର୍ ଆଇଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେମାନଙ୍କ ବେଆଇନ୍ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଶୁକ୍ରବାର ଅସ୍ତି ଗ୍ରାମ ପଞ୍ଚାୟତ ସଧାରଣ ଲୋକ ଦୃଢ଼ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଦୁଇ ବାଲି ଖାଦାନ ନିଲାମକୁ ନେଇ ପ୍ରାଶାସନର ଟାଳଟୁଳ ନୀତି ଚୋରା ବାଲି ଚାଲାଣ କାରୀକୁ ଖୁବ୍ ସୁହାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ଖାଦାନ ନିଲାମ ହେଲେ ଚୋରି ଅନେକାଂଶରେ ରୋକା ଯାଇ ପାରନ୍ତା। ମାତ୍ର ଦୀର୍ଘଦିନ ଧରି ଦୁଇ ଖାଦାନର ନିଲାମ ବନ୍ଦ ରହିଛି। ନିର୍ଦ୍ଦିଷ୍ଟ ସମୟରେ ବାଲି ଖାଦାନ ନିଲାମ ହେଲେ ଚୋରା ଚାଲାଣ ହୁଅନ୍ତା ନାହିଁ। କିନ୍ତୁ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ୭/୮ ବର୍ଷ ହେବ ଖାଦାନ ନିଲାମ ହୋଇ ପାରୁ ନାହିଁ। ଏଥି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ଏଥିଯୋଗୁଁ ବାଲି ମାଫିଆମାନେ ମାଲେ ମାଲ ହେଉଛନ୍ତି। ଉଚ୍ଚ ନ୍ୟାୟାଳୟ ସକାଳ ୭ଟାରୁ ରାତି ୯ଟା ମଧ୍ୟରେ ବାଲି ଚାଲାଣ ହୋଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଆଇନକୁ କେହି ମାନୁ ନାହାଁନ୍ତି। ଅନେକ ସମୟରେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି, ଥାନାରେ ମିଥ୍ୟା ମକଦ୍ଦମା ପର୍ଯ୍ୟନ୍ତ କଥା ଯାଉଛି। ଘର ତିଆରି ପାଇଁ ବାଲି ଜରୁରୀ ଆବଶ୍ୟକ ପଦାର୍ଥ ହୋଇ ଥିବାରୁ ସରକାର ଏଥିପାଇଁ କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ସେତୁର ଉଭୟ ପାଶ୍ୱର୍ରେ ଦୁଇ ଖାଦାନ ଥିବାରୁ ସେତୁଟି ଧୀରେ ଧୀରେ ଦୁର୍ବଳ ହେଉଛି। ରାଜୀବ ଜେନା, ବନମାଳି ମାହାଳିକ, ରାଧାକୃଷ୍ଣ ଜେନା, ରବୀନ୍ଦ୍ର ନାଥ ଦାସ, ବେଣୁଧର ଦାସ, ସନ୍ତୋଷ ପ୍ରଧାନ, ପଙ୍କଜିନୀ ଦାସ, ପ୍ରଶାନ୍ତ ଜେନା, କମଳାକାନ୍ତ ପାତ୍ର, ସଞ୍ଜୟ ଦାସ, ହରେକୃଷ୍ଣ ଜେନା,ଭାନୁ ଚରଣ ଜେନା, ସଞ୍ଜୟ ପରିଡା ପ୍ରମୁଖ ଶତାଧିକ ପଞ୍ଚାୟତବାସୀ ଚୋରା ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରିଛନ୍ତି।

**କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଜଣାଇଲେ ପଞ୍ଚାୟତବାସୀ**

# ଭଲ ନୁହେଁ ନିତିଦିନିଆ ମେକ୍‌ଅପ୍



ମହିଳାମାନେ ତ୍ୱଚାରେ ଥିବା କଳାଦାଗକୁ ଦୂର କରି ଆକର୍ଷଣୀୟ ତ୍ୱଚା ପାଇବା ପାଇଁ ମେକ୍‌ଅପ୍ କରିଥାନ୍ତି । ସେହିପରି କେତେକ ମହିଳା ଅଫିସ୍, କଲେଜ ଆଦି ଯିବା ସମୟରେ ନିୟମିତ ମେକ୍‌ଅପ୍ କରିଥାନ୍ତି । କିନ୍ତୁ ଏପରି କରିବା ଦ୍ୱାରା ତ୍ୱଚାକୁ କ୍ଷତି ପହଞ୍ଚିଥାଏ । ଏଥିସହ ତ୍ୱଚାର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ । କେବଳ ସେତିକି ନୁହେଁ, ଏଥିଯୋଗୁ ବ୍ରଣ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ ।

- ନିୟମିତ ମେକ୍‌ଅପ୍ କରିବା ଦ୍ୱାରା ଲୋମଛିଦ୍ର ବନ୍ଦ ହୋଇଯାଏ । ସେହିପରି କିଛି ମହିଳାଙ୍କ ତ୍ୱଚାରେ ସଂକ୍ରମଣ ସମସ୍ୟା ହୋଇଥାଏ । ଏଥିସହ ଚର୍ମ ଶୁଷ୍କ ରହିଥାଏ ।
- ବିଶେଷଜ୍ଞଙ୍କ କହିବାନୁଯାୟୀ ପ୍ରତିଦିନ ମେକ୍‌ଅପ୍ କରିବା ଅନାବଶ୍ୟକ । କୌଣସି ପାର୍ଟି ଫଙ୍କ୍‌ସନ୍ କିମ୍ବା ବିଶେଷ ଦିନରେ ମେକ୍‌ଅପ୍ କରିବା ଠିକ୍ । ଏଥିସହ ଫେସ୍‌ୱାସ୍ ପରେ ମଏଶ୍ଚରାଇଜର୍ ଲଗାଇବା ମଧ୍ୟ ଜରୁରି ।
- ତ୍ୱଚା ଅନୁସାରେ ଠିକ୍ ମେକଅପ୍ ପ୍ରସାଧନ ବ୍ୟବହାର କରିବା ଆବଶ୍ୟକ । ସେହିପରି ଶୋଇବା ପୂର୍ବରୁ ମେକ୍‌ଅପ୍ ରିମୁଭର୍ ବ୍ୟବହାର କରିବା ଜରୁରୀ ।

# ଗୃହିଣୀରୁ ଉଦ୍ୟୋଗୀ ଅର୍ପିତା



ଆଜିର ମହିଳା ନିଜକୁ ଆର୍ଥିକ ସଶକ୍ତ କରିବା ଦିଗରେ ଆଗକୁ ବଢୁଛନ୍ତି । କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି । ଏହାଦ୍ୱାରା ନିଜର ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି । ଦୃଢ଼ ଆତ୍ମବିଶ୍ୱାସ ଓ ମନବୋଳ ଥିଲେ ସବୁକିଛି ସମ୍ଭବ ବୋଲି ସେମାନେ ପ୍ରମାଣିତ କରିଛନ୍ତି । ସେମିତି ଜଣେ ମହିଳା ହେଲେ ବୌଦ୍ଧ ଜିଲ୍ଲା ଖୁଣ୍ଟିଆପଡ଼ା ଗ୍ରାମର ଅର୍ପିତା ଦେଓ । ସେ ମିଲେଟ୍‌ରୁ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି କରି ବିକ୍ରି କରନ୍ତି । ଏଥିସହ 'ମିଲେଟ୍ ବେକରୀ କାଫେ' ପ୍ରତିଷ୍ଠା କରି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିଛନ୍ତି ।

ଖାଦ୍ୟ ପ୍ରସ୍ତୁତିରେ ରୁଚି ରଖୁଥିବା ଅର୍ପିତା ବୌଦ୍ଧରେ ଆୟୋଜିତ ଅନେକ ମିଲେଟ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିରେ ମାଣ୍ଡିଆ ତଥା ମିଲେଟ୍‌ରେ ତିଆରି ବିଭିନ୍ନ ଜିନିଷ ବାବଦରେ ସେ ପ୍ରଶିକ୍ଷଣ ନେଇଥିଲେ । ମିଲେଟ୍ ଆଧାରିତ ଅନେକ ସଫଳ ଭିଡିଓ ଦେଖିଥିଲେ । ଏହାପରେ ସେ ଓଡ଼ିଶା ମିଲେଟ୍ ମିଶନ ତାଲିମ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଲେ । ଧୀରେ ଧୀରେ ମିଲେଟ୍ ତିଆରି ଜିନିଷ ପ୍ରତି ତାଙ୍କର ଆଗ୍ରହ ବଢ଼ିଲା । ଫଳରେ ସେ ୨୦୨୨ ମସିହାରେ ମିଲେଟ୍ ଖାଦ୍ୟପଦାର୍ଥ ଉପରେ ଗବେଷଣା ଆରମ୍ଭ କରିଥିଲେ । କଠିନ ପରିଶ୍ରମ କରି ସେ ୨୦୨୩ ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀର ସାତଜଣ ମହିଳାଙ୍କୁ ନେଇ ମିଲେଟ୍ ବେକରୀ କାଫେ ପ୍ରତିଷ୍ଠା କରିଥିଲେ । ଏଥିରେ ସେ ପ୍ରଥମେ ୮ ପ୍ରକାର ଖାଦ୍ୟ ସାମଗ୍ରୀ ରଖିଥିଲେ । ସମୟକ୍ରମେ ବ୍ୟବସାୟ ବୃଦ୍ଧିହେଲା ଲୋକେ ତାଙ୍କ ନିର୍ମିତ ଖାଦ୍ୟକୁ ପସନ୍ଦ କଲେ । ଏବେ ସେ କାଫରେ ୨୫ ରୁ ଅଧିକ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏଥିସହ ସହ ବାଜରାରୁ କୁକିଜ୍ ତିଆରି କରୁଛନ୍ତି । ବ୍ୟବସାୟରେ ସଫଳତା ପାଇଁ ତାଙ୍କୁ ୨୦୨୩-୨୦୨୪ ମସିହାରେ ବୌଦ୍ଧ ଜିଲ୍ଲାର ସର୍ବଶ୍ରେଷ୍ଠ ମିଲେଟ୍ ଉଦ୍ୟୋଗୀ ଭାବେ ମିଶନ ଶକ୍ତି ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

ଏଥିସହ ଜିଲ୍ଲାରେ ମିଲେଟ୍ ଟିଫିନ୍ କେନ୍ଦ୍ର ଖୋଲିବା ପାଇଁ ଅର୍ପିତାଙ୍କ 'ମାଆ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ମିଲେଟ୍ ମିଶନ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଗୋଷ୍ଠୀର ମହିଳାଙ୍କ ସହାୟତାରେ ସେ ମାଣ୍ଡିଆରୁ ଭଳିକି ଭଳି, ବିସ୍କୁଟ୍,ଆରିସା, କେକ୍, ନିମ୍‌କି,ଚା', ଉପମା, ସୁପ୍, ନୁଡୁଲ୍ ଭଳି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସେଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ବିକ୍ରିବଟା କରିଥାନ୍ତି । ମିଲେଟ୍‌ରୁ ଭଳିକି ଭଳି ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ଗାଁ ତଥା ସହରାଞ୍ଚଳରେ ତାଙ୍କ ଖାଦ୍ୟର ଲୋକାଦୃତ ହୋଇପାରିଛି । ଏହି ମିଲେଟ କାଫେରୁ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିକୁ ନେଇ ପ୍ରଶିକ୍ଷଣ ଦେଇଥାନ୍ତି । ଏହାଦ୍ୱାରା ଜିଲ୍ଲାରେ ୩୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମିଲେଟ୍ ବ୍ୟବସାୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ଶାଗୁ ପରଟା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଶାଗୁ – ୨୦୦ ଗ୍ରାମ୍, ସିଝା –ଆଳୁ –ଦୁଇଟି, ଚିନାବାଦାମ- ଏକ କପ୍, ଜିରା – ଏକ ଚାମଚ, କଟା ଧନିଆ ପତ୍ର – ଅଧା , ଦହି – ଏକ କପ୍ , ଜିରା ଲଙ୍କା ଗୁଣ୍ଡ – ଅଧା ଚାମଚ , ତେଲ – ଆବଶ୍ୟକତା ଅନୁସାରେ , ଲୁଣ – ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି



ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ଶାଗୁ ପକାଇ ଉଷୁମ କରନ୍ତୁ । ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ଏହାପରେ ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ଶାଗୁ ସମେତ ଭଜା ଚିନାବାଦାମ ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ସେଥିରେ ସିଝା ଆଳୁକୁ, ଜିରା, ଧନିଆପତ୍ର ଲୁଣ ଦେଇ ଅଟା ଭଳି ଏହାକୁ ଚକଟି ଦିଅନ୍ତୁ । ଏହାପରେ ଛୋଟ ଛୋଟ ଗୁଳା କରି ଏହାକୁ ଅଟା ଗୁଣ୍ଡ ଦେଇ ପୁରୀ ଭଳି ବେଲନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲେ ସେଥିରେ ପରଟାକୁ ଦେଇ ଅଳ୍ପ ତେଲ ପକାଇ ସେକନ୍ତୁ । ଦୁଇ ପାଖ ହାଲୁକା ନାଲି ରଙ୍ଗ ହୋଇଗଲେ ଏହାକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହେଇଗଲା 'ଶାଗୁ ପରଟା' । ଏହାକୁ ଦହି ଓ ଜିରାଲଙ୍କା ଗୁଣ୍ଡ ସହ ପରଷନ୍ତୁ ।

# ଗଣେଶ ପୂଜାରେ ମରାଠୀ ଲୁକ୍



ପାଖେଇ ଆସୁଛି ଗଣେଶ ପୂଜା । ଏଥିପାଇଁ ଚଳଚଞ୍ଚଳ ଗାଁଠୁ ସହର । ସାଧାରଣତଃ ପର୍ବପର୍ବାଣୀରେ ମହିଳାମାନେ ସଜେଇ ହେବାକୁ ଭଲପାଆନ୍ତି । ବିଶେଷ କରି ଏବେ ପର୍ବପର୍ବାଣୀ ଅନୁଯାୟୀ ଲୁକ୍ ନେବାକୁ ଯୁବତୀମାନେ ବେଶି ପସନ୍ଦ କରୁଛନ୍ତି । ଏଥିପାଇଁ ପାର୍ଲର ଯାଇ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରିଥାନ୍ତି । କିନ୍ତୁ ଚାହିଁଲେ ଘରେ ଥିବା ଜିନିଷକୁ ଉପଯୋଗ କରି ପୂଜାରେ ପାରମ୍ପରିକ ମରାଠୀ ଲୁକ୍ ନେଇପାରିବେ । ଜାଣିବା ସେ ବିଷୟରେ ।

### ନୌବାରୀ ଶାଢ଼ି

ମରାଠୀ ଲୁକ୍‌ର ମୁଖ୍ୟ ଆକର୍ଷଣ ହେଉଛି ନୌବାରୀ ଶାଢ଼ି । ଏହା ଏକ ପାରମ୍ପରିକ ଶାଢ଼ି ଭାବେ ଜଣାଯାଏ । ଏହାକୁ ଧୋତି ଷ୍ଟାଇଲ୍‌ରେ ପିନ୍ଧାଯାଇଥାଏ । ଏହି ଶାଢ଼ି ରେଶମ ଫ୍ୟାବ୍ରିକ୍‌ରେ ନିର୍ମିତ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।

### ନୋଥ

ନୋଥ ବିନା ମରାଠୀ ଲୁକ୍ ଅସମ୍ପୂର୍ଣ୍ଣ । ତେଣୁ ସମ୍ପୂର୍ଣ୍ଣ ଲୁକ୍ ନେବା ପାଇଁ ମାଳି କିମ୍ବା ଷ୍ଟୋନ୍ ଲାଗିଥିବା ନୋଥ ପିନ୍ଧିପାରିବେ । ସ୍ୱତନ୍ତ୍ର ଡିଜାଇନର ଏହି ନୋଥ ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ । ନାକଫୋଡ଼େଇ ନ ଥିବା ମହିଳାମାନେ ମଧ୍ୟ ଏହାକୁ ସହଜରେ ଲଗାଇପାରିବେ । ମୋତି ଓ କୁନ୍ଦନରେ ସଜ୍ଜିତ ଏହି ନୋଥ ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ।

### ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦି

ତେବେ ମରାଠୀ ଲୁକ୍‌ରେ ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ମୁହଁରେ ଲଗାଇଲେ ଖୁବ୍ ସୁନ୍ଦର ଦିଶିଥାଏ । ତେଣୁ ପାରମ୍ପରିକ ମରାଠୀ ଲୁକ୍ ପୁରା କରିବା ପାଇଁ ଚନ୍ଦ୍ରକାର ବିନ୍ଦି ଲଗାଇବା ଆବଶ୍ୟକ ।

### ସବୁଜ ଚୁଡ଼ି

ସବୁଜରଙ୍ଗ ଚୁଡ଼ି ମରାଠୀ ମହିଳାଙ୍କ ପରିଚୟ ଭାବେ ଜଣାଯାଏ । ତେଣୁ ହାତରେ ସୁନ୍ଦର ସବୁଜ ଚୁଡ଼ି ପିନ୍ଧିବା ଜରୁରୀ ।

### ଅଣ୍ଟାସୂତା

ସେହିପରି ଲୁକ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଅଣ୍ଟାବିଛା ପିନ୍ଧିପାରିବେ । ବଜାର ବିଭିନ୍ନ ରଙ୍ଗ ଓ ଡିଜାଇନର୍ ଅଣ୍ଟାବିଛା ମିଳୁଛି ।

# କଞ୍ଚା ଅମୃତଭଣ୍ଡା ମାସ୍କର ଫାଇଦା



ଅମୃତଭଣ୍ଡା ଉଭୟ ତ୍ୱଚା ଓ ଶରୀର ପାଇଁ ସ୍ୱାସ୍ଥ୍ୟକର ହୋଇଥାଏ । ବିଶେଷ କରି କଞ୍ଚା ଅମୃତଭଣ୍ଡାରେ ଥିବା ଏନ୍‌ଜାଇମ୍ସ ଓ ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ପୋଷଣ ଦେଇଥାଏ । ତେଣୁ କଞ୍ଚା ଅମୃତ ଭଣ୍ଡା ତ୍ୱଚାରେ ଲଗାଇଲେ କେଉଁ ସୁଫଳ ମିଳିଥାଏ, ଜାଣିବା ସେ ବିଷୟରେ...



### ଦାଗ ଓ ବ୍ରଣ ସମସ୍ୟାରୁ ମୁକ୍ତି

କଞ୍ଚା ଅମୃତଭଣ୍ଡା ଆଣ୍ଟି ବ୍ୟାକ୍ଟେରିୟଲ ଗୁଣରେ ଭରପୂର ରହିଥାଏ । ତେଣୁ ଏହାକୁ ତ୍ୱଚାରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ । ଏଥିସହ ତ୍ୱଚା ଉଜ୍ଜ୍ୱଳ ଦିଶିଥାଏ ।

### ମୃତ କୋଷ କରେ ଦୂର

ଏଥିରେ ଥିବା ଏନ୍‌ଜାଇମ୍ସ ତ୍ୱଚାର ଉପର ପରସ୍ତରେ ଥିବା ମୃତ କୋଷକୁ ହଟାଇ ନୂଆ ତ୍ୱଚା ବାହାରକୁ ଆଣିଥାଏ । ଏହାଦ୍ୱାରା ତ୍ୱଚା ସତେଜ ଓ ଉଜ୍ଜ୍ୱଳ ଦିଶିଥାଏ ।

### ପିଗ୍‌ମେଣ୍ଟେସନ୍ କରେ ଦୂର

କଞ୍ଚା ଅମୃତଭଣ୍ଡା ତ୍ୱଚାରେ ଥିବା ମେଲାଲିନ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା କଳାଦାଗ , ପିଗ୍‌ମେଣ୍ଟେସନ୍ ହାଲୁକା ହୋଇଥାଏ ।

### ମୁହଁ ତେଲ ନିୟନ୍ତ୍ରଣ

ବିଶେଷ କରି ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ କଞ୍ଚା ଅମୃତଭଣ୍ଡା ବରଦାନ ସ୍ୱରୂପ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରି ଏକ ମ୍ୟାଟ୍ ଲୁକ୍ ଦେଇଥାଏ । ଏହା ମୁହଁର ରୁକ୍ଷତାକୁ ଦୂର କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

### ସତର୍କତା

- କଞ୍ଚା ଅମୃତଭଣ୍ଡା ଖୁବ୍ କଡ଼ା ହୋଇଥାଏ । ତେଣୁ ସମ୍ବେଦନଶୀଳ ତ୍ୱଚା ଥିବା ମହିଳାମାନେ ଏହାକୁ ସିଧାସଳଖ ତ୍ୱଚାରେ ଲଗାନ୍ତୁ ନାହିଁ ।
- ପ୍ରଥମେ ପ୍ୟାଚ୍ ଟେଷ୍ଟ କରି ଏହାକୁ ତ୍ୱଚାରେ ଲଗାଇବା ଭଲ । ଏହାଦ୍ୱାରା ତ୍ୱଚାରେ କୌଣସି ପ୍ରକାର ସଂକ୍ରମଣ ହୋଇ ନଥାଏ ।
- ଦୀର୍ଘ ସମୟ ଏହାକୁ ତ୍ୱଚାରେ ଲଗାଇ ରଖନ୍ତୁ ନାହିଁ । ଲଗାଇବାର ୧୦-୧୫ ମିନିଟ୍‌ରେ ଏହାକୁ ଧୋଇ ଦିଅନ୍ତୁ ।

# ଘର ପାଇଁ ସୁଗନ୍ଧିତ ତୈଳ

ଦିନସାରା ଧାଁଦୌଡ଼ ଭିତରେ ସନ୍ଧ୍ୟାରେ ଘରକୁ ଫେରିଲେ ମନକୁ ଟିକିଏ ଆଶ୍ୱସ୍ତି ମିଳିଥାଏ । ଏଥିପାଇଁ ସମସ୍ତେ ନିଜ ଅନୁସାରେ ଘରକୁ ସଜାଇଥାନ୍ତି । ସେହିପରି ଘରେ ଶାନ୍ତି ବାତାବରଣକୁ ଦ୍ୱିଗୁଣିତ କରିବାକୁ ଚାହୁଁଥିଲେ ଘରେ ରୁମ୍ ସ୍ପ୍ରେ ବଦଳରେ ଏସେନ୍‌ସିଆଲ୍ ଅଏଲ ସ୍ପ୍ରେ କରିପାରିବେ । ଏହାକୁ ବ୍ୟବହାର କରିବା ଦ୍ୱାରା ଶାନ୍ତି ମିଳିବା ସହ ଘରେ ସକାରାତ୍ମକ ବାତାବରଣ ରହିଥାଏ ।

### ସାଇଟ୍ରିକ୍ ଅଏଲ୍‌ରୁ ସତେଜ

ମନ ଅଶାନ୍ତି ରହୁଥିଲେ, ସାଇଟ୍ରିକ୍ ବେସ୍‌ଡ ଅଏଲ୍‌କୁ ଶୋଇବା କୋଠରୀରେ ସ୍ପ୍ରେ କରିପାରିବେ । ସେହିପରି ବର୍ଷାଦିନେ ଏହା ଘରକୁ ଓଦାଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିସହ ଚାହିଁଲେ ଲେମ୍ବୁ ଥିବା ଏସେନ୍‌ସିଆଲ୍ ଅଏଲ ବ୍ୟବହାର କରିପାରିବେ । ଏହାଦ୍ୱାରା ଘରେ ସକାରାତ୍ମକ ପରିବେଶ ସହ ମନ ପ୍ରସନ୍ନ ରହିଥାଏ ।

### ଲାଭେଣ୍ଡର ଅଏଲ୍

ଘରେ ହସଖୁସିର ବାତାବରଣ ରଖିବାକୁ ଚାହୁଁଥିଲେ, କିଛି ଲାଭେଣ୍ଡର ଅଏଲ୍ ନେଇ ସେଥିରେ ପାଣି ମିଶାଇ ସ୍ପ୍ରେ କରିପାରିବେ । ଏଥିସହ ଗେଷ୍ଟ ରୁମ୍, ବେଡ୍‌ରୁମ ଆଦିରେ ଏହାକୁ ସ୍ପ୍ରେ କରିପାରିବେ । ସେହିପରି ଚାହିଁଲେ ତକିଆରେ ମଧ୍ୟ ଏହାର କିଛି ବୁନ୍ଦା ସ୍ପ୍ରେ କରିପାରିବେ । ସେହିପରି କାମକୁ ନେଇ ଅଧିକ ଚାପ ଅନୁଭବ କରୁଥିଲେ ଏହାଦ୍ୱାରା ଚାପମୁକ୍ତ ଅନୁଭବ ହୋଇଥାଏ ।



### ଚନ୍ଦନ ଓ ଗୋଲାପ

ସେହିପରି ଘରକୁ ଏକ ବିଳାସମୟ ଅନୁଭୂତ ଦେବାକୁ ଚାହୁଁଥିଲେ, ଚନ୍ଦନ ଓ ଗୋଲାପ ତେଲ ସ୍ପ୍ରେ କରିପାରିବେ । କାରଣ ଏହାର ବାସ୍ନା ଖୁବ୍ ସୁନ୍ଦର ହୋଇଥାଏ । ସେହିପରି ଚନ୍ଦନ ତେଲ ଜୀବାଣୁରୋଧୀ ହୋଇଥାଏ । ସେହିପରି ଚାହିଁଲେ ଏହାକୁ ଇଣ୍ଡୋର୍ ପ୍ଲାଣ୍ଟରେ ମଧ୍ୟ ଛିଞ୍ଚିପାରିବେ ।

■ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା

# ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୨୩।୮ (ସମିସ): ଶ୍ରୀନଗରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା ପ୍ରଶଂସନୀୟ ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ୧୦ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ମଧ୍ୟପ୍ରଦେଶ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ସହ ୧୮ ପଦକ ଜିତି ଚାମ୍ପିଅନ ହୋଇଛି। ସେହିଭଳି କେରଳ (୭ ପଦକ) ୩ୟ, ଉତ୍ତର ପ୍ରଦେଶ (୩ ପଦକ) ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଶେଷଦିନରେ ଓଡ଼ିଶା ପ୍ରତିଯୋଗୀମାନେ ୫ଟି ପଦକ ଜିତିବାରେ ସଫଳ ହୋଇଥିଲେ। ଯେଉଁଥିରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ରହିଛି। ରଶ୍ମିତା ସାହୁ ଓ ଆଟୋଇବାମ୍ ଦେବୀ ଯୋଡ଼ି କାନୋଇଂ-୫୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ମହିଳା କାୟାକିଂ-୫୦୦ ମିଟର ଓ ପୁରୁଷ ସିଙ୍ଗଲ୍ସ ସ୍କଲରେ ସ୍ୱର୍ଣ୍ଣ ପଦକ ରାଜ୍ୟକୁ ମିଳିଥିଲା।

## ଟାଇଟଲ୍ ବଜାୟ ରଖିଲା ନର୍ଥଇଷ୍ଟ

କୋଲକାତା, ୨୩।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଶନିବାର ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯାଇଥିବା ଏକପାଖିଆ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ୍ ୬-୧ ଗୋଲ୍‌ର ବୃହତ୍ ବ୍ୟବଧାନରେ ଡାଏମଣ୍ଡ ହାର୍ବର ଦଳକୁ ପରାସ୍ତ କରିଥିଲା। ଏଥିସହ ନର୍ଥଇଷ୍ଟ ୨ୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାରେ ସଫଳ ହୋଇଛି। ସେହିଭଳି ଡୁରାଣ୍ଡ କପ୍‌ର ଗତ ୩୪ ବର୍ଷ ମଧ୍ୟରେ ପ୍ରଥମ ଦଳ ଭାବେ ନର୍ଥଇଷ୍ଟ କ୍ରମାଗତ ଚାମ୍ପିଅନ ହୋଇଛି। ଶେଷଥର ଲାଗି ଇଷ୍ଟ ବେଙ୍ଗଲ ୧୯୮୯, ୧୯୯୦ ଓ ୧୯୯୧ରେ କ୍ରମାଗତ ୩ବର୍ଷ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ଡୁରାଣ୍ଡ କପ୍ ପଦାର୍ପଣରେ ଫାଇନାଲରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଘରୋଇ ଡାଏମଣ୍ଡ ହାର୍ବର ଫାଇନାଲରେ କିନ୍ତୁ ବିଜୟ ଧାରାକୁ ବଜାୟ ରଖିପାରି ନ ଥିଲା। ସେମିଫାଇନାଲରେ ହାର୍ବର ଦଳ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ହରାଇଥିଲା।

ଡୁରାଣ୍ଡ କପ୍



## ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଓ କିକ୍‌ବକ୍ସିଂରେ କିଟ୍‌କୁ ୨ ପଦକ

ଭୁବନେଶ୍ୱର, ୨୩।୮ (ସମିସ): କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ଆଉ ୨ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍‌ରେ ଏମ୍‌ବିଏ ପଢୁଥିବା ଅବିନାଶ ମହାନ୍ତି ଘାନା ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ଡବଲ୍ସରେ ସେ ଏହି ସଫଳତା ପାଇଥିଲେ। ଏଥିରେ ଅନ୍ୟତମ ଓଡ଼ିଆ ଖେଳାଳି ଆୟୂଷ ପଟ୍ଟନାୟକଙ୍କୁ ସାଥୀ କରି ଖେଳିଥିବା ଅବିନାଶ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଇଣ୍ଡୋନେସିଆରେ ଅନୁଷ୍ଠିତ କିକ୍‌ବକ୍ସିଂ ଓପନ୍ ପ୍ରତିଯୋଗିତାରେ କିଟ୍‌ର ଯଶ କୁମାର ସିହ୍ନା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଉଭୟ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ - ୨୦୨୭

# ଦ.ଆଫ୍ରିକାର ୮ଟି ଭେନ୍ୟୁରେ ୪୪ ମ୍ୟାଚ୍

ଜୋହାନ୍ସବର୍ଗ,୨୩।୮ (ଏଜେନ୍ସି):

ଆଫ୍ରିକା ମହାଦେଶର ୩ଟି ଦେଶ ଯଥା ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ୨୦୨୭ ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ଲାଗି ଏବେଠାରୁ ସ୍ଥାନୀୟ ଆୟୋଜନ କମିଟି ସମସ୍ତ ପ୍ରକାର ପ୍ରସ୍ତୁତିରେ ଲାଗିପଡ଼ିଛି। ବିଶେଷ କରି ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୪ ବର୍ଷ ପରେ ଆଇସିସି ବିଶ୍ୱକପ୍ ଖେଳାଯାଉଥିବାରୁ ଆୟୋଜକ ଓ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏହା ମଧ୍ୟରେ ବିଶ୍ୱକପ୍‌ର ଆୟୋଜନ ମିଳିତଭାବେ ହେଉଥିବାରୁ କେଉଁ ଦେଶ କେତୋଟି ମ୍ୟାଚ୍ ଆୟୋଜନ କରିବ ସେ ସମ୍ପର୍କରେ ଆଜି କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ଘୋଷଣା କରିଛି। ଘୋଷଣା ଅନୁଯାୟୀ ଦକ୍ଷିଣ ଆଫ୍ରିକାରେ ୪୪ଟି ଏବଂ ଅନ୍ୟ ଦୁଇଦେଶ ଜିମ୍ବାୱେ ଓ ନାମିବ୍ୟାରେ ୧୦ଟି ମ୍ୟାଚ୍ ଖେଳାଯିବ। ଦକ୍ଷିଣ ଆଫ୍ରିକାରେ ମଧ୍ୟ କେଉଁ ଭେନ୍ୟୁରେ ମ୍ୟାଚ୍ ଖେଳାଯିବ ତାହା ଘୋଷଣା କରାଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ଟ୍ରେଭର ମାନୁଏଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅର୍ଗାନାଇଜିଂ କମିଟି (ଏଲ୍‌ଓସିବି) ଗଠନ କରାଯାଇଛି।

୨୦୨୭ ଅକ୍ଟୋବର ଓ ନଭେମ୍ବର ମାସରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଭାଗନେବେ। ୨୦୨୭ ସୁଦ୍ଧା ଆଇସିସି ମାନ୍ୟତାରେ ଥିବା ପ୍ରଥମ ୮ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ସେହିପରି ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ପ୍ରଥମେ ଯୋଗ୍ୟତା ଅର୍ଜନ କରିଛି। କିନ୍ତୁ ଯୁଗ୍ମ ଆୟୋଜକ ଜିମ୍ବାୱେ ଓ ନାମିବ୍ୟାକୁ ସେହି ସୁଯୋଗ ମିଳିନାହିଁ।



ଏହା ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ମ୍ୟାଚ୍ ଖେଳାଯିବାକୁ ଥିବା ୮ଟି ଭେନ୍ୟୁ ଚୂଡାନ୍ତ ହୋଇଛି। ସେଗୁଡିକ ହେଲା ଜୋହାନ୍ସବର୍ଗ, ପ୍ରିଟୋରିଆ, କେପ୍‌ଟାଉନ୍, ଡର୍ବାନ, ଜେବେର୍‌ହା (ପୋର୍ଟ ଏଲିଜାବେଥ), ବ୍ଲୋଏମଫୋଣ୍ଟେନ, ଇଷ୍ଟ ଲଣ୍ଡନ ଓ ପାର୍ଲ। ସେହିପରି ଜିମ୍ବାୱେର ହରାରେ ଓ ବୁଲାୱାୟୋ, ନାମିବ୍ୟାର ଗୋଟିଏ ସହର ୱିଣ୍ଡୋହୋଏକ୍‌ରେ ୩ଟି ଗ୍ରାଉଣ୍ଡ ଯଥା ନାମିବ୍ୟା କ୍ରିକେଟ ଗ୍ରାଉଣ୍ଡ, ୟୁନାଇଟେଡ ଗ୍ରାଉଣ୍ଡ ଓ ୱାଣ୍ଡରର୍ସ କ୍ରିକେଟ ଗ୍ରାଉଣ୍ଡ। ପରେ ଅନ୍ୟ କଥା ଉପରେ ନିଷ୍ପତ୍ତି ନିଆଯିବ ବୋଲି ସିଏସ୍‌ଏ ପକ୍ଷରୁ କୁହାଯାଇଛି।

ସିଏସ୍‌ଏ ସଭାପତି ରିହାନ ରିଚାର୍ଡ୍ସଙ୍କ କହିବା ଅନୁଯାୟୀ ଦୀର୍ଘ ୨୪ ବର୍ଷ ପରେ ପୁରୁଷ କ୍ରିକେଟ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବାରୁ ନୂଆ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ରହିଛି। ବିଶେଷ କରି ଡିଜିଟାଲ ଯୁଗରେ ଦର୍ଶକଙ୍କୁ କିପରି ଷ୍ଟାଡିୟମ୍‌କୁ ଆକୃଷ୍ଟ କରାଯିବ ତାହା ଉପରେ ଆମେ ବେଶ ଗୁରୁତ୍ୱ ଦେଉଛୁ। ଏହି ସୁଯୋଗକୁ ଆମେ ଆଦୌ ହାତଛଡ଼ା କରିବୁ ନାହିଁ। ଆଫ୍ରିକା ମହାଦେଶରେ କ୍ରିକେଟକୁ ଅଧିକ ଲୋକପ୍ରିୟ କରାଇବା ଏବଂ ନୂଆ ଦର୍ଶକଙ୍କୁ ଆକୃଷ୍ଟ କରିବା ଆମର ମୂଳ ଲକ୍ଷ୍ୟ। ଏହି ସମୟରେ ଏହି ମେଗା ଇଭେଣ୍ଟ କିପରି ଶୃଙ୍ଖଳାର ସହ ଆୟୋଜିତ ହେବ ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଦକ୍ଷିଣ ଆଫ୍ରିକାର ସରକାର ଓ ପ୍ରଶାସନ ପୂରା ସହଯୋଗ କରୁଛନ୍ତି। ଆମେ ବିଶ୍ୱ କ୍ରିକେଟ ପ୍ରେମୀଙ୍କୁ ଦକ୍ଷିଣ ଆଫ୍ରିକା ସହ ଯୋଡିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ରିଚାର୍ଡସ।

ପୂର୍ବପରି ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଅଂଶଗ୍ରହଣ କରିବେ। ଏହି ଦେଶଗୁଡିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ରାଉଣ୍ଡ ରବିନ ଭିତ୍ତିରେ ଲିଗ୍ ମ୍ୟାଚ୍ ଖେଳାଯିବା ପରେ ପ୍ରତ୍ୟେକ ଗ୍ରୁପ୍‌ର ୩ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର ସିକ୍ସକୁ ଉନ୍ନୀତ ହେବେ। ସୁପର ସିକ୍ସରେ ଯୋଗ୍ୟତା ଅର୍ଜନ କରିଥିବା ୩ଟି ଦଳ ଅନ୍ୟ ଗ୍ରୁପ୍‌ର ୩ଟି ଦଳ ସହ ଖେଳିବେ। ଏହା ପରେ ୧୯୯୯ ବିଶ୍ୱକପ୍ ଭଳି ପଏଣ୍ଟ ଭିତ୍ତିରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ଗତ ସଂସ୍କରଣ ବା ୨୦୨୩ରେ ଏହି ବିଶ୍ୱକପ୍ ଭାରତରେ ଖେଳାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲାବେଳେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

## ଦୁଲୀପ୍ ଟ୍ରଫି ଖେଳିବେନି ଗିଲ୍

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଅସୁସ୍ଥତା ଯୋଗୁ ଚଳିତମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଦୁଲୀପ୍ ଟ୍ରଫି ଆନ୍ତଃଜୋନ୍ କ୍ରିକେଟ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ପୂର୍ବାଞ୍ଚଳ ସହ ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଗିଲ୍ ଉତ୍ତରାଞ୍ଚଳର ନେତୃତ୍ୱ ନେଇଥାନ୍ତେ। ଏବେ ତାଙ୍କ ସ୍ଥାନରେ ଅଙ୍କିତ କୁମାରଙ୍କୁ ଉତ୍ତରାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଏହି ମ୍ୟାଚ୍ ଖେଳିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଦୁଲୀପ୍ ଟ୍ରଫି ଖେଳିବାରେ ଅସମର୍ଥ ହୋଇଥାନ୍ତେ। ସେପ୍ଟେମ୍ବର ୯ରୁ ଏସିଆ କପ୍ ଆରମ୍ଭ ହେବାକୁ ଥିଲାବେଳେ ଗିଲ୍ ଏହି ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୫ ଯାଏ ଦୁଲୀପ ଟ୍ରଫି ଖେଳାଯିବ। ଏଣୁ ସେ ପୂରା ଟୁର୍ଣ୍ଣାମେଣ୍ଟ ଖେଳିପାରି ନ ଥାନ୍ତେ।

ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଦଳର ନେତୃତ୍ୱ ନେଇ ଗିଲ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହା ଫଳରେ ତାଙ୍କ ଟି-୨୦ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଟେଷ୍ଟ ସିରିଜ୍‌ରେ ସେ ୭୫୪ ରନ୍ କରିଥିଲେ। ଉତ୍ତରାଞ୍ଚଳ ତାହାର ପ୍ରଥମ ମ୍ୟାଚ୍ ପୂର୍ବାଞ୍ଚଳ ସହ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଖେଳିବ। ଏହି ମ୍ୟାଚ୍‌ରେ ପୂର୍ବାଞ୍ଚଳର ନେତୃତ୍ୱ ନେବାକୁ ମନୋନୀତ ହୋଇଥିବା ଇଶାନ କିସାନ ମଧ୍ୟ ଫିଟ୍ ହୋଇ ନ ଥିବାରୁ ଓହରିଯାଇଥିଲେ। ତାଙ୍କ ସ୍ଥାନରେ ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଅଙ୍କିତ ବନାମ ଅଭିମନ୍ୟୁଙ୍କ ନେତୃତ୍ୱରେ ଏହି ମ୍ୟାଚ୍ ଖେଳାଯିବ।

## ଜାତୀୟ ଜୁନିଅର ହକି: ଓଡ଼ିଶାକୁ ରୌପ୍ୟ




ଭୁବନେଶ୍ୱର, ୨୩।୮ (ସମିସ): ପଞ୍ଜାବରେ ଅନୁଷ୍ଠିତ ଜାତୀୟ ଜୁନିଅର ପୁରୁଷ ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡ଼ିଶା ୨-୩ ଗୋଲରେ ହରିୟାଣା ନିକଟରୁ ପରାସ୍ତ ହୋଇଥିଲା। ଏକଦା ୨-୦ରେ ଅଗ୍ରଣୀ ରହିଥିବା ଓଡ଼ିଶା ମ୍ୟାଚର ଶେଷ ୧୦ ମିନିଟରେ ୩ଟି ଗୋଲ୍‌ବରଣ କରି ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲା। ସେହିଭଳି ଆୟୋଜକ ପଞ୍ଜାବ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଥିଲା। ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ୨ଟି ଗୋଲ୍ ଦେଇଥିଲା। ୧୭ତମ ମିନିଟରେ ଦୀପକ ପ୍ରଧାନ ଓ ୧୯ତମ ମିନିଟରେ ପ୍ରତାପ ଟପ୍ପୋଙ୍କ ଷ୍ଟିକ୍ସରୁ ଏହି ଦୁଇଟି ଗୋଲ୍ ବାହାରିଥିଲା। ଫଳରେ ପ୍ରଥମାର୍ଦ୍ଧ ଓଡ଼ିଶା ସପକ୍ଷରେ ଯାଇଥିଲା। ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ମଧ୍ୟ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ହରିୟାଣା ଖେଳାଳି ଶେଷ ୧୦ ମିନିଟରେ ୩ଟି ଗୋଲ୍ ଦେଇ ଓଡ଼ିଶା ନିକଟରୁ ବିଜୟ ଛଡ଼ାଇ ନେଇଥିଲେ। ଏହି ୩ଟି ଗୋଲରୁ ନୀତୀନ ୨ଟି ଗୋଲ୍ ଦେଇ ହରିୟାଣାକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ବୁଚି ବାବୁ କ୍ରିକେଟ୍

## ରେଳବାଇ ବିପକ୍ଷରେ ଓଡ଼ିଶାର ସ୍ଥିତି ମଜଭୁତ

ଭୁବନେଶ୍ୱର, ୨୩।୮ (ସମିସ): ତାମିଲନାଡୁରେ ଚାଲିଥିବା ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଚି ବାବୁ ଟ୍ରଫିରେ ଓଡ଼ିଶା ବିପକ୍ଷରେ ରେଳବାଇ ସଂଘର୍ଷ ଜାରି ରଖିଛି। ପ୍ରଥମ ଦିବସରେ ଓଡ଼ିଶା ପ୍ରଥମ ପାଳିରେ ୮୫.୪ ଓଭରରେ ୨୨୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ରେଳବାଇ ପ୍ରଥମ ପାଳି ଆରମ୍ଭ କରି ୪ ଓଭରରେ ୧୯ ରନ ସଂଗ୍ରହ କରିଥିଲା। ଶନିବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ରେଳବାଇ ଷ୍ଟମ୍ପ ସୁଦ୍ଧା ୪୮ ଓଭରରେ ୧୩୮ ରନରେ ୬ ୱିକେଟ ହରାଇ ସଂଘର୍ଷ ଜାରି ରଖିଛି। ରେଳବାଇ ପାଳି ଅଗ୍ରଣୀ ଲାଗି ବଳକା ୪ ୱିକେଟ୍‌ରେ ଆହୁରି ୮୫ ରନ ଆବଶ୍ୟକ କରୁଛି। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନ ବୋଲର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି। ବର୍ଷା ଲାଗି ୨ୟ ଦିବସରେ ୪୬ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଆଜିଠାରୁ

## ଓଡ଼ିଶାରୁ ଭାଗନେବେ ୬ ପ୍ରତିଯୋଗୀ

ଭୁବନେଶ୍ୱର,୨୩।୮ (ସମିସ): ଅହମ୍ମଦାବାଦ୍‌ଠାରେ ଆସନ୍ତାକାଲିଠାରୁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ବରିଷ୍ଠ, ଯୁବ ଓ କନିଷ୍ଠ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଅଗଷ୍ଟ ୩୦ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବାକୁ ଓଡ଼ିଶାର ୬ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ଯୁବ ବାଳିକା ବିଭାଗ ୪୪ କେଜିରେ ପ୍ରୀତିସ୍ମିତା ଭୋଇ ଓ ୬୩ କେଜିରେ ଟିକି ମୋହିନୀ ମଲ୍ଲିକ। କନିଷ୍ଠ ବାଳିକା ୫୮ କେଜି ବିଭାଗରେ ମିନା ସାନ୍ତା-ଏ' ଓ ୬୩ କେଜି ବିଭାଗରେ ବିଦୁସ୍ମିତା ଭୋଇ ଏବଂ କନିଷ୍ଠ ବାଳକ ୮୮ କେଜି ବିଭାଗରେ ହୃଦାନନ୍ଦ ଦାସ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ବରିଷ୍ଠ ମହିଳା ବିଭାଗରେ ଜଣେ ମାତ୍ର ପ୍ରତିଯୋଗୀ ସ୍ନେହା ସୋରେନ୍ ରହିଛନ୍ତି। ସେ ୫୩ କେଜି ବିଭାଗରେ ଅଂଶଗ୍ରହଣ କରିବେ। ଏମାନେ ସମସ୍ତେ ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟର ଓ ଢେଙ୍କାନାଳ ସବ୍‌ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ଚୟନ ଶିବିରରେ ଏମାନେଙ୍କୁ ମନୋନୀତ କରାଯାଇଥିଲା। ପ୍ରଥମଥର ଓଡ଼ିଶାର ଅଧାଡଜନେ ଖେଳାଳି ଭାଗ ନେଇଥିବାରୁ ଖେଳାଳି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଶୁଭେଚ୍ଛା କରାଯାଇଛି।



ଆନ୍ତଃଜୋନ୍ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍

## ପୂର୍ବାଞ୍ଚଳ ଚାମ୍ପିଅନ



ଭୁବନେଶ୍ୱର, ୨୩।୮ (ସମିସ): ବେଙ୍ଗାଲୁରୁରେ ଅନୁଷ୍ଠିତ ଆନ୍ତଃଜୋନ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ ଚାମ୍ପିଅନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ୪୦ ରନରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୨୦ ଓଭରରେ ୫ ୱିକେଟ୍‌ରେ ୧୬୨ ରନ କରିଥିଲା। ଓଡ଼ିଶାର ପାର୍ବତୀ ମାରାଣ୍ଡି ୬୭, ଯମୁନାରାଣୀ ଟୁଡୁ ୨୬, ବାସନ୍ତୀ ହାଁସଦା ୨୦ ଓ ଝିଲ୍ଲି ବିରୁଆ ୧୮ ରନ କରିଥିଲେ। ଜବାବରେ ପଶ୍ଚିମାଞ୍ଚଳ ୧୫.୫ ଓଭରରେ ୧୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପାର୍ବତୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ସଫଳତା ପରେ ପୂର୍ବାଞ୍ଚଳ ଦଳର ସମ୍ପାଦକ ଏମଡି ଜାଫର ଇକବାଲ, ପ୍ରଶିକ୍ଷକ ସୁଖରାମ ମାଝୀ ପ୍ରମୁଖ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚାମ୍ପିଅନ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଥିଲେ। ଏହି ପ୍ରତିଯୋଗିତାରୁ ଆଗାମୀ ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯିବ।

ଆଜିଠୁ ୟୁଏସ୍ ଓପନ୍

# ୨୫ତମ ଗ୍ରାଣ୍ଡସ୍ଲାମ୍ ଲକ୍ଷ୍ୟରେ ଜୋକୋଭିଚ୍

### ସିଙ୍ଗଲ୍ସ ଚାମ୍ପିଅନଙ୍କୁ ମିଳିବ ୪୩ କୋଟି

ନ୍ୟୁୟର୍କ, ୨୩।୮ (ଏଜେନ୍ସି):

ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୟୁଏସ୍ ଓପନର ଏହା ହେବ ୧୪୩ତମ ସଂସ୍କରଣ। ବିଶ୍ୱର ୭ ନମ୍ବର ଖେଳାଳି ତଥା ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି। ୩୮ ବର୍ଷୀୟ ଜୋକୋଭିଚ୍ ତାଙ୍କ କ୍ୟାରିୟରର ଅନ୍ତିମ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏଠାରେ ଜିତିଥିଲେ। ତେଣୁ ଚଳିତ ବର୍ଷ ଏହି ସଫଳତାକୁ ଜୋକୋଭିଚ୍ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଯଦି ସେ ଚାମ୍ପିଅନ ହୁଅନ୍ତି ତେବେ ଓପନ ଏରାରେ ଉଭୟ ପୁରୁଷ ଓ ମହିଳାବର୍ଗରେ ବିଶ୍ୱର ପ୍ରଥମ ଟେନିସ ଖେଳାଳି ଭାବେ ୨୫ଟି ଗ୍ରାଣ୍ଡସ୍ଲାମ ଜିତିବାର ବିଶ୍ୱକୀର୍ତ୍ତିମାନ ସ୍ଥାପନ କରିବେ। ପ୍ରଥମ ରାଉଣ୍ଡରେ ଜୋକୋଭିଚ୍‌ଙ୍କ ମୁକାବିଲା ଆମେରିକାର ଯୁବେ ଖଳାଳି ଲିନର ତିଏନ୍‌ଙ୍କ ସହ ହେବ।





### ୪୫ ବର୍ଷୀୟ ଭେନସ୍‌ଙ୍କୁ ୱାଇଲ୍ଡ କାର୍ଡ

ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଓ ଆରିନା ସାବାଲେଙ୍କା ଯଥାକ୍ରମେ ପୁରୁଷ ଏବଂ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି। ଇଟାଲୀର ସିନର୍ ଚେକ୍ ଗଣରାଜ୍ୟର ଭିଟ୍ କୋପ୍ରିଭାଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ସେହିଭଳି ସାବାଲେଙ୍କା ପ୍ରଥମ ରାଉଣ୍ଡରେ ଡେନମାର୍କର ତୌସନଙ୍କୁ ଭେଟିବେ। ଅପରପକ୍ଷରେ ଘରୋଇ ଖେଳାଳି ତଥା ୭ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ୪୫ ବର୍ଷୀୟ ଭେନସ୍ ୱିଲିୟମ୍ସ ଦୀର୍ଘ ବର୍ଷର ବ୍ୟବଧାନ ପରେ ୟୁଏସ୍ ଓପନ୍ ଖେଳିବେ। ମହିଳା ସିଙ୍ଗଲ୍ସରେ ତାଙ୍କୁ ଏଥର ୱାଇଲ୍ଡ କାର୍ଡ ମିଳିଛି।

### ମୋଟ୍ ପୁରସ୍କାର ରାଶି ୭୮୫ କୋଟି

ଏଥର ୟୁଏସ୍ ଓପନରେ ରେକର୍ଡ ୭୮୫ କୋଟି ଟଙ୍କା ପୁରସ୍କାର ରଖାଯାଇଛି। ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ସେହିଭଳି ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳି ୪୩ କୋଟି ୬୫ ଲକ୍ଷ ଟଙ୍କା ପୁରସ୍କାର ପାଇବେ। ଯାହାକି ବିଶ୍ୱର ଯେକୌଣସି ଗ୍ରାଣ୍ଡସ୍ଲାମରେ ପ୍ରଦାନ କରାଯାଉଥିବା ସର୍ବାଧିକ ପୁରସ୍କାର ରାଶି। ସିଙ୍ଗଲ୍ସ ବିଭାଗରେ ପ୍ରଥମ ରାଉଣ୍ଡରେ ବିଜୟୀ ହେଲେ ୯୬ ଲକ୍ଷ ଟଙ୍କା, ଦ୍ୱିତୀୟ ରାଉଣ୍ଡରେ ୧ କୋଟି ୩୪ ଲକ୍ଷ, ୩ୟ ରାଉଣ୍ଡ ଜିତିଲେ ୨ କୋଟି ୬ ଲକ୍ଷ ଟଙ୍କା ଖେଳାଳି ସାଙ୍ଗରେ ନେଇଆସିବେ। ସେହିଭଳି ପ୍ରି-କ୍ୱାର୍ଟର ବିଜେତାଙ୍କ ୩.୫ କୋଟି, କ୍ୱାର୍ଟର ବିଜେତାଙ୍କୁ ୫.୭୬ କୋଟି ଏବଂ ସେମିଫାଇନାଲ ବିଜେତାଙ୍କୁ ୧୧ କୋଟି ଟଙ୍କା ମିଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS